
# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ମେ ୨୦/୨୦୧୯ (୧୬ ପୃଷ୍ଠା) | Berhampur, Monday, May 20/2019 | ★★★

୧୫ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

**ମେକ୍‌ଅପ୍‌କୁ ପସନ୍ଦ କରନ୍ତି ତାରା ସୁତାରିଆ**

ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି।

୦୪

୧୫

**ଟାଇଟଲ ବଜାୟ ରଖିଲେ ୱାଇଲ୍ଡର**

ଆମେରିକାୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି।



**ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ**



୧୪

**ଆଜିର ସମ୍ପାଦକୀୟ**

**କ୍ଷମତା କ୍ଷୁଣ୍ଣ**

**ଆଜିର ମନ୍ତବ୍ୟ**

"ଏକ୍‌ଜିଟ ପୋଲ୍ ଭଳି ତୁଚ୍ଛା ଗପରେ ବିଶ୍ୱାସ କରେନାହିଁ। ଇଭିଏମ୍ ଜାଲିଆତି ଲାଗି ଏହାକୁ ଗେମ୍ ପ୍ଲାନ ଭାବେ ବ୍ୟବହାର କରାଯାଉଛି।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 19.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 97 | 154 | 164 |
| DKL | 94 | 150 | 160 |
| BDK | 96 | 153 | 163 |
| BLS | 98 | 155 | 165 |
| ANG | 94 | 150 | 160 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


**ଏକ୍‌ଜିଟ୍ ପୋଲ୍**

# ଏନ୍‌ଡିଏକୁ ବହୁମତ

ନୂଆଦିଲ୍ଲୀ,୧୯।୫(ଆଇଏଏନ୍‌ଏସ୍)

## ■ କଂଗ୍ରେସ କହିଲା ହାସ୍ୟାସ୍ପଦ
## ■ ବିଶ୍ୱାସଯୋଗ୍ୟ ନୁହେଁ: ଟିଏମ୍‌ସି

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ପୁଣିଥରେ କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି। ଏହି କ୍ଷମତାସୀନ ମେଣ୍ଟକୁ ପ୍ରାୟ ୨୯୬ ଆସନରେ ସଫଳତା ମିଳିବ ଏବଂ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)କୁ ୧୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିପରି ଉଭୟ ମେଣ୍ଟରେ ସାମିଲ ନ ଥିବା ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧୯ ଆସନ ଦଖଲ କରିବାରେ ସକ୍ଷମ ହେବେ ବୋଲି ରବିବାର ଅଧିକାଂଶ ଏକ୍‌ଜିଟ୍ ପୋଲ ଭବିଷ୍ୟବାଣୀ କରିଛନ୍ତି। ଭୋଟ ହାରକୁ ଦେଖିଲେ ମୋଟାମୋଟି ଭାବେ ଏନ୍‌ଡିଏକୁ ୪୨.୩%, ଉପାକୁ ୨୯.୬% ଏବଂ ଅନ୍ୟଙ୍କୁ ୨୮.୧% ମିଳିବ ବୋଲି ଆକଳନ କରାଯାଇଛି। ଏକ୍‌ଜିଟ୍ ପୋଲକୁ କଂଗ୍ରେସ ହାସ୍ୟାସ୍ପଦ ବୋଲି ଅଭିହିତ କରିଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିଛନ୍ତି। ତେବେ କେଉଁ ସର୍ବେକ୍ଷଣ ସଂସ୍ଥାର ଆକଳନ କେତେ ସତ ତାହା ଗୁରୁବାର ଭୋଟ ଗଣତି ପରେ ସ୍ପଷ୍ଟ ହେବ।

୨୦୧୯ ସାଧାରଣ ନିର୍ବାଚନ ରବିବାର ସନ୍ଧ୍ୟା ୬ଟାରେ ଶେଷ ହେବା ପରେ ଏକ୍‌ଜିଟ୍ ପୋଲକୁ ନେଇ ନିର୍ବାଚନ କମିଶନଙ୍କ କଟକଣା ଉଠିଛି। ଭାରତରେ କିଏ ସରକାର ଗଠନ କରିବ ତାକୁ ନେଇ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ଓ ଜାତୀୟ ଗଣମାଧ୍ୟମ ପକ୍ଷରୁ ପ୍ରକାଶ ପାଇଛି ବୁଥ୍ ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟର ସାମଗ୍ରିକ ଆକଳନ। ଏକ୍‌ଜିଟ୍ ପୋଲଗୁଡ଼ିକ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ କେନ୍ଦ୍ରରେ ଏନ୍‌ଡିଏ ପୁଣିଥରେ କ୍ଷମତାସୀନ ହେବାକୁ ଯାଉଛି। ଭିଏମ୍‌ଆର୍-ଟାଇମ୍ସ ନାଓର ସର୍ଭେ ଅନୁସାରେ ଏନ୍‌ଡିଏକୁ ୩୦୬, ଉପାକୁ ୧୩୨ ଓ ଅନ୍ୟ ଦଳଗୁଡ଼ିକୁ ୧୦୪ ଆସନରେ ସଫଳତା ମିଳିବ। ସେହିପରି ସିଭୋଟର-ରିପବ୍ଲିକ୍ ଏକ୍‌ଜିଟ୍ ପୋଲର ଆକଳନ ଅନୁଯାୟୀ ଏନ୍‌ଡିଏ ୨୮୭ ଏବଂ ଉପା ୧୨୮ ଆସନ ଦଖଲ କରିବାରେ ସକ୍ଷମ ହେବେ। ଅନ୍ୟ ଦଳଗୁଡ଼ିକୁ ୧୨୭ ଆସନରେ ସଫଳତା ମିଳିବ। ଜନ୍ କୀ ବାତ୍ ସଂସ୍ଥାର ଆକଳନ ହେଉଛି ଏନ୍‌ଡିଏ ୩୦୫ ଆସନ ଦଖଲ କରି ପୂର୍ଣ୍ଣ ବହୁମତ ପାଇବାକୁ ଥିବାବେଳେ ଉପା ହାତକୁ ୧୨୪ ଆସନ ଯିବ ଏବଂ ଅନ୍ୟ ଦଳଗୁଡ଼ିକ ୧୧୩ ଆସନରେ ସଫଳ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୮୬, ଉପା ୧୨୨ ଏବଂ ଅନ୍ୟ ଦଳଗୁଡ଼ିକ ୧୩୪ ଆସନରେ ବିଜୟୀ ହେବେ ବୋଲି ନ୍ୟୁଜ୍ ନେଶନ୍ ପୂର୍ବାନୁମାନ କରିଛି। ଅନ୍ୟତମ ପ୍ରମୁଖ ସର୍ବେକ୍ଷଣ ସଂସ୍ଥା ଚାଣକ୍ୟ-ନ୍ୟୁଜ୍ ୨୪ ଅନୁସାରେ ଏନ୍‌ଡିଏ ୩୫୦ ଆସନରେ ସଫଳତା ହାସଲ କରିବାକୁ ଥିବାବେଳେ ଉପା ୯୫ ଓ ଅନ୍ୟ ଦଳଗୁଡ଼ିକ ୯୭ ଆସନରେ ବିଜୟୀ ହେବେ। ଇଣ୍ଡିଆ ଟୁଡେ-ଆଜତକ୍ ଅନୁସାରେ ଏନ୍‌ଡିଏ ୩୩୯-୩୬୫ ଆସନରେ ବିପୁଳ ସଫଳତା ସହ ସରକାର ଗଠନ କରିବ। ଉପା ୭୭ରୁ ୧୦୮ ଆସନରେ ସନ୍ତୁଷ୍ଟ ହେବ ଓ ଅନ୍ୟ ଦଳଗୁଡ଼ିକ ୬୯-୯୫ ଆସନରେ ବିଜୟୀ ହେବେ। ଅନ୍ୟପକ୍ଷରେ ଏନ୍‌ଡିଏ ୨୪୨ ଆସନରେ ସଫଳତା ହାସଲ କରିବ ଏବଂ ମ୍ୟାଜିକ୍ ନମ୍ବର ଛୁଇଁବା ପାଇଁ ୩୦ ଆସନ ନିଅଣ୍ଟ ହେବ ବୋଲି ନେତା-ନ୍ୟୁଜ୍ ଏକ୍ସ ପକ୍ଷରୁ ଆକଳନ କରାଯାଇଛି। ଏହି ସର୍ବେକ୍ଷଣ ସଂସ୍ଥା ଅନୁସାରେ ଉପା ହାତକୁ ୧୬୪ ଆସନ ଯିବ। ଏବିପି-ନେଲସନ୍ ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛି। ଏନ୍‌ଡିଏ ୨୬୭, ଉପା ୧୨୭ ଓ ଅନ୍ୟାନ୍ୟ ୧୪୮ ଆସନ ପାଇବେ ☞ ପୃଷ୍ଠା–୪

**ଲୋକ ସଭା ଏକଜିଟ୍ ପୋଲ-୨୦୧୯**

| ସର୍ଭେ ସଂସ୍ଥା | ଭାଜପା+ | କଂଗ୍ରେସ+ | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୩୦୬ | ୧୩୨ | ୧୦୪ |
| ସି-ଭୋଟର | ୨୮୭ | ୧୨୮ | ୧୨୭ |
| ଜନ୍ କୀ ବାତ୍ | ୩୦୫ | ୧୨୪ | ୧୧୩ |
| ନ୍ୟୁଜ୍ ନେଶନ | ୨୮୬ | ୧୨୨ | ୧୩୪ |
| ଇଣ୍ଡିଆ ଟୁଡେ | ୩୩୯-୩୬୫ | ୭୭-୧୦୮ | ୬୯-୯୫ |
| ଚାଣକ୍ୟ-ନ୍ୟୁଜ୍ ୨୪ | ୩୫୦ | ୯୫ | ୯୭ |
| ନେତା-ନ୍ୟୁଜ୍ ଏକ୍ସ | ୨୪୨ | ୧୬୪ | ୧୩୬ |

# ଓଡ଼ିଶା: ଭାଜପା ସପକ୍ଷରେ ଜନମତ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପା ପୂର୍ବାପେକ୍ଷା ବହୁତ ଭଲ ପ୍ରଦର୍ଶନ କରିବ ବୋଲି ଏକାଧିକ ଏକ୍‌ଜିଟ୍ ପୋଲ୍ ପକ୍ଷରୁ ଆକଳନ କରାଯାଇଛି। ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ରାଜ୍ୟର ୨୧ ଲୋକ ସଭା ଆସନ ମଧ୍ୟରୁ ଗୈରିକ ଦଳ ହାରାହାରି ୧୦ରୁ ୧୨ ଆସନ ଦଖଲ କରିବ ବୋଲି ଭବିଷ୍ୟବାଣୀ କରିଛନ୍ତି। ୨୦୧୪ ନିର୍ବାଚନରେ ଭାଜପା କେବଳ ସୁନ୍ଦରଗଡ଼ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏକ୍‌ଜିଟ୍ ପୋଲ୍ ଆକଳନ ଅନୁସାରେ ଏଥର ବିଜେଡି ସବୁଠୁ ଖରାପ ପ୍ରଦର୍ଶନ କରିବ।



ଇଣ୍ଡିଆ ଟୁଡେ କରିଥିବା ସର୍ଭେ ଅନୁଯାୟୀ, ଭାଜପା ୧୫ରୁ ୧୯ ଆସନ ଜିତିବାର ସମ୍ଭାବନା ରହିଛି। ବିଜେଡିର ଆସନ ସଂଖ୍ୟା ୨୦ରୁ ହ୍ରାସପାଇ ୨ରୁ ୬ ମଧ୍ୟରେ ରହିପାରେ। ସେହିପରି କଂଗ୍ରେସ ଗତଥର ଖାତା ଖୋଲିପାରି ନ ଥିବାବେଳେ ଏଥର ଗୋଟିଏ ଆସନ ହାତେଇପାରେ। ଟାଇମ୍ସ ନାଓର ଆକଳନ ଅନୁଯାୟୀ ବିଜେଡି ୮, ଭାଜପା ୧୨ ଏବଂ କଂଗ୍ରେସ ୧ ଆସନ ପାଇବ। ରିପବ୍ଲିକ ସର୍ଭେରେ ବିଜେଡି ୧୦ ଓ ଭାଜପା ୧୧ ଆସନ ପାଇପାରେ। ସେହିପରି ଏନ୍‌ଡି ଟିଭିର ଆକଳନ କହୁଛି, ଭାଜପା ଓ ବିଜେଡିକୁ ୧୦ ଲେଖାଏ ଆସନ ମିଳିପାରେ। ଜନ୍ କୀ ବାତ୍ ଭାଜପାକୁ ୧୨, ବିଜେଡି ୮ ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରଦାନ କରିଛି। ହେଲେ ଇଣ୍ଡିଆ ଟିଭି ବିଜେଡି ସପକ୍ଷରେ ଜନମତ ଥିବା ପୂର୍ବାନୁମାନ କରିଛି। ତଦନୁଯାୟୀ ବିଜେଡି ୧୫ ଲୋକ ସଭା ଆସନରେ ବିଜୟୀ ହେବାକୁ ଥିବାବେଳେ ଭାଜପା ୬ ଆସନରେ ସଫଳତା ପାଇବ। ନ୍ୟୁଜ୍-୧୮ ବିଜେଡିକୁ ୧୨ରୁ ୧୪ ଏବଂ ଭାଜପାକୁ ୬ରୁ ୮ ଆସନ ପ୍ରଦାନ କରିଛି। ଏବିପି ପକ୍ଷରୁ କରାଯାଇଥିବା ସର୍ଭେରେ ଭାଜପାକୁ ୧୨ ଓ ବିଜେଡିକୁ ୯ ଆସନ ଦିଆଯାଇଛି।

**ଲୋକ ସଭା ଆସନକୁ ନେଇ ପୂର୍ବାନୁମାନ**






“କେନ୍ଦ୍ରରେ ପରବର୍ତ୍ତୀ ସରକାର ଭାଜପା କରିବ। ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନାଦେଶ ମିଳିବ। ସହ ଦଳ ୩୦୦ରୁ ଅଧିକ ଆସନ ଜିତିବ। ଏହାସହ ଏନଡ଼ିଏକୁ ୪୦୦ରୁ ଅଧିକ ଆସନ ମିଳିବ।
-ଯୋଗୀ ଆଦିତ୍ୟନାଥ
ମୁଖ୍ୟମନ୍ତ୍ରୀ, ଉତ୍ତର ପ୍ରଦେଶ




# ଇଭିଏମ୍‌ରେ ଜନାଦେଶ, ୨୩କୁ ଅପେକ୍ଷା

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ପଶ୍ଚିମବଙ୍ଗ ଏବଂ ପଞ୍ଜାବର କେତେକ ସ୍ଥାନରେ ହିଂସାକାଣ୍ଡକୁ ବାଦ୍ ଦେଲେ ରବିବାର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିସହିତ ସପ୍ତଦଶ ଲୋକ ସଭା ନିମନ୍ତେ ମୋଟ ୫୪୨ ଆସନରେ ନିର୍ବାଚନ ସରିଛି। ବିପୁଳ ଅର୍ଥ ଜବତ ହେବା ଫଳରେ ତାମିଲନାଡୁର ଭେଲୋର ଆସନରେ ମତଦାନ ବାତିଲ କରାଯାଇଥିଲା। ନିର୍ବାଚନ ସରିବା ସହ ଜନାଦେଶ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ଏବେ ସମସ୍ତଙ୍କର ଅପେକ୍ଷା ୨୩ ତାରିଖକୁ। ସେଦିନ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟା କୁହାଯାଉଥିବା ଭାରତର ସାଧାରଣ ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଏପ୍ରିଲ ୧୧ରୁ ୭ ପର୍ଯ୍ୟାୟରେ ମତଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ ଓ ସିକ୍କିମ୍ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ଅନନ୍ତନାଗ ଆସନରେ ତିନି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଭେଲୋରରେ ଅତ୍ୟଧିକ ଟଙ୍କା ଜବତ କାରଣରୁ ନିର୍ବାଚନ ବାତିଲ ହୋଇଥିବାବେଳେ ତ୍ରିପୁରା ପୂର୍ବ ଆସନରେ ମତଦାନ ଏପ୍ରିଲ ୧୮ରେ ହେବାକୁ ଥିବାବେଳେ ଆଇନଶୃଙ୍ଖଳା କାରଣରୁ ଏହାକୁ ଏପ୍ରିଲ ୨୩କୁ ଘୁଞ୍ଚାଇ ଦିଆଯାଇଥିଲା।



ବାରାଣସୀର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରମାନେ ପରିଚୟ ପତ୍ର ଦେଖାଉଛନ୍ତି ।

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସାମ୍ବିଧାନିକ ଅନୁଷ୍ଠାନଗୁଡିକର କ୍ଷମତା ସଙ୍କୁଚିତ ହୋଇଥିବା ଟିଏମ୍‌ସି ସମେତ ବିଭିନ୍ନ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ନିର୍ବାଚନ କମିଶନ ନରେନ୍ଦ୍ର ମୋଦି ସରକାରଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବେରୋଜଗାରୀ, କୃଷି ଓ ଗ୍ରାମାଞ୍ଚଳ ସମସ୍ୟା, ମୁଦ୍ରାସ୍ଫୀତି, ଜିଡିପି ଅଭିବୃଦ୍ଧି ହ୍ରାସ ଆଦିକୁ କଂଗ୍ରେସ ପ୍ରସଙ୍ଗ କରିଥିଲା। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଜାତୀୟ ସୁରକ୍ଷା ଓ ଆତଙ୍କବାଦକୁ ପ୍ରସଙ୍ଗ କରିଥିଲା ଶାସକ ଦଳ ଭାଜପା। ପୁଲୱାମା ଆତଙ୍କବାଦୀ ଆକ୍ରମଣ, ପାକିସ୍ତାନର ବାଲାକୋଟରେ ବାୟୁସେନାର ଏୟାର ଷ୍ଟ୍ରାଇକ୍‌କୁ ପୁଞ୍ଜି କରି ଭାଜପା ଭୋଟ ସାଉଁଟିବାକୁ ଉଦ୍ୟମ କରିଥିଲା। ଦେଶର ସେନାବାହିନୀକୁ ବ୍ୟବହାର କରି ପ୍ରଧାନମନ୍ତ୍ରୀ ମୋଦି ଫାଇଦା ଉଠାଇବାକୁ

## ଅନ୍ତିମ ପର୍ଯ୍ୟାୟରେ ୬୧% ମତଦାନ
## ପଶ୍ଚିମବଙ୍ଗରେ ଭୋଟ ବେଳେ ହିଂସା

ଉଦ୍ୟମ କରୁଥିବାରୁ ବିଭିନ୍ନ ଦଳ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ନିର୍ବାଚନ ପ୍ରଚାର ବେଳେ କେତେଜଣ ନେତାଙ୍କ ବିବାଦୀୟ ମନ୍ତବ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନିର୍ବାଚନ କମିଶନ ବିଭିନ୍ନ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

ରବିବାର ପଶ୍ଚିମବଙ୍ଗର କେତେକ ସ୍ଥାନରେ ବୋମାମାଡ଼ ସାଙ୍ଗକୁ ଗଣ୍ଡଗୋଳ ହୋଇଥିବା ଖବର ମିଳିଛି। ସେହିପରି ପଞ୍ଜାବର କେତେକ ସ୍ଥାନରେ ମଧ୍ୟ ସଂଘର୍ଷ ଘଟିଛି। ଏହି ପର୍ଯ୍ୟାୟରେ ୫୯ଟି ଆସନରେ ମତଦାନ ହୋଇଥିବାବେଳେ ମତଦାନ ହାର ୬୧ ପ୍ରତିଶତ ରହିଛି। କେତେକ ବୁଥ୍‌ରେ ଇଭିଏମ୍‌ରେ ସମସ୍ୟା ଦେଖାଦେଇଥିବାବେଳେ ଅନ୍ୟ କେତେକ ବୁଥ୍‌ରେ ଲୋକେ ଭୋଟବର୍ଜନ କରିଛନ୍ତି। ସପ୍ତମ ପର୍ଯ୍ୟାୟ ନିର୍ବାଚନରେ ୯୧୮ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବାବେଳେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ଉତ୍ତରପ୍ରଦେଶ ଭାଜପା ସଭାପତି ମହେନ୍ଦ୍ର ନାଥ ପାଣ୍ଡେ, କେନ୍ଦ୍ରମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ରବିଶଙ୍କର ପ୍ରସାଦ, ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲ, କେନ୍ଦ୍ରମନ୍ତ୍ରୀ ହରସିମ୍‌ରତ୍ କୌର୍ ବାଦଲ, ହରଦୀପ ସିଂ ପୁରୀ, କିରଣ ଖେର, ପୱନ କୁମାର ବଂଶଲ, ସନ୍ନି ଦେଓଲ, ଭଗୱନ୍ତ ସିଂ ମାନ୍, ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ୍ ବାନାର୍ଜୀ ଏବଂ ସୁଦୀପ ବନ୍ଦୋପାଧ୍ୟାୟ। ଅନ୍ତିମ ପର୍ଯ୍ୟାୟରେ ପଞ୍ଜାବ ଓ ଉତ୍ତରପ୍ରଦେଶର ୧୩ଟି ଲେଖାଏ ଆସନ, ପଶ୍ଚିମବଙ୍ଗର ୯, ମଧ୍ୟପ୍ରଦେଶ ଓ ବିହାରର ୮ଟି ଲେଖାଏ ଆସନ, ହିମାଚଳପ୍ରଦେଶର ୪, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ମତଦାନ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୪୮.୯୦ ପ୍ରତିଶତ ମତଦାନ ହୋଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରେ ୪୬.୫୩% ଭୋଟଗ୍ରହଣ ହୋଇଛି। ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଉକ୍ତ ରାଜ୍ୟର କେତେକ ସ୍ଥାନରେ ଭୋଟବେଳେ ହିଂସାକାଣ୍ଡ ଘଟିଛି। ମଧ୍ୟାହ୍ନ ସମୟରେ ଉତ୍ତର କୋଲକାତାର ଗିରିଶ ପାର୍କ ନିକଟରେ ବୋମା ଫିଙ୍ଗାଯାଇଥିବା ଭାଜପା ପ୍ରାର୍ଥୀ ରାହୁଲ ସିହ୍ନା ଅଭିଯୋଗ କରିଛନ୍ତି। ପୋଲିସ ଏହାକୁ ଅସ୍ୱୀକାର କରି ବାଣ ଫୁଟିଥିବା କହିଛି। ଦକ୍ଷିଣ କୋଲକାତାର ଏକ ବୁଥ୍ ଭିତରକୁ ଟିଏମ୍‌ସି ପ୍ରାର୍ଥୀ ମାଳା ରାୟଙ୍କୁ ଛଡାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳର ଯବାନମାନେ ବୁଥ୍ ନିକଟରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଟିଏମ୍‌ସି କର୍ମୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋଲକାତା ଓ ଏହାର ଆଖପାଖ ଅଞ୍ଚଳରେ ଗଣ୍ଡଗୋଳ ହୋଇଥିଲା। ସେହିପରି ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ନୀଳାଞ୍ଜନ ରାୟଙ୍କ କାରକୁ କିଛି ଦୁର୍ବୃତ୍ତ ଭଙ୍ଗାରୁଜା କରିଛନ୍ତି। ଯାଦବପୁରର ଭାଜପା ପ୍ରାର୍ଥୀ ଅନୁପମ ହାଜ୍‌ରାଙ୍କ କାରକୁ କିଛି ଅଜଣା ଲୋକ ଆକ୍ରମଣ କରିଛନ୍ତି। ଏହାକୁ ବାଦ୍ ଦେଲେ ଅନ୍ୟତ୍ର ମତଦାନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ପଶ୍ଚିମବଙ୍ଗ ଓ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରେ ଇଭିଏମ୍ ସମସ୍ୟାକୁ ନେଇ ମତଦାନ ବିଳମ୍ବିତ ହୋଇଥିଲା।



ହିମାଚଳ ପ୍ରଦେଶର କିନୌରରେ ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମ ଶରଣ ନେଗୀ (୧୦୩) ଭୋଟ ଦେବାକୁ ଯାଉଛନ୍ତି।

# ରାହୁଲ,ପାୱାରଙ୍କ ସହ ନାଇଡୁଙ୍କ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

**ନୂଆଦିଲ୍ଲୀ,୧୯।୫(ପି.ଟି.)**

କେନ୍ଦ୍ରରେ ଅଣଭାଜପା ସରକାର ଗଠନ ଲାଗି ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ପ୍ରୟାସ ଜୋର୍ ଧରିଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଏନସିପି ମୁଖ୍ୟ ଶରଦ ପାୱାର, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ବିଏସ୍‌ପି ମୁଖ୍ୟ ମାୟାବତୀ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଓ ସିପିଆଇ ନେତାମାନଙ୍କୁ ଭେଟି ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ଆଲୋଚନା କରିଥିଲାବେଳେ ପୁଣି ରବିବାର ରାହୁଲ ଓ ପାୱାରଙ୍କୁ ଭେଟିଛନ୍ତି। ଏହାପରେ ସେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ପରିସ୍ଥିତି ସମ୍ପର୍କରେ ଦୀର୍ଘ ୪୫ ମିନିଟ୍ ଆଲୋଚନା କରିଛନ୍ତି। ଏସ୍‌ପି ଓ ବିଏସ୍‌ପି ଖୋଲାଖୋଲିଭାବେ ବିରୋଧୀ ମେଣ୍ଟକୁ ସମର୍ଥନ ଦେଇ ନ ଥିବାବେଳେ ରବିବାର ନାଇଡୁ କଂଗ୍ରେସ ଓ ଏନ୍‌ସିପି ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏନ୍‌ଡ଼ିଏ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବ୍ୟର୍ଥ ହେଲେ ଅଣଏନଡ଼ିଏ ଦଳଗୁଡ଼ିକୁ ନେଇ କେନ୍ଦ୍ରରେ କିପରି ସରକାର ଗଠନ କରାଯିବ ସେଥିଲାଗି ପ୍ରୟାସ ଚାଲିଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ୍ ୟେଚୁରୀ ପ୍ରମୁଖ ଅଣଏନଡ଼ିଏ ଦଳଗୁଡ଼ିକ ସହ ନାଇଡୁ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିସାରିଛନ୍ତି। କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିଥିବାବେଳେ ଭୋଟ ଫଳାଫଳ ଉପରେ ସମସ୍ତଙ୍କ ନଜର୍ ରହିଛି।

# ମଣିପୁରରେ ୨ ଆତଙ୍କବାଦୀ ଗିରଫ

**ଇମ୍ଫାଲ୍,୧୯।୫(ପି.ଟି.):** ମଣିପୁରର କାକ୍‌ଚିଂ ଜିଲାରେ ପୋଲିସ ୨ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଗିରଫ ଆତଙ୍କବାଦୀମାନେ ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ, ଆଇଜାକ୍-ମୁଇଭା (ଏନ୍‌ଏସ୍‌ସିଏନ୍-ଆଇଏମ୍) ଗୋଷ୍ଠୀର ବୋଲି ପୋଲିସ ରବିବାର ପ୍ରକାଶ କରିଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।




## ଇସିଙ୍କୁ ଭାଜପାର ଅନୁରୋଧ

# ଆଦର୍ଶ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ରହୁ କେନ୍ଦ୍ରୀୟ ବଳ

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସାକୁ ନେଇ ଭାଜପା ନିର୍ବାଚନ କମିଶନଙ୍କ ଆଗରେ ଆପତ୍ତି ଉଠାଇବା ସହ ନିର୍ବାଚନ ପରେ କେତେକ ଭୋଟର୍‌ଙ୍କୁ ଟାର୍ଗେଟ କରି ଶାସକ ଟିଏମ୍‌ସି ପୁଣି ହିଂସା ଘଟାଇବା ଆଶଙ୍କା ଥିବାରୁ ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସକୁ ରଖାଯିବା ଲାଗି ଅନୁରୋଧ କରିଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ରବିବାର ପଶ୍ଚିମବଙ୍ଗରେ ହୋଇଥିବା ୯ ଆସନ ମଧ୍ୟରୁ ୬ଟିରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଭାଜପା ପ୍ରାର୍ଥୀଙ୍କ ଉପରେ ଟିଏମ୍‌ସି ସମର୍ଥକମାନେ ଆକ୍ରମଣ କରିବା ମମତା ବିରୋଧୀ ମତଦାତାଙ୍କୁ ବୁଥ ଭିତରକୁ ନଛାଡ଼ିବା ଭଳି ଘଟଣା ଘଟିଛି। ଏହାକୁ ନିର୍ବାଚନ କମିଶନ ଗୁରୁତର ସହ ନେବାକୁ ସେ କହିଛନ୍ତି। ମମତା ପ୍ରତିଶୋଧ ନେବା କଥା କହୁଥିବାବେଳେ ଟିଏମ୍‌ସି କର୍ମୀମାନେ ଲୋକଙ୍କୁ ସର୍ବସମ୍ମୁଖରେ ପିଟୁଛନ୍ତି। ମମତା ବିରୋଧୀ ଭୋଟର ଆତଙ୍କରେ ଅଛନ୍ତି। ଭୋଟ ପରେ ବି ହିଂସା ଜାରି ରହିବାର ଆଶଙ୍କା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଚରଣବିଧି ଶେଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଫୋର୍ସ ରଖିବା ଜରୁରୀ ବୋଲି ସୀଥାରମଣ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ମେ ୨୩ ତାରିଖରେ ଭୋଟଗଣତି ହେଉଥିବାବେଳେ ୨୭ ପର୍ଯ୍ୟନ୍ତ ଆଚରଣ ବିଧି ଲାଗୁ ରହିବ।

# ବହୁ କେନ୍ଦ୍ରମନ୍ତ୍ରୀ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି

**ନୂଆଦିଲ୍ଲୀ,୧୯।୫**

## ଆର୍‌ଟିଆଇ ତଥ୍ୟ

ବହୁ କେନ୍ଦ୍ରମନ୍ତ୍ରୀ ସେମାନେ ରହୁଥିବା ସରକାରୀ ବଙ୍ଗଳାର ଭଡ଼ା ବାକି ରଖିଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର, ନିର୍ମଳା ସୀଥାରମଣ, ସୁଷମା ସ୍ୱରାଜ, ବିଜୟ ଗୋଏଲ୍, ମୁକ୍ତାର ଆବାସ୍ ନକଭି, ଜିତେନ୍ଦ୍ର ସିଂ ପ୍ରମୁଖ ସରକାରୀ ବଙ୍ଗଳା ଭଡ଼ା ବାକି ରଖିଛନ୍ତି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହା ଦର୍ଶାଯାଇଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଆବାସ ନକ୍‌ଭି ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ନାମରେ ବହୁ ଭଡ଼ା ବାକି ରହିଥିବା ଜଣାପଡ଼ିଛି। ନକ୍‌ଭିଙ୍କ ୧.୪୬ ଲକ୍ଷ ଓ ସିଂଙ୍କ ୩.୧୮ ଲକ୍ଷ ଟଙ୍କା ଭଡ଼ା ବାକିରହିଛି। ଅଜିଥ୍ କୁମାର ସିଂ ନାମକ ଯୁବକ ଏନେଇ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣଙ୍କ ୫୩,୨୭୬ ଟଙ୍କା, ଜାଭଡେକର୍‌ଙ୍କ ୮୬,୯୨୩ ଟଙ୍କା, ଗୋଏଲ୍‌ଙ୍କ ୩ ଲକ୍ଷ ଟଙ୍କା ବାକି ରହିଥିବା ଜଣାପଡ଼ିଛି।

# ନିର୍ବାଚନ ବେଳେ ୩,୪୪୯ କୋଟି ଟଙ୍କା ଜବତ



**ନୂଆଦିଲ୍ଲୀ,୧୯।୫ (ପି.ଟି.)**

ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଦେଶର ବିଭିନ୍ନ ସ୍ଥାନରୁ ମୋଟ ୩୪୪୯.୧୨ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ, ଡ୍ରଗ୍ସ, ମଦ ଓ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) ରବିବାର ସୂଚନା ଦେଇଛନ୍ତି। ୨୦୧୪ ତୁଳନାରେ ଏଥର ପାଖାପାଖି ତିନିଗୁଣ ଅଧିକ ଅର୍ଥ ଜବତ ହୋଇଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ମୋଟ ୧୨୦୬ କୋଟି ଟଙ୍କାର ନଗଦ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା ବୋଲି ଇସି ମହାନିର୍ଦ୍ଦେଶକ (ନିର୍ବାଚନ ଖର୍ଚ୍ଚ) ଦିଲୀପ ଶର୍ମା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମାର୍ଚ୍ଚ ୧୦ରେ ଇସି ନିର୍ବାଚନ ଲାଗି ତାରିଖ ଘୋଷଣା କରିଥିଲେ। ମାର୍ଚ୍ଚ ୧୦ରୁ ମେ ୧୯ ମଧ୍ୟରେ ୮୩୯.୦୩ କୋଟି ଟଙ୍କାର ନଗଦ ଅର୍ଥ, ୨୯୪.୪୧ କୋଟି ଟଙ୍କାର ମଦ, ୧୨୭୦.୩୭ କୋଟି ଟଙ୍କାର ଡ୍ରଗ୍ସ, ୯୮୬.୭୬ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଏବଂ ୫୮.୫୬ କୋଟି ଟଙ୍କାର ଶାଢ଼ୀ, ହାତଘଡ଼ି ଏବଂ ଭୋଟରଙ୍କୁ ବଣ୍ଟାଯିବାକୁ ଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

[ଇତିହାସର ଆଇନାରେ]

## ମେ ୨୦ର ପ୍ରମୁଖ ଘଟଣା

୧୯୮୫ ମେ ୨୦ରେ ପାର୍ଟ ଅଫ୍ ଦି ଭଏସ୍ ଅଫ୍ ଆମେରିକା ସର୍ଭିସ 'ରେଡିଓ ମାର୍ତ୍ତି' କ୍ୟୁବାକୁ ଏହାର କାର୍ଯ୍ୟକ୍ରମ ପ୍ରସାରଣ କରିଥିଲା। ରେଡିଓ ଟେଲିଭିଜନ୍ ମାର୍ତ୍ତି ହେଉଛି ଆମେରିକାର ବେତାର ଓ ଦୂରଦର୍ଶନ ଅନ୍ତର୍ଜାତୀୟ ପ୍ରସାରଣ ସେବା।

୨୦୧୨ ମେ ୨୦ରେ ଇଟାଲିର ଉତ୍ତରଭାଗରେ ୬.୦ ତୀବ୍ରତାର ଭୂମିକମ୍ପ ଯୋଗୁ ୨୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଆହତ ହୋଇଥିଲେ। ଏଥିସହିତ ବ୍ୟାପକ ଧନସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା।

# କେଦାରନାଥ ପରେ ବଦ୍ରିନାଥରେ ମୋଦି

**ବାରାଣସୀ,୧୯।୫**



## ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କେଦାରନାଥ ଓ ରବିବାର ବଦ୍ରିନାଥ ଗସ୍ତ କରିଛନ୍ତି। ଶେଷ ପର୍ଯ୍ୟାୟ ଭୋଟବେଳେ ମୋଦିଙ୍କ କେଦାରନାଥ ଗସ୍ତକୁ ଟିଭିରେ ଘନ ଘନ ପ୍ରସାରଣ କରାଯିବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ଟିଏମ୍‌ସି କହିବା ସହ ନିର୍ବାଚନ କମିଶନ(ଇସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛି। ଟିଏମ୍‌ସି ନେତା ଡେରେକ୍ ଓବ୍ରିଏନ୍ ଚିଠି ଲେଖି ଏହା ଅନୈତିକ ଓ ଭୋଟରଙ୍କୁ ପରୋକ୍ଷଭାବେ ପ୍ରଭାବିତ କରିବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ଦର୍ଶାଇଛନ୍ତି। ଇସି ତୁରନ୍ତ ଏଭଳି ପ୍ରସାରଣକୁ ବନ୍ଦକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଅନୁରୂପଭାବେ ଟିଡିପି ପକ୍ଷରୁ ଏହା ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ନିର୍ବାଚନ କମିଶନଙ୍କୁ ଚିଠି ଲେଖି ଜଣାଯାଇଛି। ସେପଟେ ପ୍ରଧାନମନ୍ତ୍ରୀ କେଦାରନାଥ ଯାତ୍ରା ଲାଗି ଅନୁମତି ଦେଇଥିବାରୁ ନିର୍ବାଚନ କମିଶନଙ୍କ ଧନ୍ୟବାଦ ଜଣାଇଛନ୍ତି।




# ଏକ୍‌ଜିଟ୍ ପୋଲ୍‌କୁ ନେଇ ଭାଜପା ଉତ୍ସାହିତ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ସାଧାରଣ ନିର୍ବାଚନ-୨୦୧୯ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୩ ଦିନ ପରେ ଭୋଟ ଗଣତି ହେବ। ପୂର୍ବ ୩ ଥର ଭଳି ଏଥର ମଧ୍ୟ ରାଜ୍ୟରେ ଏକ ସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତଥର ନିର୍ବାଚନରେ ଲୋକ ସଭା ସିଟ୍‌କୁ ନେଇ ଭୋଟରଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ଦୀର୍ଘ ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ନିର୍ବାଚନ ପ୍ରଚାରରେ ଲୋକ ସଭା ଆସନକୁ ଅଧିକ ଗୁରୁତ୍ୱ ଦେଇଥିଲା। ଏପରିକି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଜେଡି ୨୧ରୁ ୨୧ ଲୋକ ସଭା ଜିତିବା ନେଇ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ହେଲେ ଭାଜପା ସଙ୍ଗଠିତ ଭାବେ ପ୍ରତି ସିଟ୍‌ରେ ବିଜେଡିକୁ କଡା ଟକ୍କର ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ। ଗତଥର ପଶ୍ଚିମ ଓଡ଼ିଶାରେ ଭାଜପାର ଲୋକ ସଭା ଭୋଟ ହାର ଭଲ ରହିଥିଲା। ତେଣୁ ସେହି ଅଞ୍ଚଳରେ ବିଜେଡି ସପକ୍ଷରେ ଜନମତ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ବିଜେପୁରରୁ ବିଧାନସଭା ପ୍ରାର୍ଥୀ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଥମରୁ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଉଥିଲା। ହେଲେ ନିର୍ବାଚନ ନିକଟତର ହେବା ସହ କଂଗ୍ରେସକୁ ନେଇ ଭୋଟରଙ୍କ ଉତ୍ସାହ କମିବା ଦେଖିବାକୁ ମିଳିଥିଲା।

ଫଳାଫଳ ଆସି ନାହିଁ ସତ, ହେଲେ ଏକାଧିକ ସଂସ୍ଥାର ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ଜନମତ ବିଜେଡି ବିପକ୍ଷରେ ଏବଂ ଭାଜପା ସପକ୍ଷରେ ଯାଇଛି। ଭୁବନେଶ୍ୱର, ପୁରୀ, କେନ୍ଦୁଝର, ଆସିକା, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଲୋକ ସଭା ଆସନରେ ବିଜେଡି ପରାଜିତ ହେବା ସମ୍ଭାବନା ରହିଛି। ସେହିପରି ରାଜ୍ୟସ୍ତରୀୟ କେତେଜଣ ରାଜନୈତିକ ସମୀକ୍ଷକଙ୍କ ଆକଳନ ଅନୁଯାୟୀ କେତେଜଣ ବିଜେଡି ନେତା ତୃଣମୂଳରେ ଭୋଟରଙ୍କ ରୋଷର ଶିକାର ହୋଇଛନ୍ତି। ତେଣୁ ବିଜେଡି ବିଧାନସଭାରେ ପୂର୍ବ ସଫଳତା ବଜାୟ ରଖିବା କାଠିକର ପାଠ ହେବ ବୋଲି କୁହାଯାଉଛି। ବୌଦ୍ଧ, କନ୍ଧମାଳ, ବଡ଼ମ୍ବା, କଟକ-ବାରବାଟୀ, ବସ୍ତା, ଜଟଣୀ, ବେଗୁନିଆ, ବ୍ରହ୍ମଗିରି, ଉମରକୋଟ, ନବରଙ୍ଗପୁର, ମାଲକାନଗିରି, ଚିତ୍ରକୋଣ୍ଡା, ସୋରଡା, ଗୋପାଳପୁର, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, କୋରେଇ, କେନ୍ଦ୍ରାପଡ଼ା ଭଳି ଆସନ ଫଳାଫଳ ବିଜେଡିକୁ ଚକିତ କରିପାରେ।

ଏକ୍‌ଜିଟ୍ ପୋଲ୍ ଆକଳନକୁ ନେଇ କଂଗ୍ରେସ ନେତା ଶରତ ରାଉତ କହିଛନ୍ତି, ଏକଜିଟ୍ ପୋଲ ଅନ୍ଧାରକୁ ଟେକା ମାରିବା ଭଳି। ବାଜିଲେ ଭଲ, ନ ହେଲେ ନାମ ନେଲ। ଅତୀତରେ ୨୦୦୪ ଲୋକ ସଭା, ୨୦୧୫ ଦିଲ୍ଲୀ ଏବଂ ବିହାର ବିଧାନସଭା ନିର୍ବାଚନ ସମ୍ପର୍କିତ ଏକ୍‌ଜିଟ୍ ପୋଲ୍ ଭୁଲ ପ୍ରମାଣିତ ହୋଇଛି। ତେଣୁ ୨୩କୁ ଅପେକ୍ଷା କରାଯାଉ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଓଡ଼ିଶାରେ କେବଳ ଲୋକ ସଭା ନୁହେଁ, ଭାଜପା ବିଧାନସଭା ନିର୍ବାଚନରେ ବି ଭଲ ଫଳାଫଳ କରିବ। ଏମିତିକି ବିଜେଡିକୁ ହଟାଇ ରାଜ୍ୟ ସଚିବାଳୟ ଦଖଲ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଭିନ୍ନ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ କରାଯାଇଥାଏ। ଏହାକୁ ନେଇ ପ୍ରତିକ୍ରିୟା ଦେବାକୁ ଉଚିତ ମନେ କରୁନାହିଁ।

## ୩୪ ବୁଥ୍‌ରେ ୭୩ ପ୍ରତିଶତ ମତଦାନ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ନିର୍ବାଚନ ସମୟରେ ତୃତୀୟ(ଏପ୍ରିଲ ୨୩) ଓ ଚତୁର୍ଥ (ଏପ୍ରିଲ ୨୯) ପର୍ଯ୍ୟାୟରେ ମନୁଷ୍ୟକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ଥିବା ୩୪ଟି ବୁଥ୍‌ରେ ରବିବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ଏଥିରୁ ତୃତୀୟ ପର୍ଯ୍ୟାୟର ୧୨ଟି ଏବଂ ଚତୁର୍ଥ ପର୍ଯ୍ୟାୟର ୨୨ ବୁଥ୍‌ର ଭୋଟର ମତଦାନ କରିଛନ୍ତି। ଏହି ସମସ୍ତ ବୁଥ୍‌ରେ ପ୍ରାୟ ୭୩ପ୍ରତିଶତ ଭୋଟର ମତଦାନ କରିଛନ୍ତି। ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ୧୯୬, ଦେବଗଡର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରାର ୧୭୧, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୧୨୭, ବିଞ୍ଝାରପୁରର ୧୩୫ ଓ ୧୯୧ ଏବଂ ବରୀ ନିର୍ବାଚନମଣ୍ଡଳୀର ୮୨, ୧୮୫ ଓ ୧୬୨, ୧୬୩ ଓ ୧୯୪, ସୁକିନ୍ଦାର ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରପୋଷୀର ୧୦୪, ବାରିପଦାର ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭,୫୮, ୧୪୪ ଓ ୧୫୭, ସାଲେପୁରର ୮୭,୩୯ ଏବଂ ପାରାଦୀପର ୩୯ନମ୍ବର ବୁଥ୍‌ରେ ସାନି ମତଦାନ ଅନୁଷ୍ଠିତ ହୋଇଛି। ଏହିସବୁ ବୁଥ୍‌ରେ ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସବୁ ବୁଥ୍‌ରେ ଭୋଟରମାନେ ଆଗ୍ରହ ସହକାରେ ମତଦାନ ସାବ୍ୟସ୍ତ କରିଛନ୍ତି।

## ୪୪.୫ ଡିଗ୍ରୀରେ ଟିଟିଲାଗଡ଼

# ୮ ଜିଲାରେ ଜାରି ରହିବ ହିଟ୍ ୱେଭ୍

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ରାଜ୍ୟରେ ଅସମ୍ଭାଳ ହୋଇପଡ଼ିଛି ତାତି। ଅଧିକାଂଶ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହୁଛି। ତାତି ଯେତିକି କଷ୍ଟ ଦେଉଛି, ତା'ଠୁ ବଳିପଡୁଛି ଗୁଳୁଗୁଳି। ଶନିବାର ଅପେକ୍ଷା ରବିବାର ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବା ବେଳେ ୧୩ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ଟିଟିଲାଗଡ଼ ୪୪.୫ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସମ୍ବଲପୁର ୪୪.୪, ବଲାଙ୍ଗୀର ଓ ସୋନପୁର ୪୪, ହୀରାକୁଦ ୪୩.୩, ଝାରସୁଗୁଡ଼ା ଓ ଭବାନୀପାଟଣା ୪୩, ଅନୁଗୋଳ ଓ ତାଳଚେର ୪୨.୧, ମାଲକାନଗିରି ୪୨ ଏବଂ ସୁନ୍ଦରଗଡ଼ ୪୧.୫ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାସହ କଟକ ୩୯.୪ ଓ ଭୁବନେଶ୍ୱର ୩୯.୭ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସହରରେ ହିଟ୍ ୱେଭ୍ ଜାରି ରହିବ। ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଆଦି ୮ଜିଲାରେ ହିଟ୍ ୱେଭ୍ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ଖରାରେ ନ ବାହାରିବା, କାମ କରିବା ସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ପାଣି ରଖିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ବାହାରକୁ ନ ବାହାରିବାକୁ କୁହାଯାଇଛି। ଜରୁରୀ କାମ ଥିଲେ ମୁଣ୍ଡରେ ଓଦା କପଡ଼ା ପକାଇବାକୁ ପରାମର୍ଶ ଦେଇଛି ବିଭାଗ। ରୋଷେଇ କରିବା ସମୟରେ ଝରକା, କବାଟ ଖୋଲା ରଖିବାକୁ ବି ଓସ୍‌ଡମା ପରାମର୍ଶ ଦେଇଛି।

ସେପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼ ଓ ମୟୂରଭଞ୍ଜର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ତେବେ ୨୧ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କାଳବୈଶାଖୀ ହୋଇପାରେ। ଏହି ସମୟରେ ୪୦ରୁ ୫୦କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତର ସମ୍ଭାବନା ରହିଛି।

**ଲୋକ ସଭା ପ୍ରାର୍ଥୀ ଅନୁଭବଙ୍କୁ ହତ୍ୟା ଧମକ ଘଟଣା**

# ଗୁଜରାଟରୁ ଅଭିଯୁକ୍ତ ଗିରଫ

କଟକ ଅଫିସ,୧୯।୫

କେନ୍ଦ୍ରାପଡା ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତିଙ୍କୁ ହତ୍ୟା ଧମକ ଦେବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଦୀପୁ ବାରିକ ଓରଫ କାଳିଆ(୨୨)। ତାଙ୍କ ଘର ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳରେ ହୋଇଥିବାବେଳେ ସେ ବାଦାମବାଡି ଥାନା ଅନ୍ତର୍ଗତ ଖାଞ୍ଜିରିମଙ୍ଗଳା ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୩୦ ତାରିଖରେ ଅନୁଭବଙ୍କ ଫୋନ୍‌କୁ ହ୍ୱାଟ୍ସଆପ୍‌ରେ ମେସେଜ କରି କାଳିଆ ୧୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଅନୁଭବ ପୁରୀଘାଟ ଥାନାରେ ଉକ୍ତ ଦିନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରି ତଦନ୍ତ କରିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଅଭିଯୁକ୍ତ ଜଣଙ୍କ ଗୁଜରାଟ ପଳାଇ ଯାଇ ସେଠାରେ କାମ କରୁଥିଲେ। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରିଥିଲା। ପରେ ପୁରୀଘାଟ ପୋଲିସର ଏକ ସ୍ପେଶାଲ ସ୍କ୍ୱାଡ ଗୁଜରାଟ ଯାଇ ଦୀପୁଙ୍କୁ ଗିରଫ କରିବା ସହ କଟକ ଆଣିଥିଲା।


ଦୀପୁ ବାରିକ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଶି
ପରିବାରବର୍ଗ


ରିଦିମା
ପରିବାରବର୍ଗ


ଜୁହି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇନ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ ଅଫିସ,୧୯।୫**

ମଧୁସୂଦନ ଆଇନ ମହାବିଦ୍ୟାଳୟର ହଷ୍ଟେଲରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଶନିବାର ବିଳମ୍ବିତ ରାତିରେ ମାଲଗୋଦାମ ପୋଲିସ ଉଦ୍ଧାର କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଅଞ୍ଚଳର ଅଜିତ୍ କୁମାର ସେଠୀ(୨୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(୨୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ଅଜିତ୍ ସାଙ୍ଗମାନଙ୍କ ସହ ଭଲ ଭାବେ କଥା ହୋଇଥିଲେ। ରାତି ୧୦ଟାରେ ଖାଇବା ପରେ ଶୋଇବାକୁ ନିଜ ରୁମ୍‌କୁ ଯାଇଥିଲେ। ତେବେ ସେ ରୁମ୍‌କୁ ଯିବାପରେ କବାଟ ବନ୍ଦ କରି ଦେଇଥିଲେ। ତାଙ୍କର ସାଙ୍ଗମାନେ ରାତି ୧୨ଟାରେ ଉକ୍ତ ରୁମ୍‌ର କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ସେମାନେ କବାଟ ଭାଙ୍ଗି ଭିତରକୁ ପଶିବାରୁ ଅଜିତ୍ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ତାଙ୍କର ସାଙ୍ଗମାନେ ତାଙ୍କୁ ତଳକୁ ଆଣିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରବିବାର କଟକ ବଡ ଡାକ୍ତରଖାନାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ତାଙ୍କ ସାଙ୍ଗମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି ରବିନାରାୟଣ ଭଞ୍ଜ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ୍ ଉକ୍ତ କଲେଜରେ ଏଲ୍‌ଏଲ୍‌ବିର ଦ୍ୱିତୀୟ ବର୍ଷ ଛାତ୍ର ଥିଲେ।

### ଶ୍ରୀମନ୍ଦିର କ୍ଷୟକ୍ଷତି ଅନୁଧ୍ୟାନ କଲେ ଧର୍ମେନ୍ଦ୍ର ପ୍ରଧାନ

# ରଥଯାତ୍ରା ସୁଦ୍ଧା ଫେରିବ ସ୍ୱାଭାବିକ ଅବସ୍ଥା

**ପୁରୀ ଅଫିସ, ୧୯।୫**

ବାତ୍ୟା 'ଫନୀ'ରେ ଶ୍ରୀମନ୍ଦିରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ ସହ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ସେବକ ମଧୁସୂଦନ ସିଂହାରୀ ପ୍ରମୁଖ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନପୂର୍ବକ ସ୍ୱାଗତ ଜଣାଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ମନ୍ଦିରକୁ ପ୍ରବେଶ କରିଥିଲେ। ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିସର ବୁଲିଥିଲେ। ଦେବଦେବୀଙ୍କୁ ଦର୍ଶନ କରିସାରିବା ପରେ ଶ୍ରୀମନ୍ଦିରର କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ଏଏସ୍‌ଆଇ ଅଧିକାରୀଙ୍କ ସହ କ୍ଷୟକ୍ଷତି ନେଇ ଆଲୋଚନା କରିବା ସହ ମରାମତି କେମିତି ଚାଲିଛି ତାହା ବୁଝିଥିଲେ।

ପ୍ରାୟ ଦେଢ଼ଘଣ୍ଟା ମନ୍ଦିରରେ ବିତାଇବା ପରେ ବାହାରକୁ ଆସିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ ଯେ, ବାତ୍ୟା ଲାଗି ପୁରୀ ଅଞ୍ଚଳରେ ଅପୂରଣୀୟ କ୍ଷତି ହୋଇଛି। କିନ୍ତୁ ବାତ୍ୟା ଯେଉଁଭଳି ରୂପ ଧାରଣ କରିଥିଲା, ସେଥିରେ ଯେତିକି କ୍ଷତି ହେବାକଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସେପରି କିଛି ହୋଇନି। ତଥାପି ଅନେକ କ୍ଷୟକ୍ଷତି ହୋଇଛି। ଜନଜୀବନ, ପ୍ରାଣୀସମ୍ପଦ ସହିତ ଗରିବ ଲୋକେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଶ୍ରୀମନ୍ଦିର ଭିତରେ ବି ଅନେକ କ୍ଷୟକ୍ଷତି ଘଟିଛି। କଳ୍ପବଟ ବି ବାତ୍ୟାର ଶିକାର ହୋଇଛି। ବର୍ତ୍ତମାନ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ବେଳେ ଅନେକ କାମ ବାକି ରହିଛି। ଟେଲିଫୋନ୍, ବିଜୁଳି, ପିଇବା ପାଣି ସ୍ୱାଭାବିକ ହେବାରେ ଲାଗିଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରଥଯାତ୍ରା ସୁଦ୍ଧା ପୁରୀର ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ସେ କହିଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ଶ୍ରୀମନ୍ଦିର କ୍ଷୟକ୍ଷତି ନେଇ ଏଏସ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କରିଛି। ପୂର୍ବରୁ ମଧ୍ୟ ଏଏସ୍‌ଆଇ ଡିଜିଙ୍କ ସହ ଆଲୋଚନା କରିଥିଲି। ଏଏସ୍‌ଆଇ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଦେଇଛି। ଖୁବ୍‌ଶୀଘ୍ର ମନ୍ଦିରର ମରାମତି କାମ ସରିବ ବୋଲି ଏଏସ୍‌ଆଇ ଆଶ୍ୱାସନା ଦେଇଥିବା ଧର୍ମେନ୍ଦ୍ର କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଏନ୍‌ଡିଏକୁ...

ବୋଲି ଏହି ସଂସ୍ଥା କହିଛି। ନ୍ୟୁଜ୍ ୧୮ ଅନୁସାରେ ଏନ୍‌ଡିଏ ୨୯୨-୩୧୨ ଏବଂ ୟୁପିଏ ୬୨-୭୨ ଆସନ ପାଇବ। ସିଭୋଟର-ଆଇଏଏନ୍‌ଏସ୍ ଅନୁଯାୟୀ ଭାଜପା ୨୩୬ ଆସନରେ ବିଜୟୀ ହେବ କିନ୍ତୁ ଏକାକୀ ସରକାର ଗଠନ କରିପାରିବ ନାହିଁ। ଏନ୍‌ଡିଏ ୨୮୭ ଆସନରେ ସଫଳତା ସହ ସଂଖ୍ୟାଗରିଷ୍ଠତା ହାସଲ କରିବ। ସେହିପରି ୨୦୧୪ରେ ୪୪ ଆସନ ପାଇଥିବା କଂଗ୍ରେସ ଏଥର ୮୦ ଆସନରେ ବିଜୟୀ ହେବ। ୟୁପିଏ ପୂର୍ବରୁ ୫୯ ଆସନ ଦଖଲ କରିଥିବାବେଳେ ଏଥର ୧୨୮ଟି ହାସଲ କରିପାରେ ବୋଲି ସିଭୋଟର-ଆଇଏଏନ୍‌ଏସ୍ କହିଛି। ଏହି ଏକ୍‌ଜିଟ୍ ପୋଲର ଆକଳନ ଅନୁସାରେ ବିପିଏଫ୍ ୧, ଜେଡିୟୁ+ଏଲ୍‌ଜେପି ୨୦, ଶିବସେନା ୧୫, ଏନ୍‌ପିପି ୧, ଏନ୍‌ଡିପିପି ୧, ଶିରୋମଣି ଅକାଲି ଦଳ ୧, ଏପିପିଏମ୍ ୧, ଏଆଇଏଡିଏମ୍‌କେ+ ୧୦ ଏବଂ ଅପ୍‌ନା ଦଳ ଗୋଟିଏ ଆସନ ପାଇବେ। ସେହିପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା କ୍ଷତିଗ୍ରସ୍ତ ହେବ। ଏଠାରେ ଗୈରିକ ଦଳକୁ ୪୦ ଆସନ ଦଖଲ କରିବା କଷ୍ଟକର ହୋଇପଡ଼ିବ। ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି) ମେଣ୍ଟ ୪୦ ଆସନ ପାଇବ ଓ ଭାଜପା ୩୮କୁ ଖସିଯିବ। ପ୍ରକାଶ ଯେ, ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀ ଅପ୍‌ନା ଦଳ ୟୁପିର ୮୦ ଆସନରୁ ୭୧ଟିରେ ବିଜୟୀ ହୋଇଥିଲେ।

ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (ଯାଦୁଗର ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ୩ ଦଶନ୍ଧି ମଧ୍ୟରେ କୌଣସି ଦଳକୁ ଏତେସଂଖ୍ୟକ ଆସନରେ ସଫଳତା ମିଳି ନ ଥିଲା। ସେହିପରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୧୯ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିଲା। ଏପ୍ରିଲ ୧୧ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୧୮ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହୋଇଥିବାବେଳେ ୨୩ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏପ୍ରିଲ ୨୯ରେ ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ କରାଯାଇଥିଲା। ସେହିପରି ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହୋଇଥିଲା। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହୋଇଥିଲା। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯାଇଥିଲା। ତାମିଲନାଡୁର ଭେଲୋର ଆସନରେ ଭୋଟଗ୍ରହଣ କରାଯାଇନାହିଁ। ସମସ୍ତ ୫୪୨ ଆସନ ପାଇଁ ଗୁରୁବାର ଭୋଟ ଗଣତି କରାଯିବ।

# ସୁତାରିଆଙ୍କ ପସନ୍ଦ ମେକ୍‌ଅପ୍



**ମୁମ୍ବାଇ**

ଷ୍ଟାଇଲିଶ୍ ଏବଂ ଗ୍ଲାମର ଚାହାଣିରେ ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ତାରା ସୁତାରିଆ ଅଧିକ ମେକ୍‌ଅପ୍‌କୁ ପସନ୍ଦ କରନ୍ତି। 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ପ୍ରଥମକରି ଅଭିନୟ ଆରମ୍ଭ କରିଥିବା ୨୩ ବର୍ଷୀୟା ତାରା କୁହନ୍ତି, ସେ ବିଭିନ୍ନ କସ୍‌ମେଟିକ୍ସ ବ୍ୟବହାର କରିବାକୁ ଭଲ ପାଆନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ବର୍ତ୍ତମାନର ମେକଅପ୍ ଓ ଫ୍ୟାଶନ ଷ୍ଟାଇଲ୍‌କୁ ଭଲ ଭାବେ ଦେଖନ୍ତି ଏବଂ ନିଜେ ମଧ୍ୟ ନିଜର ମେକଅପ୍ ଷ୍ଟାଇଲ୍‌କୁ ଶେୟାର କରନ୍ତି।

ଦିନବେଳା ସେ ନ୍ୟାଚୁରାଲ୍ ଲୁକ୍‌କୁ ପସନ୍ଦ କରନ୍ତି। ତେଣୁ ଖୁବ୍ କମ୍ ମେକ୍‌ଅପ୍‌ରେ ଚଳିଯାଏ। ସଂଧ୍ୟା ସମୟରେ ସେ ଅଧିକ ସଜେଇ ହୁଅନ୍ତି ବୋଲି 'ବବି ବ୍ରାଉନ କସମେଟିକ୍ସ'ର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ପାଇଥିବା ତାରା ପ୍ରକାଶ କରିଛନ୍ତି। ଏଥିସହିତ ସେ ରାତିରେ ଯଥାସମ୍ଭବ ଅଧିକ ଜଳ ପାନକରନ୍ତି। କାରଣ ଶୋଇବାକୁ ଯିବା ପୂର୍ବରୁ ଅଧିକ ଝାଳ ବୋହିଲେ ମେକଅପ୍ ସବୁ ସହଜରେ ଧୋଇହୋଇ ଚର୍ମ ପରିଷ୍କାର ହୋଇଯାଏ। ଏଥିପ୍ରତି ସେ ଖୁବ୍ ଯତ୍ନବାନ୍ ଥାଆନ୍ତି ବୋଲି କହିଛନ୍ତି। ପରବର୍ତ୍ତୀ ଫିଲ୍ମ 'ମରଜାଭନ୍'ରେ ତାରାଙ୍କୁ ଦେଖିବାକୁ ମିଳିବ।

# ବଉଳା କୁମ୍ଭୀର ସମେତ ୫୯ ଅଣ୍ଡା ଉଦ୍ଧାର

**ମହାକାଳପଡା,୧୯।୫(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟ ନଗର ପଞ୍ଚାୟତର ଗୋବରୀ ନଦୀପାର୍ଶ୍ୱ ଅରଡ଼ ଗ୍ରାମର ଏକ ବୁଦାମୂଳରୁ ରବିବାର ଏକ ବଉଳା କୁମ୍ଭୀର ଉଦ୍ଧାର ହୋଇଛି। ୧୦ ଫୁଟ ଲମ୍ବର ଏହି ବଉଳା କୁମ୍ଭୀର ନିକଟରୁ ୫୯ ଅଣ୍ଡା ମିଳିଛି ବୋଲି ମହାକାଳପଡା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମହକାଳପଡା ବନାଞ୍ଚଳ ଅଧୀନରେ ଚଳିତ ବର୍ଷ ପ୍ରଥମ କୁମ୍ଭୀର ବସା ଠାବ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବଉଳା କୁମ୍ଭୀରଟି ଗ୍ରାମର ଏକ ବୁଦାମୂଳରେ ଅଣ୍ଡାଦେବା ସହ ବାହ୍ୟ ଶତ୍ରୁ ଆକ୍ରମଣରୁ ଏଗୁଡ଼ିକୁ ସୁରକ୍ଷା ଦେବାପାଇଁ ସେଠାରେ ଜଗି ରହିଥିଲା। ଗ୍ରାମବାସୀ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଏସ୍‌ସିଏଫ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଉଳା କୁମ୍ଭୀର ଓ ଅଣ୍ଡାଗୁଡ଼ିକୁ ଉଦ୍ଧାର କରିଥିଲେ। ଏହାପରେ ଉକ୍ତ ମାଈ କୁମ୍ଭୀରକୁ ଭିତର ଖରିନାସୀସ୍ଥିତ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି। ଏଥିସହ ଅଣ୍ଡାଗୁଡ଼ିକୁ ସୁରକ୍ଷିତ ଭାବେ ଭିତରକନିକାର ଡାଙ୍ଗମାଲସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ପରିଡା ସୂଚନା ଦେଇଛନ୍ତି।


ଉଦ୍ଧାର ହୋଇଥିବା କୁମ୍ଭୀର ଅଣ୍ଡା।

ମେ ଓ ଜୁନ୍‌ରେ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟ ଥିବାରୁ ସେମାନେ ଅଧିକ ହିଂସ୍ର ହୋଇପଡନ୍ତି। ଏନେଇ ସ୍ଥାନୀୟ ନଦୀ, ଯୋର, ନାଳ ଓ ଖାଲ ମଧ୍ୟକୁ ପ୍ରବେଶ ନ କରିବା ପାଇଁ ବିଭାଗ ପକ୍ଷରୁ ନଦୀକୂଳିଆବାସୀଙ୍କୁ ସଚେତନ କରାଯାଇଛି।

## କାନ୍‌ସରେ ଉନ୍ମୋଚିତ ହେଲା 'ଜଙ୍ଗଲ କ୍ରାଏ'ର ପୋଷ୍ଟର, ଟିଜର୍

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଜୁନିୟର ରଗ୍‌ବୀ ୱାର୍ଲଡ କପ୍ ଜିତି ସମଗ୍ର ବିଶ୍ୱ ପାଇଁ ପ୍ରେରଣା ପାଲଟିଥିବା କିସ୍ ରଗ୍‌ବୀ ଦଳ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଜଙ୍ଗଲ କ୍ରାଏ'ର ପ୍ରଥମ ପୋଷ୍ଟର ଓ ଟିଜର୍ ୭୧ତମ କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ରିଲିଜ ହୋଇଛି। ଶୁକ୍ରବାର ରିଲିଜ ହୋଇଥିବା ଏହି ଟିଜରରେ କିସ୍ ଜନଜାତି ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତି ରହିଥିବା ଭଲପାଇବା ଓ ଏକାଗ୍ରତାକୁ ଦେଖିବାକୁ ମିଳିଛି। ଏହାସହ ଦଳର କୋଚ୍ ରୁଦ୍ରକେଶ ଜେନାଙ୍କୁ ଏଥିରେ ମୁଖ୍ୟ ଚରିତ୍ର ଭାବେ ଦର୍ଶାଯାଇଛି। ୨୦୦୭ ମସିହାରେ ଏକ ଚ୍ୟାଲେଞ୍ଜ ନେଇ କିସ୍‌ରେ ପଢୁଥିବା ୧୩ବର୍ଷରୁ କମ୍ ବୟସର ଜନଜାତି ପିଲାମାନଙ୍କୁ ରଗ୍‌ବୀ ଖେଳିବା ପାଇଁ ଲଣ୍ଡନ ପଠାଯାଇଥିଲା। ଆଉ ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି ପିଲାମାନେ କୋଚ୍‌ଙ୍କ ନେତୃତ୍ୱରେ ଲଣ୍ଡନରେ ରଗ୍‌ବୀ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏହାକୁ ଆଧାରକରି ବଲିଉଡ୍ ଓ ହଲିଉଡ୍‌ର ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକଙ୍କ ଦ୍ୱାରା 'ଜଙ୍ଗଲ କ୍ରାଏ' ନିର୍ମାଣ କରାଯାଇଛି। ଜନଜାତି ପିଲାମାନଙ୍କ ମାଧ୍ୟମରେ କିଭଳି ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ବିଶ୍ୱ ଦରବାରରେ ପହଞ୍ଚାଯାଇ ପାରିଛି, ତାହା ହେଉଛି ଏହି ଚଳଚ୍ଚିତ୍ରର ବିଶେଷତ୍ୱ।

### କିଛି ତଥ୍ୟ

ଏପ୍ରିଲରେ କୋଇଲାଚାଳିତ ଶକ୍ତି କେନ୍ଦ୍ରଗୁଡ଼ିକୁ ୪୦.୭ ମିଲିୟନ ଟନ କୋଇଲା ଯୋଗାଇ ଦିଆଯାଇଛି। **-କୋଇଲା ମନ୍ତ୍ରଣାଳୟ**

## ଆଜି ନିଟ୍ ପରୀକ୍ଷା

ଭୁବନେଶ୍ୱର,୧୯।୫(ବ୍ୟୁରୋ)- ଦି ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ସୋମବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଛାତ୍ରୀଛାତ୍ର ସକାଳ ୯ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ। ସୂଚନାଯୋଗ୍ୟ, ଚଳିତମାସ ୫ତାରିଖରେ ଏହି ପରୀକ୍ଷା ହେବାର ଥିଲା। କିନ୍ତୁ ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ନିଟ୍ ପରୀକ୍ଷା ବାତିଲ କରାଯାଇଥିଲା। ବାତ୍ୟା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥଇଥାନ କାର୍ଯ୍ୟ ଜାରି ରହିଥିବାରୁ ପରୀକ୍ଷା ବାତିଲ କରିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଗତ ୪ତାରିଖରେ ଓଡ଼ିଶାରେ ପରୀକ୍ଷା ବାତିଲ ନେଇ ଘୋଷଣା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମାଧିପ ଶନି ଏକାଧିକ ଗ୍ରହଙ୍କ ଦୃଷ୍ଟିରେ ରହି ବହୁମୁଖୀ କାମରେ ନିଯୁକ୍ତ କରିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ। ବନ୍ଧୁମାନଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ସନ୍ତାନଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।

**ବୃଷ**
ଆଜି ହଠାତ୍ ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମ କ୍ଷେତ୍ରକୁ ସମସ୍ୟାବହୁଳ କରିଦେଇପାରେ। ଫଳତଃ ପୂର୍ବ ଯୋଜନା ଭଣ୍ଡୁର ହୋଇଯିବା ଆଶଙ୍କାରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ କାର୍ଯ୍ୟକ୍ରମ, ସଭାସମିତି, କଳା, କାରିଗରି କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖାଦେଇପାରେ।

**ମିଥୁନ**
ବିଭିନ୍ନ ଦିଗରୁ ସାହାଯ୍ୟ ପାଇଲେ ମଧ୍ୟ ଆଜିର କାମଗୁଡ଼ିକ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ବହୁତ ଅର୍ଥବ୍ୟୟର ସମ୍ଭାବନା ରହିଛି। ତଥାପି ପୁନର୍ବସୁ ନକ୍ଷତ୍ରର ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ**
ଏକାଦଶ ସ୍ଥାନରେ ଚନ୍ଦ୍ର ସମେତ ଏକାଧିକ ଗ୍ରହ କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନ ହେତୁକ ଗୌରବ ବୃଦ୍ଧିର ପ୍ରତୀକ ହେବ। ତଥାପି ପାରିବାରିକ କ୍ଷେତ୍ର, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିର ଆଶଙ୍କା ଦେଖାଦେଇପାରେ। ପରିବହନ, ଯାନବାହନ, ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ହିଁ କାର୍ଯ୍ୟ ସାଧିତ ହେବ।

**ସିଂହ**
ରବି ସ୍ୱନକ୍ଷତ୍ରରେ ଅବସ୍ଥାନ କରି ଆରୋଗ୍ୟ,ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳ ସୃଷ୍ଟି କରିବେ। ଆଇନ ଓ ଆଧ୍ୟାତ୍ମିକତାର ଗ୍ରହ ଶନି ରାଜନୀତି, ଅଦାଲତ, ଗଣତନ୍ତ୍ର କ୍ଷେତ୍ରକୁ ରହିମନ୍ତ କରିବ। ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ବୁଧଗ୍ରହ ଚନ୍ଦ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସଂକଟଜନକ ସ୍ଥିତି ସୃଷ୍ଟି ହେବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଆବଶ୍ୟକ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ରାହୁଙ୍କ ନକ୍ଷତ୍ରରେ ଶୁକ୍ର ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା ସୃଷ୍ଟିକରି କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଶନିଙ୍କ ଶନୈଃ ଶନୈଃ ଗତି ପାରିବାରିକ, ଅର୍ଥସମ୍ପର୍କ, ଯାନ୍ତ୍ରିକ ଜିନିଷର କାରବାର କ୍ଷେତ୍ରକୁ କାଳକ୍ଷେପଣ ନୀତିରେ ବିଳମ୍ବିତ କରାଇବ।

**ବିଛା**
ଆଜି ରାଶ୍ୟାଧିପ ମଙ୍ଗଳ ମିତ୍ର ଚନ୍ଦ୍ରଙ୍କ ନକ୍ଷତ୍ରରେ ରହି କେନ୍ଦ୍ରସ୍ଥ ହେତୁ ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ବୈଷୟିକ ସୁଖ,ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସକାଶେ ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ବିକ୍ରୀ କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**
ବୃହସ୍ପତି ଅଶ୍ଳେଷା ନକ୍ଷତ୍ରରେ ରହି ଚନ୍ଦ୍ରଙ୍କ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଆତ୍ମୀୟସ୍ୱଜନମାନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟରେ ଉନ୍ନତି ହେବ।

**ମକର**
ଶନିଶ୍ଚରଙ୍କ ଶୁଭତ୍ୱ କାରଣରୁ ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମ୍ନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ପୂର୍ବ ରାଗକୁ ଶୁଖାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଭୁଲ୍‌ବୁଝାମଣା ହେତୁ ସ୍ତ୍ରୀଙ୍କ ସୁସମ୍ପର୍କ ରହିବ ନାହିଁ ।

**କୁମ୍ଭ**
ଆପଣଙ୍କ ଭାଗ୍ୟାଧିପତି ଶୁକ୍ର କୋଣ ସ୍ଥାନରେ ରହି ଏକାଦଶ ସ୍ଥାନକୁ ଦେଖୁଥିବାରୁ ବିଭିନ୍ନ ଦିଗରୁ ଉପକୃତ ହେବେ। ମନୋରଞ୍ଜନ କାମ ପ୍ରତି ରୁଚି ବଳିବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ।

**ମୀନ**
ଆଜି ଚନ୍ଦ୍ରଙ୍କ ସହ ସମାଗମସ୍ଥ ଗ୍ରହମାନେ ଶନିଙ୍କ ଦୃଷ୍ଟିରେ ସମସ୍ୟା ସୃଷ୍ଟି କଲେହେଁ କାର୍ଯ୍ୟରେ ସଫଳତା ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି କିନ୍ତୁ ପ୍ରାପ୍ତି ନିଶ୍ଚିତ ଅଟେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ସୋମବାର, ମେ ୨୦ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅପରାହ୍ନ ଘ୪।୫୩ମି. ଗତେ ଘ୬।୧୪ମି. ମଧ୍ୟେ ଅମୃତବେଳା । ଦିବା ଘ୮।୨୬ମି. ଗତେ ଘ୨।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**

**real estate**

**SALE**

1200 sqft. gharabari plot - Kalyani vihar phase-II, Sundarpada (Brokers excused)- 9937400339. D-66465

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଗଙ୍ଗପଡ଼ା NH side plot 1200 ବର୍ଗଫୁଟକୁ 4,18,000/-, କିଛି ଦୂରତାରେ 1,44,000/- 7682934667, 6371207316. D-66372

Now Matrimonial ads. only on Wednesday & Sunday
Book 1 Get 1 FREE

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376

**to-let**

3BR flat (1600 sqft.) in Sri Jagannath place Acharya vihar. Rent 19000/- 9437247039. D-65894

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**healthcare**

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL - 16
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ଜଳବାହିତ ରୋଗକୁ ପ୍ରତିରୋଧ କରନ୍ତୁ**

ଦୂଷିତ ପାଣି ଏବଂ ପରିବେଶ ଯୋଗୁଁ ଜଳବାହିତ ରୋଗ ଯଥା - ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍ ଆଦି ହେବାର ଆଶଙ୍କା ବଢ଼ିଯାଇଥାଏ । ଏହି ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶୋଧିତ ପାଣି ପିଇବା ନିତ୍ୟାନ୍ତ ଆବଶ୍ୟକ ।

ପାଣିକୁ ବିଶୋଧନ କରିବା ପାଇଁ : ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.) ୨୦-୨୫ ଲିଟର (୧ ମାଠିଆ / ବାଲଟି) ସଫା ପାଣିରେ ମିଶାନ୍ତୁ ଓ ମିଶାଇବାର ୧ ଘଣ୍ଟା ପରେ ପିଅନ୍ତୁ ।

- କ୍ଲୋରିନ୍ ବଟିକା ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ଉପଲବ୍ଧ ।
- ପିଇବା ପାଣିର ଉତ୍ସ (କୂଅ, ନଳକୂଅ ଇତ୍ୟାଦି) ଚାରିପାଖ ପରିଷ୍କାର ରଖନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଜଳବାହିତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।

10003/13/0016/1920
facebook.com/HFWOdisha http://www.health.odisha.gov.in/ @HFWOdisha
NATIONAL HEALTH MISSION

ପୁରୀର ହୋଟେଲ ସଂଘ ସହ ଆଲୋଚନା କଲେ ଧର୍ମେନ୍ଦ୍ର

# ରଥ ପୂର୍ବରୁ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ସାମୁଦ୍ରିକ ଝଡ 'ଫନୀ' ପ୍ରଭାବରେ ପୁରୀରେ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକ ଉପରେ ରବିବାର ପୁରୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୋଟେଲ ସଂଘର ଏକ ପ୍ରତିନିଧି ମଣ୍ଡଳିଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରଥଯାତ୍ରା ପୂର୍ବରୁ ପୁରୀରେ ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରାଯିବ। ଏଦିଗରେ ବାତ୍ୟାରେ ଭାଙ୍ଗିଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ସମସ୍ତ ଅଂଶୀଦାର ମିଶି ସାହାଯ୍ୟର ହାତ ବଢାଇବା ଆବଶ୍ୟକ। ପୁରୀର ଅର୍ଥନୀତି ବିଶେଷତଃ ହୋଟେଲ ଶିଳ୍ପ ଉପରେ ନିର୍ଭର କରୁଥିବାବେଳେ ଏହା ହଜାର ହଜାର ଲୋକଙ୍କ ଜୀବନଜୀବିକାକୁ ସାମର୍ଥ୍ୟ ଯୋଗାଇଥାଏ । ତେବେ ବାତ୍ୟାରେ ସହରରେ ଥିବା ପ୍ରାୟ ସବୁ ହୋଟେଲର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଭାଙ୍ଗି ଯାଇଥିବା ହୋଟେଲଗୁଡିକର ପୁନରୁଦ୍ଧାର ପାଇଁ ଏକ ଆର୍ଥିକ ପ୍ୟାକେଜ ତଥା ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି । ଏତଦ୍‌ବ୍ୟତୀତ ଟେଲିକମ ତଥା ଅନ୍ୟାନ୍ୟ ସେବାଗୁଡିକୁ ମଧ୍ୟ ଯଥାଶୀଘ୍ର ସ୍ୱାଭାବିକ କରିବାକୁ ହୋଟେଲ ସଂଘର ସଦସ୍ୟମାନେ ଜଣାଇଛନ୍ତି । ଆସନ୍ତା ରଥଯାତ୍ରା ପାଇଁ ପର୍ଯ୍ୟଟକଙ୍କ ଦୃଷ୍ଟିରୁ ପୁରୀର ପୁନଃବ୍ରାଣ୍ଡିଂ ପାଇଁ କିଛି ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

■ ବିଜୁ ଯୁବ ବାହିନୀ ବିରୋଧରେ ଫେରାଦ ହେଲା ଭାଜପା

# ରିଲିଫଂ କୋଡ୍ ଉଲ୍ଲଂଘନ କରିଛନ୍ତି ସରକାର

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ରାଜ୍ୟ ରାଜକୋଷ ଅର୍ଥରେ ଗଠନ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କ ବାତ୍ୟା ୧୫ଦିନ ପରେ ମଧ୍ୟ ଦେଖା ମିଳୁନାହିଁ। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ କେନ୍ଦ୍ର ସହାୟତା ଦେଇଥିବାବେଳେ ରାଜ୍ୟ ସରକାର ଭାଙ୍ଗି ଯାଇଥିବା ଘରଗୁଡିକର ଚିହ୍ନଟ ଦାୟିତ୍ୱ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କୁ ଦେଇଛନ୍ତି, ଯାହା ରିଲିଫ୍ କୋଡ୍‌କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଛି। ଏନେଇ ରବିବାର ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀ କାମକୁ ପ୍ରୋତ୍ସାହିତ କରିବା ପାଇଁ ଗଠନ ହୋଇଥିଲା। ହେଲେ ନାଚ, ଗୀତ, ଭୋଜିଭାତରେ ଲିପ୍ତ ରହିବା ସହ ରାଜନୈତିକ ହିଂସା ଘଟାଇ ବିଜୁ ଯୁବ ବାହିନୀ ରାଜ୍ୟରେ ଗୁଣ୍ଡାବାହିନୀ ନାଁରେ ପରିଚିତ ହୋଇଛି। ଏବେ ରାଜ୍ୟ ସରକାର ରିଲିଫ୍ କୋଡ୍ ଆଇନ୍‌କୁ ଉଲ୍ଲଂଘନ କରି ଏହି ଗୁଣ୍ଡାମାନଙ୍କୁ ବାତ୍ୟା 'ଫନୀ'ରେ ଭାଙ୍ଗି ଯାଇଥିବା ଘର ଚିହ୍ନଟ କରିବା କାମରେ ନିଯୁକ୍ତ କରିଛନ୍ତି, ଯାହା ଫଳରେ ବହୁ ଯୋଗ୍ୟ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହେବେ ବୋଲି ଭାଜପା ଅଭିଯୋଗ କରିଛି। ବିଜୁ ଯୁବ ବାହିନୀ ଯାହା ଚଳିତ ନିର୍ବାଚନରେ ବିଜେଡି ପାଇଁ ପ୍ରଚାର କରୁଥିଲା ଏବେ କେବଳ ଶାସକ ଦଳ କର୍ମୀମାନଙ୍କୁ ପକ୍କା ଘର ମିଳିବ। ରିଲିଫ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ନିରପେକ୍ଷତା ସହ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡିବେ ତା'ର ଦାୟିତ୍ୱ ନିଅନ୍ତୁ। ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀ ଗୁଣ୍ଡାମାନଙ୍କୁ ଦାୟିତ୍ୱରୁ ନିବୃତ କରାଯାଉ ବୋଲି ସମୀର ଦାବି କରିଛନ୍ତି। ଯେଉଁଭଳି ଭାବେ ଗତ ଶନିବାର କ୍ୟାବିନେଟ୍‌ରେ ନିର୍ମାଣ ବିଭାଗର କାମ ପାଇଁ ବିନା ଟେଣ୍ଡରରେ ପାଞ୍ଚ ଲକ୍ଷ ଟଙ୍କା ଦିଆଯାଇପାରିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି ଏହାଦ୍ୱାରା କିଛି ମୁଷ୍ଟିମେୟ ଅଧିକାରୀ ବିଜେଡିର ନେତାଙ୍କୁ ମାଲାମାଲ କରିବାର ଯୋଜନା କରିଛନ୍ତି। ଏନେଇ ମଧ୍ୟ ଭାଜପା ପ୍ରତିନିଧି ଦଳ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରିଲିଫ୍ କୋଡ୍ ଆଇନ୍ ଅନୁସାରେ ଭାଙ୍ଗି ଯାଇଥିବା ଘର ନିର୍ଦ୍ଧାରଣ ଓ ଅଟକଳ ରାଜସ୍ୱ ବିଭାଗ କିମ୍ବା ସରକାରୀ ଅଧିକାରୀମାନେ କରିବା କଥା। କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡିକୁ ଚିହ୍ନଟ କରିବା ପ୍ରକ୍ରିୟାରେ ରାଜନୈତିକ ସ୍ୱାର୍ଥ ରଖୁଥିବା ବିଜୁ ଯୁବ ବାହିନୀକୁ ଦାୟିତ୍ୱ ଦିଆଗଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ ବୋଲି ସମୀର କହିଛନ୍ତି।



ଭାଜପା ପ୍ରତିନିଧି ଦଳ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଭେଟି ଦାବିପତ୍ର ଦେବାକୁ ଯାଉଛନ୍ତି।

DSPL-14

**ସତର୍କ ରୁହନ୍ତୁ ଅଂଶୁଘାତକୁ ପ୍ରତିରୋଧ କରନ୍ତୁ**

| କଣ କରିବେ | କଣ କରିବେ ନାହିଁ |
| --- | --- |
| ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ କିମ୍ବା ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ । | ଦିନ ୧୧ ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ ଯାଆନ୍ତୁ ନାହିଁ କିମ୍ବା କୌଣସି ଶାରୀରିକ ପରିଶ୍ରମ କରନ୍ତୁ ନାହିଁ । |
| ଘରେ ଟିଣ ବା ଆଜେବଷ୍ଟସ୍ ଛାତ ଥିଲେ ତା ଉପରେ ନଡା ବିଛାନ୍ତୁ । | ବୃଦ୍ଧ, ଅସୁସ୍ଥ ଲୋକ, ଶିଶୁ, ଗର୍ଭବତୀ ମହିଳା ଏବଂ ରକ୍ତଚାପ କିମ୍ବା ମଧୁମେହରେ ପୀଡିତ ବ୍ୟକ୍ତି ଟାଣ ଖରାରେ ବାହାରକୁ ଯାଆନ୍ତୁ ନାହିଁ । |
| ପ୍ରଚୁର ପରିମାଣରେ ପାଣି, ତୋରାଣି, ପଣା, ଘୋଳଦହି, କିମ୍ବା ସରବତ୍ ଆଦି ପିଅନ୍ତୁ । | ଅଧିକ ଖରା ସମୟରେ ନିଆଁ ପାଖରେ କୌଣସି କାର୍ଯ୍ୟ (ରୋଷେଇ ଆଦି) କରନ୍ତୁ ନାହିଁ । |
| ହାଲିଆ ଲାଗିଲେ ଛାଇ ଓ ପବନ ଚଳାଚଳ ସ୍ଥାନ କିମ୍ବା ଗଛ ତଳେ ବିଶ୍ରାମ ନିଅନ୍ତୁ । | ମାଦକ ଦ୍ରବ୍ୟ (ମଦ, ବିଡି, ସିଗାରେଟ୍, ତମାଖୁ ଇତ୍ୟାଦି) ସେବନ କରନ୍ତୁ ନାହିଁ । |
| କୌଣସି ବ୍ୟକ୍ତିଙ୍କଠାରେ ଅଂଶୁଘାତର ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ନେବାର ବ୍ୟବସ୍ଥା କରନ୍ତୁ । | ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କ ଦେହରେ କେବେହେଲେ ବରଫ ଘଷନ୍ତୁ ନାହିଁ । |
| ଅଂଶୁଘାତ ରୋଗୀକୁ ତୁରନ୍ତ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ । | ଗ୍ରୀଷ୍ମ ପ୍ରବାହ ସମୟରେ କେହି ହଠାତ୍ ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସାରେ ଆଦୌ ଅବହେଳା କରନ୍ତୁ ନାହିଁ । |

10003/13/0010/1920
ସରକାରୀ ଡ଼ାକ୍ତରଖାନାମାନଙ୍କରେ ଅଂଶୁଘାତ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।
ଅଧିକ ସୂଚନାପାଇଁ ନିକଟସ୍ଥ ଆଶାଦିଦି, ଅଙ୍ଗନୱାଡିକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ସୋନପୁର,୧୯।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଉପକାରାଗାରର ଜଣେ ବିଚାରାଧୀନ କଏଦୀଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀଙ୍କ ନାମ ଟିକୁ ଅଜଗର(୨୬)। ତାଙ୍କ ଘର ବିନିକା ସହରର ଚମାରପଡାରେ। ଟିକୁଙ୍କୁ ଉପକାରାଗାର ପରିସର ଶୌଚାଳୟ ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ପେଟକୁ ଧାରୁଆ ଅସ୍ତ୍ରରେ କଟାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଟିକୁଙ୍କୁ ଗୁରୁତର ଅବସ୍ଥାରେ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେଲ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାରୁ ଏହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠୁଛି। କାରଣ କାରାଗାରଟି ପରିଚାଳନାଗତ ଅବ୍ୟବସ୍ଥା ଓ ସୁରକ୍ଷାକୁ ନେଇ କିଛି ମାସ ହେବ ଚର୍ଚ୍ଚାରେ ଥିଲା। ସୋନପୁର ଥାନାରେ କଏଦୀ ମୃତ୍ୟୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଲୋକେଶ କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହ ଉପକାରାଗାରକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏପ୍ରିଲ ୨୪ ତାରିଖରେ ବିନିକା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଫାୟାରମ୍ୟାନ ଦୁଷ୍ମନ୍ତ କିଷାନଙ୍କୁ ଗଳାକାଟି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ଟିକୁ । ୨୫ ତାରିଖରୁ ସେ ବିଚାରାଧୀନ କଏଦୀ ଭାବରେ ରହୁଥିଲେ। ରବିବାର ପୂର୍ବାହ୍ନରେ ସେ ପାଇଖାନା ଯାଇଥିଲେ। ଭିତରୁ ବାହାରକୁ ଆସିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜା ପଡିଥିଲା। ତେବେ ଦାଢି କାଟିବା ପାଇଁ ବ୍ୟବହୃତ ବ୍ଲେଡ୍‌ରେ କଏଦୀ ନିଜ ପେଟକୁ କାଟି ଆତ୍ମହତ୍ୟା କରିଥିବା କାରାଗାରର ଭାରପ୍ରାପ୍ତ ଅଧୀକ୍ଷକ ଦଶମୀ ବାଗ ପ୍ରକାଶ କରିଛନ୍ତି। ସେ ନିଜେ ଏହାର ତଦନ୍ତ କରିବେ। ଅନ୍ୟପକ୍ଷେ ବ୍ଲେଡ୍ କଏଦୀଙ୍କ ପାଖକୁ କିପରି ଗଲା, ଦାୟିତ୍ୱରେ ଥିବା ମୁଖ୍ୟ କାରାରକ୍ଷୀ କ'ଣ କରୁଥିଲେ ସେ ନେଇ ପ୍ରଶ୍ନ ଉଠୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ମୁଖ୍ୟ ଚିକିତ୍ସାଳୟର ୩ ଜଣ ବିଶେଷଜ୍ଞ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ବ୍ୟବଚ୍ଛେଦ ପରେ ପୋଲିସ ସନ୍ଧ୍ୟାରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।



ମୃତ ଟିକୁ ଅଜଗରଙ୍କ ଫାଇଲ ଫଟୋ।

# ବିଷାକ୍ତ ଛତୁଖାଇ ୮ ଅସୁସ୍ଥ

**ରାୟଗଡା ଅଫିସ୍, ୧୯।୫:** ରାୟଗଡା ଜିଲା କାଶୀପୁର ବ୍ଲକ୍ ଗୋଡିବାଲିଠାରେ ବିଷାକ୍ତ ଛତୁଖାଇ ୮ଜଣ ଶ୍ରମିକ ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କୁ ପ୍ରଥମେ ମାଣ୍ଡିବିଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନେ ହେଲେ କାଶୀପୁର ବ୍ଲକ୍ ବାମନଗୁଡା ଗ୍ରାମର ହରି ବେନିଆ(୪୪), ଭାରତ ମାଝି(୩୩), ଭୀମ ନାଏକ(୨୮), ସୁଦର୍ଶନ ମାଝି (୨୫), ସେଣ୍ଡ ମାଝି(୨୨), ସୁମିତ୍ରା ନାଗ(୨୦), କଲାଟ ପିଡିସିକା(୧୮) ଓ ସୁବି ମାଝି(୧୫)। ଗୋଡିବାଲିଠାରେ ରାସ୍ତାକାମରେ ଉକ୍ତ ଶ୍ରମିକମାନେ ନିୟୋଜିତ ଥିଲେ। ସେମାନେ ଶନିବାର ସନ୍ଧ୍ୟାରେ ଗୋଡିବାଲି ଗାଁ ନିକଟ ଏକ ନାଳ କୂଳରୁ ଛତୁ ଆଣି ରାତିରେ ଖାଇଥିଲେ। ପରେ ସମସ୍ତେ ଅସୁସ୍ଥ ହୋଇପଡିଥିବା ଗ୍ରାମବାସୀ ଦେଖି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ନିଖୋଜ ଯୁବକଙ୍କ ଦଗ୍ଧ ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୧୯।୫**

ଗୁରୁବାରଠାରୁ ନିଖୋଜ ଥିବା ରାକେଶ ନାୟକ ନାମକ ଜଣେ ଯୁବକଙ୍କ ଦଗ୍ଧ ମୃତଦେହକୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କେନ୍ଦୁମୁଣ୍ଡି ଗ୍ରାମ ନିକଟସ୍ଥ ନାଳ ନିକଟରୁ ରବିବାର ପୋଲିସ ଉଦ୍ଧାର କରିଛି। ସୁପରିକଳ୍ପିତ ଯୋଜନାକ୍ରମେ ତାଙ୍କୁ ନିଆଁରେ ପୋଡି ହତ୍ୟା କରାଯାଇଥିବା ତାଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଥିଲେ ମଧ୍ୟ ହତ୍ୟା ରହସ୍ୟ ଭେଦ କରିପାରିନାହିଁ। ଏହି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ମୃତ ରାକେଶଙ୍କ ଘର ନିକଟସ୍ଥ ବିସିପୁର ଗ୍ରାମରେ। ସେ ଦଶରଥ ନାୟକଙ୍କ ବଡପୁଅ । ଗୁରୁବାର ଠାରୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ନିଖୋଜ ଥିଲେ। ରବିବାର ସକାଳେ କେନ୍ଦୁମୁଣ୍ଡି ନିକଟସ୍ଥ ନାଳ ନିକଟକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ସେଠାରେ ମୃତଦେହ ପଡିଥିବା ଦେଖିଥିଲେ। ଏନେଇ ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସି ମୃତଦେହକୁ ଚିହ୍ନଟ କରିଥିଲେ। ରାକେଶ ନିଖୋଜ ହେବାର ୨ ଦିନ ପରେ ତାଙ୍କ ଦଗ୍ଧିଭୂତ ମୃତଦେହ ଉଦ୍ଧାର ହେବା ଘଟଣା ପଛରେ ଅନେକ ରହସ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

SIHM
JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

**ADMISSIONS OPEN**

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

# କ୍ଷମତା କ୍ଷୁଣ୍ଣ

ସାଧାରଣ ନିର୍ବାଚନ ୨୦୧୯ର ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଗ୍ରହଣ ୧୯ ମେ'ରେ ଶେଷ ହୋଇଛି। କେତେକ ଲୋକ ବୁଥ୍‌ଫେରନ୍ତା ମତ (ଏକ୍‌ଜିଟ୍ ପୋଲ୍)କୁ ନେଇ ନାନା କଳ୍ପନାଜଳ୍ପନା କରିପାରନ୍ତି। ଦେଶର ୭ ଥାକିଆ ମତଦାନ ବେଳେ ବିଭିନ୍ନ ଦଳର ନେତା ବହୁବାର ନିର୍ବାଚନ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଭାରତର ନିର୍ବାଚନ କମିଶନ (ଇସି) ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ ଯଥାକ୍ରମେ ୭୨ ଓ ୪୮ ଘଣ୍ଟା ଲାଗି ନିର୍ବାଚନ ପ୍ରଚାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅନ୍ୟ କେତେଜଣ ନେତାଙ୍କୁ ଇସି ବିଭିନ୍ନ ଢଙ୍ଗରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଯେଭଳି ଭାବେ ଏମ୍‌ସିସି ଉଲ୍ଲଂଘନ ଘଟଣାରେ ଇସି କ୍ଲିନ୍ ଚିଟ୍ ଦେଲେ, ତାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଉଭୟ ମୋଦି ଓ ଶାହ ପୁଲ୍‌ୱାମା ଆକ୍ରମଣ ଏବଂ ଏହା ପରବର୍ତ୍ତୀ ବାଲାକୋଟ୍ କାର୍ଯ୍ୟାନୁଷ୍ଠାନକୁ ପୁଞ୍ଜି କରି ଭୋଟ ରାଜନୀତି କରୁଥିବାର ଲକ୍ଷ୍ୟ କରାଯାଇଥିଲା। ଇସିର ଅନ୍ୟତମ ସଦସ୍ୟ ଅଶୋକ ଲାଭାସା ଏମ୍‌ସିସି ଉଲ୍ଲଂଘନ ମର୍ମରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କୁ ମେ' ୪ରେ ଉକ୍ତ ବିଷୟକୁ ଗମ୍ଭୀରତାର ସହ ବିଚାର କରିବାକୁ ପ୍ରସ୍ତାବ ରଖିଥିଲେ। ହେଲେ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ନ ହେବାରୁ ସେ ଉକ୍ତ ବୈଠକରୁ ଦୂରେଇ ରହିଥିଲେ। ଏହା ସାର୍ବଜନୀନ ହେବା ପରେ ଇସି ଭିତରେ ମତପାର୍ଥକ୍ୟ ଥିବା ବିଷୟ ପଦାକୁ ଆସିଛି।

ଦେଖିବାକୁ ଗଲେ ଇସି ଭଳି ଏକ ବୈଧାନିକ ସଂସ୍ଥାରେ କୌଣସି ଏକ ପ୍ରସଙ୍ଗକୁ ନେଇ ମତଭେଦ ରହିବା ସ୍ୱାଭାବିକ। ପ୍ରତି କଥାରେ ସମନ୍ୱୟ ଆସିଲେ ସତ କଥା ପଦାକୁ ଆସିପାରେ ନାହିଁ। ଏମ୍‌ସିସିକୁ ନେଇ ଇସିରେ ଦେଖାଦେଇଥିବା ମତଭେଦ ସ୍ୱାଗତଯୋଗ୍ୟ। କାରଣ ଏ ଦେଶରେ ଚୋରଦଳ ଏକାଠି ହୋଇ ଯାଉଥିବାରୁ ସବୁକିଛି ନିଜକୁ ସୁହାଇଲା ଭଳି ନିଷ୍ପତ୍ତି ନିଆଗଲେ ତାହା ଦେଶବାସୀଙ୍କ ପାଇଁ କ୍ଷତିକାରକ ହେବ। ସ୍ୱାଧୀନ ତଥା ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ଠିକ୍ ମାର୍ଗରେ କାର୍ଯ୍ୟ କରିବା ଉଚିତ। ନିର୍ବାଚନ ଆସିଲେ ସର୍ବଦା 'ଅବାଧ ଓ ନିରପେକ୍ଷ' ଶବ୍ଦକୁ ବ୍ୟାପକ ଭାବେ ବ୍ୟବହାର କରାଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଇସି କୌଣସି ରାଜନୈତିକ ଦଳ ବା ବ୍ୟକ୍ତିଙ୍କ ଆଡ଼କୁ ଢଳିବା କଥା ନୁହଁ। ୨୦୧୯ ସାଧାରଣ ନିର୍ବାଚନର ପ୍ରଚାର ସମୟକୁ ଦେଖିଲେ ବିଭାଜନ ରାଜନୀତି କେନ୍ଦ୍ରସ୍ଥଳରେ ରହିଥିଲା। ଧର୍ମ, ଜାତି, ପ୍ରତିରକ୍ଷା ଏବଂ ତଥାକଥିତ ଦେଶାତ୍ମବୋଧକ ସ୍ଲୋଗାନ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ କଳୁଷିତ କରିଦେଇଛି। ମୁସଲମାନମାନେ ଭାଜପାକୁ ଭୋଟ ନ ଦେଇ ତାଙ୍କ ମେଣ୍ଟକୁ ସମର୍ଥନ କରିବାକୁ ଭରା ସଭାରେ ମାୟାବତୀ କହିଥିଲେ। ଅନ୍ୟପକ୍ଷରେ ଯୋଗୀ ଆଦିତ୍ୟନାଥ ଏହାକୁ ତାଚ୍ଛଲ୍ୟ କରି 'ଅଲି ବଜରଙ୍ଗବାଲୀ' ମନ୍ତବ୍ୟ ଦେଇଥିଲେ। ଏଭଳି କହିବାର ଉଦ୍ଦେଶ୍ୟ ଥିଲା, ଯଦି ମୁସଲମାନମାନେ ମାୟାବତୀଙ୍କୁ ସମର୍ଥନ କରିବେ, ତାହାହେଲେ ତାଙ୍କ ପାଇଁ ବଜରଙ୍ଗବାଲୀ ଅଛନ୍ତି। ସେହିପରି ଏମ୍‌ଏନ୍‌ଏମ୍ ନେତା କମଲ ହାସନ ସ୍ୱାଧୀନ ଭାରତର ପ୍ରଥମ ଆତଙ୍କବାଦୀ ଜଣେ ହିନ୍ଦୁ, ଯିଏ କି ନାଥୁରାମ ଗଡ୍‌ଶେ ବୋଲି କହିଥିବା ବେଳେ ତାଙ୍କୁ କାଟିବାକୁ ଯାଇ ଭାଜପା ନେତ୍ରୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ନାଥୁରାମଙ୍କୁ ଦେଶଭକ୍ତ କହିଥିଲେ। କୋଲକାତାରେ ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗ, ଭାରତୀୟ ସେନାକୁ 'ମୋଦି ସେନା' ଆଖ୍ୟା ଦିଆଯିବା, ବାଲାକୋଟ୍ ଆକ୍ରମଣକୁ କେନ୍ଦ୍ର ସରକାରଙ୍କ ପାକିସ୍ତାନ ଉପରେ ଭାରତର ବିଜୟ ଭାବେ ଚିତ୍ରଣ କରିବା ଆଦି ପ୍ରଚାର କୌଶଳ ଦେଖିଲେ ଅସଂଖ୍ୟ ଅସ୍ୱାଭାବିକ କଥା ନିର୍ବାଚନ ବେଳେ କୁହାଯାଇଛି। ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ସକାଶେ ରାଜନୈତିକ ଦଳଗୁଡ଼ିକ ଅନେକ ଅସମ୍ଭବ ପ୍ରତିଶ୍ରୁତି ଦେଇଥିବା ବିଷୟ ନୂଆ ଲାଗୁନାହିଁ। କିନ୍ତୁ ଦେଶର ମଙ୍ଗଳ ଲାଗି କୌଣସି ରାଜନୈତିକ ଦଳ ଦୃଷ୍ଟିପତ୍ର ପ୍ରସ୍ତୁତ ନ କରିବା ପରିତାପର ବିଷୟ। କେବଳ ଭୋଟ ପାଇବା ପାଇଁ ବିଭିନ୍ନ ଉପାୟରେ କ୍ଷମତାକୁ କ୍ଷୁଣ୍ଣ କରାଯିବା ଏବେ ଅନେକଙ୍କ ପାଇଁ ହୋଇଯାଇଛି ନୂଆ ଶୈଳୀ। ଏଭଳି ସ୍ଥଳେ ଇସି ଭଳି ସ୍ୱାଧୀନ ସଂସ୍ଥା ପକ୍ଷଭୁକ୍ତ ହୋଇଯିବା ଅଭିଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

# ଅଙ୍କ ବିଜ୍ଞାନରେ ନିର୍ବାଚନ ଫଳ



ସୁଧିରାଜ ରାଉତ

ମେ ୨୩ ତାରିଖକୁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଅପେକ୍ଷା କରିଛି- ନିର୍ବାଚନ ଫଳାଫଳ କ'ଣ ହେବ। ଏହି ଫଳାଫଳ ଏକବିଂଶ ଶତାବ୍ଦୀରେ ଭାରତର ରୂପରେଖ ଏବଂ ବିଶ୍ୱରେ ଭାରତର ନେତୃତ୍ୱକୁ ସ୍ପଷ୍ଟ କରିବ। ବହୁ ଟି.ଭି. ଚ୍ୟାନେଲ ଏବଂ ଅନେକ ସଂସ୍ଥା ଦ୍ୱାରା ପରିଣାମ ସମ୍ପର୍କରେ ଜନମତ ସର୍ଭେ କରି ପୂର୍ବାନୁମାନ ପ୍ରକାଶ ପାଇସାରିଛି ଏବଂ ବହୁ ବିଦ୍ୱାନ ଜ୍ୟୋତିଷଶାସ୍ତ୍ରୀ ମଧ୍ୟ ଏହା ଉପରେ ମତ ରଖି ସାରିଛନ୍ତି। ଏହି ଆଲେଖ୍ୟ ମାଧ୍ୟମରେ ଅଙ୍କବିଜ୍ଞାନକୁ ଆଧାର କରି ୨୩ ତାରିଖରେ ପ୍ରକାଶିତ ହେବାକୁ ଥିବା ଫଳାଫଳ ସମ୍ପର୍କରେ ବିଚାର କରିବା।

୨୦୦୯ରେ ଭାଜପାରୁ ଅଲଗା ହୋଇ ବିଜେଡି ଏକା ନିର୍ବାଚନ ଲଢ଼ିଲା। ଜଣେ ବନ୍ଧୁ ଭୁବନେଶ୍ୱରରୁ ଫୋନ କଲେ 'ଅଙ୍କ ବିଜ୍ଞାନ ଅନୁଯାୟୀ ଏହାର ପରିଣାମ କ'ଣ ହେବ?' ମୁଁ ସହଜ ଉତ୍ତର ଦେଲି ବିଜେଡି ଯେତିକି ସିଟ୍ ଆଣିବ ଭାବିଛି ତା'ଠାରୁ ଢେର ଅଧିକ ଆଣି ସରକାର ଗଢ଼ିବ। ମେ ୧୬ ତାରିଖରେ ଏହା ପ୍ରକାଶ ପାଉଥିବାରୁ ନବୀନବାବୁଙ୍କ ପାଇଁ ଅତ୍ୟନ୍ତ ଶୁଭ। କାରଣ ନବୀନବାବୁଙ୍କ ଜନ୍ମ ତାରିଖ ୧୬। ପରିଣାମ ପ୍ରକାଶ ପାଇବା ପରେ ବନ୍ଧୁ ଫୋନ କରି ଆଶ୍ଚର୍ଯ୍ୟ ହେଲେ ଏବଂ କହିଲେ ଆମେ ସଂଖ୍ୟା ଗଢ଼ିଛୁ ଆମର ହିସାବ ପାଇଁ, ଗଣିତ ପାଇଁ। ଏହା କିଭଳି ଜୀବନ ଉପରେ ଏତେ ପ୍ରଭାବ ପକାଉଛି? କହିଲି-ଅନେକ ବିଦ୍ୱାନଙ୍କ ମତ ଅକ୍ଷର ଏବଂ ସଂଖ୍ୟାସବୁକୁ ଆମେ ଆବିଷ୍କାର କରିଛୁ, ଆଉ କିଛି ବିଦ୍ୱାନଙ୍କ ମତ ଆମେ ଏସବୁକୁ ଉଦ୍ଭାବନ କରିଛୁ। ମାଧ୍ୟାକର୍ଷଣ ଶକ୍ତିକୁ ଆମେ ଆବିଷ୍କାର କରିଛୁ, ଏହା ଯେଭଳି ଆମ ଜୀବନକୁ ପ୍ରଭାବିତ କରିଥାଏ, ସେହିପରି ଆମେ ଉଦ୍ଭାବନ କରିଥିବା ମୋବାଇଲ ଏହା ମଧ୍ୟ ଆମ ଜୀବନକୁ ପ୍ରଭାବିତ କରିଥାଏ। ତେଣୁ ଗୁହ୍ୟ ଜ୍ଞାନୀମାନେ କହନ୍ତି, ଆମ ଜାଣତ ଅଜାଣତରେ ଏହି ସଂଖ୍ୟାଗୁଡିକ ଆମ ଜୀବନକୁ ପ୍ରଭାବିତ କରିଥାନ୍ତି। ୨୦୧୪ ନିର୍ବାଚନ ଫଳ ମେ ୧୬ରେ ପ୍ରକାଶ ପାଇଲା ଏବଂ ନବୀନବାବୁଙ୍କ ପାଇଁ ଶୁଭ ଫଳ ଦେଲା। ଏଥର କିନ୍ତୁ ୧୬ ନୁହେଁ ମେ ୨୩ ତାରିଖରେ ଫଳ ପ୍ରକାଶ ପାଇବ।

ଆଧୁନିକ ଭାରତର ଜନ୍ମ ତାରିଖ ୧୫, ସେହି ଦୃଷ୍ଟିରୁ ୬, ୧୫, ୨୪ ତାରିଖ ଭାରତ ପାଇଁ ସର୍ବଦା ଶୁଭ। ମଜାକଥା ଏହି ତାରିଖମାନଙ୍କରେ ଭାରତ ପ୍ରାୟତଃ କ୍ରିକେଟ କେବେ ହାରିନାହିଁ। ଏପରିକି ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ମଧ୍ୟ ଏହି ତାରିଖମାନଙ୍କରେ ଭାରତ ସର୍ବଦା ବିଜିତ ହୋଇଛି। ଆଉ ଏକ ଉଦାହରଣ- ଯିଶୁଖ୍ରୀଷ୍ଟ ଡିସେମ୍ବର ୨୫ରେ ଜନ୍ମ ହୋଇଥିଲେ, ନିଉଟନ, ଅଟଳବିହାରୀ ବାଜପେୟୀ ଏବଂ ବାବା ରାମଦେବ ମଧ୍ୟ ଏହି ଡିସେମ୍ବର ୨୫ରେ ଜନ୍ମ ହୋଇଛନ୍ତି ଏବଂ କେହି ବିବାହ କରିନାହାନ୍ତି। ଅଙ୍କ ବିଜ୍ଞାନ କହେ ୭, ୧୬ ଓ ୨୫ ତାରିଖ ବିବାହ ପାଇଁ ଅନୁକୂଳ ନୁହେଁ। ନବୀନବାବୁଙ୍କ ଜନ୍ମ ତାରିଖ ୧୬, ସେ ମଧ୍ୟ ଅବିବାହିତ। ଅଙ୍କ ବିଜ୍ଞାନ ଏଭଳି ଅନେକ ଗୁପ୍ତ ସତ୍ୟକୁ ପ୍ରକାଶ କରେ ଏବଂ ସମସ୍ୟାର ସମାଧାନ ମଧ୍ୟ କରେ। ଏହି ବିଜ୍ଞାନ ମୂଳତଃ ତିନୋଟି ଗଣନାକୁ ଆଧାର କରି ଭବିଷ୍ୟ ପ୍ରକାଶ କରିଥାଏ। ୧-ଜନ୍ମାଙ୍କ, ୨-ଭାଗ୍ୟାଙ୍କ, ୩-ନାମାଙ୍କ। ମନେକର ଜଣେ ବ୍ୟକ୍ତିର ଜନ୍ମ ତାରିଖ ୫।୯।୧୯୮୫। ଏହାଙ୍କ ଜନ୍ମାଙ୍କ ୫ ଅଟେ, ଭାଗ୍ୟାଙ୍କ- ୫+୯+୧+୯+୮+୫=୩୭=୧୦=୧। ନାମାଙ୍କ ହେଉଛି ଅକ୍ଷର ସବୁକୁ ଅଙ୍କରେ ପ୍ରକାଶ କରି ତା'ର ଯୋଗଫଳ କାଢ଼ିବା। ମନେକର Lagaan=୩+୧+୩+୧+୧+୫=୧୪। ଲଗନ୍ ଫିଲ୍ମ ଆମୀର ଖାଁଙ୍କୁ ଅସମ୍ଭବ ସଫଳତା ଏବଂ ନୂତନ ପରିଚୟ ଦେଇଥିଲା। ଏହାର କାରଣ ଆମୀର ଖାଁଙ୍କ ଜନ୍ମାଙ୍କ ୧୪। ଆଉ ଏକ ଉଦାହରଣ Burma=୨+୬+୨+୪+୧=୧୫। ଏହି ନାମ ଥିବା ବେଳେ ବର୍ମା ଏକ ଶାନ୍ତିପ୍ରିୟ ଓ ସୁନ୍ଦର ରାଷ୍ଟ୍ର ଥିଲା, କାରଣ ୧୫ ଏକ ଶୁଭ ନାମାଙ୍କ। ଯେବେଠୁ Myanmar=୪+୧+୧+୫+୪+୧+୨=୧୮ ହେଲା ତାହା ବିଶୃଙ୍ଖଳା ଓ ବିଭୀଷିକାରେ ଭରିଗଲା। ନାମାଙ୍କ ୧୮ ଏକ ବିଭୀଷିକା ଏବଂ ଈଶ୍ୱରଙ୍କ କୃପାରୁ ନିଜକୁ ବଞ୍ଚିତ କରୁଥିବା ସଂଖ୍ୟା।


ବର୍ତ୍ତମାନ ନିର୍ବାଚନ ଫଳାଫଳକୁ ଆସିବା ଏବଂ ନରେନ୍ଦ୍ର ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ବିଚାରକୁ ନେବା- ସେମାନଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କକୁ ନେଇ ୨୩ ତାରିଖରେ ପ୍ରକାଶ ହେବାକୁ ଥିବା ନିର୍ବାଚନ ଫଳାଫଳ କ'ଣ ହେବ। ରାହୁଲ ଗାନ୍ଧୀଙ୍କ ଜନ୍ମ ତାରିଖ ୧୯।୬।୧୯୭୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୧, ଭାଗ୍ୟାଙ୍କ ୬ ଓ ନାମାଙ୍କ ୩୬ ଅଟେ ଏବଂ ନାମାଙ୍କର ପିରାମିଡ ସଂଖ୍ୟା ୧୮। ୨୩ ତାରିଖକୁ ବିଚାରକୁ ନେଲେ ରାହୁଲଙ୍କ ଜନ୍ମାଙ୍କ, ଭାଗ୍ୟାଙ୍କ, ନାମାଙ୍କ ସହ ୨୩ ସଂଖ୍ୟା ଅଶୁଭ ନ ହେଲେ ମଧ୍ୟ ସେଭଳି ପ୍ରଭାବଶାଳୀ ଶୁଭ ଫଳଦେବାକୁ ସକ୍ଷମ ନୁହେଁ। ପ୍ରଭାବଶାଳୀ ଶୁଭ ଫଳ ବିନା ପ୍ରଧାନମନ୍ତ୍ରୀ ହେବା କ'ଣ ସମ୍ଭବ? ପୁନଶ୍ଚ ନାମ ପିରାମିଡ ସଂଖ୍ୟା ୧୮ ହେଉଥିବାରୁ ଏହା ତାଙ୍କୁ ସର୍ବଦା ଦୈବୀକୃପାରୁ ବଞ୍ଚିତ କରୁଛି। ଅନ୍ୟ ପକ୍ଷରେ ମୋଦିଙ୍କ ଜନ୍ମ ତାରିଖ ୧୭।୯।୧୯୫୦। ଏହି ଦୃଷ୍ଟିରୁ ଜନ୍ମାଙ୍କ ୮, ଭାଗ୍ୟାଙ୍କ ୫ ଏବଂ ନାମାଙ୍କ ୪୧। ଅଙ୍କ ବିଜ୍ଞାନ କହେ ୮,୧୭,୨୬ ତାରିଖରେ ଜନ୍ମିତ ବ୍ୟକ୍ତିଙ୍କ ଶୁଭ ସଂଖ୍ୟା ୧ ଏବଂ ୫। ୧୭ରେ ଜନ୍ମିତ ମୋଦିଙ୍କ ପାଇଁ ୨୩=୫ ଶୁଭ ହେବ। ମୋଦିଙ୍କ ଭାଗ୍ୟାଙ୍କ ୫ ହେଉଥିବାରୁ ଏବଂ ନାମାଙ୍କ ୪୧=୫ ହେଉଥିବାରୁ ୨୩ ତାରିଖ ସମସ୍ତ ବିରୋଧ ସତ୍ତ୍ୱେ ତାଙ୍କୁ ପ୍ରଭାବଶାଳୀ ଶୁଭଫଳ ପ୍ରଦାନ କରିବ ଏବଂ ପୁନଶ୍ଚ ପ୍ରଧାନମନ୍ତ୍ରୀ କରିବ। ୫ ସଂଖ୍ୟାର ଅଧିପତି ଗ୍ରହ ବୁଧ ଅଟନ୍ତି। ମୋଦିଙ୍କ ଜନ୍ମ କୁଣ୍ଡଳୀରେ ବୁଧ ଉଚ୍ଚ, ଶକ୍ତିଶାଳୀ ହୋଇ ରହିଛନ୍ତି। ଏହି ୫ର ପ୍ରଭାବ ପାଇଁ ସେ ଶକ୍ତିଶାଳୀ ବକ୍ତା ଏବଂ ସଙ୍ଗଠକ ହୋଇପାରିଛନ୍ତି। ମୋଦିଙ୍କ ପିରାମିଡ୍ ସଂଖ୍ୟା ୨୫ ହେଉଥିବାରୁ ତାଙ୍କ ବୈବାହିକ ଜୀବନକୁ ଏହା ପ୍ରଭାବିତ କରିଛି। କେହି କେହି କହନ୍ତି ନରେନ୍ଦ୍ର ଦାମୋଦର ମୋଦି ଏହାଙ୍କ ଅସଲ ନାମ। କିରୋ, ସେତୁରମଣଙ୍କ ଭଳି ମହାନ ଅଙ୍କ ବିଜ୍ଞାନୀ କହନ୍ତି ପରିଚିତ ନାମ ହିଁ ଜୀବନକୁ ପ୍ରଭାବିତ କରିଥାଏ। ତେବେ ନରେନ୍ଦ୍ର ଦାମୋଦର ମୋଦି=୬୪ ସଂଖ୍ୟା ଅଟେ ଏହା ୪୬ ସଂଖ୍ୟା ଭଳି ଶକ୍ତିଶାଳୀ, ଶୁଭ ଏବଂ ପରାକ୍ରମ ସଂଖ୍ୟା। ତେଣୁ ମୋଦିଙ୍କ ପାଇଁ ଏହି ନାମ ମଧ୍ୟ ଅତ୍ୟନ୍ତ ଶୁଭ ପ୍ରଦାନକାରୀ।

ମମତା ବାନାର୍ଜୀଙ୍କ ଜନ୍ମ ତାରିଖ ୫।୧।୧୯୫୫। ଜନ୍ମାଙ୍କ ୫, ଭାଗ୍ୟାଙ୍କ ୮ ଏବଂ ନାମାଙ୍କ ମଧ୍ୟ ୫। ଏହା ଘୋଷଣା କରୁଛି ଭାଜପା ମମତା ଦିଦିଙ୍କ କୌଣସି କ୍ଷତି ଘଟାଇ ପାରିବ ନାହିଁ, ଯାହା ସମସ୍ତେ ଆଶା ରଖୁଛନ୍ତି। ଯୋଗୀ ଆଦିତ୍ୟନାଥଙ୍କ ଜନ୍ମ ୫ ତାରିଖରେ ହୋଇଥିବାରୁ ଅଖିଳେଶ ଏବଂ ମାୟାବତୀଙ୍କ ମେଣ୍ଟ ଆଶାନୁରୂପ ଭାଜପାର କ୍ଷତି ଘଟାଇବାକୁ ସକ୍ଷମ ହେବନାହିଁ। ମଜା କଥା ସ୍ମୃତି ଇରାନୀଙ୍କ ଜନ୍ମ ୨୩ ତାରିଖ, ତେଣୁ ରାହୁଲଙ୍କୁ ହରାଇବା ମୋଟେ ଅସମ୍ଭବ ନୁହେଁ, ଅବଶ୍ୟ ସ୍ମୃତିଙ୍କ ନାମାଙ୍କ ଏତେ ଶକ୍ତିଶାଳୀ ନୁହେଁ।

ଏଥର ୧୬ ତାରିଖ ନୁହେଁ ୨୩ ତାରିଖରେ ନିର୍ବାଚନ ଫଳ ପ୍ରକାଶ ହେବ, ତେଣୁ ନବୀନବାବୁଙ୍କ ପାଇଁ ପୂର୍ବ ଦୁଇ ନିର୍ବାଚନ ଭଳି ମୋଟେ ସହଜ, ଶୁଭ ଘଟିବ ନାହିଁ। ନବୀନ ପଟ୍ଟନାୟକଙ୍କ ନାମାଙ୍କ ୪୯=୧୩=୪ ଅଟେ। ଜନ୍ମ - ୧୬।୧୦।୧୯୪୬, ତେଣୁ ଭାଗ୍ୟାଙ୍କ ୪। ୪ ଅଙ୍କ ନବୀନବାବୁଙ୍କ ଭାଗ୍ୟାଙ୍କ ଏବଂ ନାମାଙ୍କ ମଧ୍ୟ ଏବଂ ଏହି ସଂଖ୍ୟା ରାହୁ ଗ୍ରହଙ୍କୁ ବୁଝାଏ। ନବୀନବାବୁଙ୍କ ଜୀବନକୁ ସର୍ବାଧିକ ପ୍ରଭାବିତ କରିଛି ଏହି ୪ ଅର୍ଥାତ୍ ରାହୁ। ୧୬ ତାଙ୍କ ପାଇଁ ଶୁଭ ସଂଖ୍ୟା ଆଉ ୪ ଏବଂ ୨୩ ତାରିଖ ଅଶୁଭ ନ ହେଲେ ବି ୧୬ ଭଳି ପରିଣାମ ଦେବାକୁ ମୋଟେ ସକ୍ଷମ ନୁହେଁ। ପୁନଶ୍ଚ ୨୩।୫।୨୦୧୯ ସବୁ ମିଶିଲେ ୪ ଅଟେ। ଏସବୁକୁ ବିଚାର କଲେ ରାହୁଙ୍କ ଦୟାରୁ ନବୀନବାବୁ ସରକାର ଗଢିବା ପାଇଁ ସଂଖ୍ୟା ଯୋଗାଡ଼ କରିପାରନ୍ତି ସତ କିନ୍ତୁ ଶାସନ ବ୍ୟବସ୍ଥା ଏବଂ ନେତୃତ୍ୱ ବହୁ ସମସ୍ୟାପୂର୍ଣ୍ଣ ହୋଇରହିବ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ-୯୪୩୭୬୪୧୪୧୩

# ଫନୀରୁ ଫାଇଦା



ଡ. ଚିନ୍ତାମଣି ପଣ୍ଡା

ଚକ୍ରବାତ ଫନୀ ତାଣ୍ଡବ ରଚିବା ପରେ ଅପସରି ଯାଇଛି। କିନ୍ତୁ ପଛରେ ଛାଡିଯାଇଛି ଧ୍ୱଂସସ୍ତୂପର ବିଭୀଷିକା, ଛାରଖାର କରିଯାଇଛି ସଂସାରର ସବୁଜିମା। ଏପରି ଏକ ବିଧ୍ୱସ୍ତକାରୀ ବାତ୍ୟା ସାଧାରଣ ଜୀବନକୁ ତଳିତଳାନ୍ତ କରି ଦେଇଥିବା ବେଳେ ମୁଷ୍ଟିମେୟ ଗୋଷ୍ଠୀଙ୍କ ନିହିତ ସ୍ୱାର୍ଥର ଚରିତାର୍ଥ ନିମନ୍ତେ ଆଣିଦେଇଛି ସୁବର୍ଣ୍ଣସୁଯୋଗ। ଏହି ଗୋଷ୍ଠୀର ପ୍ରଥମ ବର୍ଗରେ ଅଛନ୍ତି ବୈଦ୍ୟୁତିକ ଗଣମାଧ୍ୟମବାଲା। ମିନିଟ୍‌କୁ ମିନିଟ୍ ତାଜା ଖବର ନାଁରେ ଅନେକ ମସଲାଦାର ଖବର ପରିବେଷଣ କରିବା ସାଙ୍ଗକୁ ନିଜର ପାଣ୍ଡିତ୍ୟ ପ୍ରଦର୍ଶନରେ ଏପରି ମନ୍ତବ୍ୟ ରଖନ୍ତି, ଯାହାକି ଦର୍ଶକମାନଙ୍କୁ ଶଙ୍କାଗ୍ରସ୍ତ ତଥା ହତଚକିତ କରିପକାଏ। ବିଭିନ୍ନ ଚାନେଲରେ ଚମକପ୍ରଦ ଖବର ପରିବେଷଣ ପାଇଁ ଯେଉଁ ଅହେତୁକ ପ୍ରତିଯୋଗିତା ତାହା କେବଳ ଟି.ଆର୍.ପି. ନିଶାରେ। କହିବା ବାହୁଲ୍ୟ ଯେ ସେମାନଙ୍କ କ୍ୟାମେରା ସାମ୍ନାରେ ଲୋକଟିଏ ଭାସିଯାଉଥିବାର ଦେଖିଲେ ତାକୁ ଉଦ୍ଧାର କରିବା ପରିବର୍ତ୍ତେ ତା'ର ଆର୍ତ୍ତଚିତ୍କାରର ଚିତ୍ର ସବୁ ଉତ୍ତୋଳନ କରି ପ୍ରସାରଣ କରିବାକୁ ଶ୍ରେୟସ୍କର ମଣନ୍ତି। ଧନ୍ୟ ସେ କର୍ତ୍ତବ୍ୟର ତାଡ଼ନା! ଏମାନେ ଏପରି ଦୈବୀ ଦୁର୍ବିପାକକୁ ନିଜ ଚାନେଲର ଲୋକପ୍ରିୟତା ବୃଦ୍ଧି ଆଶାରେ ଚାହିଁ ବସିଥାନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ ଜନପ୍ରତିନିଧି। ସେ ନିର୍ବାଚିତ ହୋଇଥାନ୍ତୁ ବା ପରାଜିତ, ଏମିତି ଏକ ଦୁର୍ବିପାକକୁ ଚାହିଁ ବସିଥାନ୍ତି କେବଳ କ୍ଷମତା ଲୋଭରେ। ଗୁରୁ ଧନ ଶିଷ୍ୟଙ୍କୁ ଦେଇ କେବଳ ମଝିରେ ହାତ ଚିକ୍କଣ କରିବା ପରି କ୍ଷମତାଲିପ୍‌ସୁ ଏହି ନେତାଗଣ ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ପରି ସରକାରୀ ଧନକୁ ଜନସାଧାରଣଙ୍କୁ ଦେଇ ନିଜର ପତିଆରା ଜାହିର କରିଥାନ୍ତି। ଏମାନଙ୍କର ଚେଲାଚାମଣ୍ଡାଗଣ ଏପରି ଏକ ସଙ୍କଟମୟ ପରିସ୍ଥିତିରେ ଗରିବ, ଅଶିକ୍ଷିତ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ଫାଇଦା କରାଇଦେବା ବାହାନାରେ ଦୁଇପଇସା ରୋଜଗାର କରିଥାନ୍ତି। ବେଳେ ବେଳେ କୁଜିନେତା, ଟାଉଟର ଦଳ ମୃତ ଲୋକକୁ ଜୀବିତ ଦର୍ଶାଇ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ହଡପ କରିନିଅନ୍ତି।

ପରବର୍ତ୍ତୀ ଗୋଷ୍ଠୀ ହେଲେ ସରକାର ଚଳାଉଥିବା ଅମଲାତନ୍ତ୍ରୀବୃନ୍ଦ। ତଳସ୍ତରଠୁ ଆରମ୍ଭ କରି ଉପରଯାଏ ଏମାନଙ୍କ ମଧ୍ୟରେ ଅନ୍ତଃସ୍ରୋତା ଫଲ୍‌ଗୁ ନଦୀର ବାଲୁକା ଶଯ୍ୟା ପରି ଏକ ଅଦୃଶ୍ୟ ସ୍ରୋତ ଚାଲିଥାଏ, ଯାହାକୁ ମଧ୍ୟ ଆମେ 'ପ୍ରପର ଚାନେଲ' ବୋଲି କହିଥାଉ। ଏମାନେ ସନ୍ତୁଷ୍ଟ ହେଲେ ଧନଶାଳୀ ବ୍ୟକ୍ତିଟିକୁ କାରସାଦି କରି ଭିକାରି ଭତ୍ତା କରାଇଦିଅନ୍ତି ଆଉ ରାଗିଲେ...। ପରବର୍ତ୍ତୀ ଗୋଷ୍ଠୀ ହେଲେ ବ୍ୟବସାୟୀ, ପରିସ୍ଥିତିରୁ ଫାଇଦା ଉଠାଇବାକୁ ଯାଇ କଳାବଜାର କରି ପାଞ୍ଚଟଙ୍କାର ଜିନିଷକୁ ୨୫ ଟଙ୍କାରେ ବିକ୍ରି କରି ଜନସାଧାରଣଙ୍କ ପକେଟ କାଟିବାକୁ ପଛାନ୍ତି ନାହିଁ। ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମହଜୁଦ କରି ବଜାରରେ ଏହାର ଅହେତୁକ ମୂଲ୍ୟବୃଦ୍ଧି ଘଟାନ୍ତି। ଫଳରେ ଅକାରଣରେ ବାତ୍ୟା କ୍ଷତିଗ୍ରସ୍ତ ଅସହାୟ ଲୋକେ ବେଡି ଉପରେ କୋରଡାମାଡ ପରି ମହଙ୍ଗା ମାଡ଼ରେ ଆଉଟୁ ପାଉଟୁ ହୁଅନ୍ତି।

ଅନ୍ୟ ଏକ ଗୋଷ୍ଠୀ ହେଲେ କୁଶଳୀ କାରିଗର। ରାଜମିସ୍ତ୍ରିଠାରୁ ଆରମ୍ଭକରି ପାଇପ ମିସ୍ତ୍ରି ପର୍ଯ୍ୟନ୍ତ ଏବଂ ବୈଦ୍ୟୁତିକ ସରଞ୍ଜାମ ମରାମତିଠାରୁ ଜେନେରେଟର ଭଡାରେ ଦେଉଥିବା ବ୍ୟକ୍ତି ପର୍ଯ୍ୟନ୍ତ ସବୁସ୍ତରର କାରିଗର ମନଇଚ୍ଛା ଦର ହାଙ୍କିଥାନ୍ତି ସାଧାରଣ ଜନତାଙ୍କ ଉପରେ ଏଇ ମଉକାରେ। ସାମାନ୍ୟ କ୍ଷତି ପହଞ୍ଚି ଥାଉ କି ନ ଥାଉ ଅତ୍ୟଧିକ ଲାଭର ଆଶାରେ ଏମାନେ ତାହାକୁ ଅକାମୀ ଦର୍ଶାଇ ପଇସା ଲୁଟିଥାନ୍ତି। ଏମାନଙ୍କ ପଛକୁ କ୍ଷୁଦ୍ର ବ୍ୟବସାୟୀମାନେ ଧାଡି ଲଗେଇଥାନ୍ତି। ପେଟ୍ରୋଲଠାରୁ ଆରମ୍ଭକରି ମହମବତି, ଚା, ଜଳଖିଆ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ଉଚ୍ଚା ଦରରେ କିଣା ଦର୍ଶାଇ ମୂଲ୍ୟବୃଦ୍ଧିରେ ସହାୟକ ହୋଇଥାନ୍ତି। ଖାଲି ସେତିକି ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଅପମିଶ୍ରଣ କରି ଏହି ସୁଯୋଗରୁ ଯଥେଷ୍ଟ ଆର୍ଥିକ ଫାଇଦା ଉଠାଇଥାନ୍ତି।

କବାଡିବାଲାଏ ଭଙ୍ଗାଜିନିଷ ସହିତ ଭଲ ଜିନିଷକୁ ମଧ୍ୟ ଭାଙ୍ଗିରୁଜି ଏହି ସୁଯୋଗର ଫାଇଦା ନେଇଥାନ୍ତି। ପରିଶେଷରେ ସାଧାରଣ ଜନତା, ସେମାନେ ବା ଆଉ ଛାଡନ୍ତେ କିପରି। ନକଲି ହିତାଧିକାରୀ ସାଜି ଯଥେଷ୍ଟ ଅଧିକ କ୍ଷତି କାଗଜପତ୍ରରେ ଦର୍ଶାଇ ଆବଶ୍ୟକ ହେଲେ ହାତଗୁଞ୍ଜା ଦେଇ ମଧ୍ୟ ସମସ୍ତ ସରକାରୀ ସୁବିଧାସୁଯୋଗକୁ ହାତେଇ ନେଇଥାନ୍ତି। ତେଣୁ ଗୋଟିଏ କେଇ ଘଣ୍ଟାର ପ୍ରାକୃତିକ ଦୁର୍ବିପାକ ଏକ ଲମ୍ବା କୃତ୍ରିମ ଯନ୍ତ୍ରଣାସିକ୍ତ ଆପଦରେ ପରିବର୍ତ୍ତିତ ହୋଇଯାଏ। ଏଇ ପରିପ୍ରେକ୍ଷୀରେ ବିଚରା ମଣିଷଟି ଦୁଇପଟୁ ଚକିରେ ପେଷିହେବା ପରି ସନ୍ତୁଳିତ ହୋଇ ପରମେଶ୍ୱରଙ୍କୁ ଯନ୍ତ୍ରଣାରେ ତ୍ରାହି ତ୍ରାହି ଡାକ ଛାଡୁଥାଏ। ତେଣୁ ବାତ୍ୟା, ବନ୍ୟା ପରି ଦୁର୍ବିପାକ କାହା ପାଇଁ କାଳ ତ କାହା ପାଇଁ ରୋଜଗାରର ବେଳ।

ପ୍ରଫେସର, କୃଷି ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ବର୍ତ୍ତମାନ ଗ୍ରୀଷ୍ମଋତୁ ଜାରି ରହିଥିବାବେଳେ ଅନେକ ସ୍ଥାନରେ ଉତ୍କଟ ଜଳସଙ୍କଟ ସୃଷ୍ଟି ହୋଇଛି। ଏଥିପାଇଁ ଗୋଟିଏ ଗାଁର ପୁଅଙ୍କୁ ବାହାଘର କରିବା ମୁସ୍କିଲ ହୋଇପଡିଛି। କାରଣ ଏହି ଗାଁକୁ ଝିଅ ଦେବାକୁ ରାଜି ହେଉନାହାନ୍ତି କନ୍ୟାଘର। ଛତିଶଗଡ଼ର ବିଳାସପୁରରେ ଦେଖାଦେଇଛି ଏଭଳି ଜଳସଙ୍କଟ। ଏଥିପାଇଁ ଝିଅ ବିବାହ ଦେବାକୁ କନ୍ୟାଘର ଲୋକେ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଆଦିବାସୀ ଗାଁ କାଡ଼ନିଆରେ ଏହି ସମସ୍ୟା ପାଇଁ ପୁଅଘର ଲୋକେ ସମସ୍ୟାରେ ପଡିଲେଣି। ପାଣି ଆଣିବା ପାଇଁ ଉକ୍ତ ଗାଁର ମହିଳାଙ୍କୁ ବଡ଼ିଭୋରରୁ ୫ କିଲୋମିଟର ଯିବାକୁ ପଡୁଛି। ତେଣୁ ଝିଅ ହନ୍ତସନ୍ତ ହେବା ଆଶଙ୍କା ଥିବାରୁ କନ୍ୟାଘର ଏଠାରେ ବାହାଦେବାକୁ ରାଜି ହେଉ ନ ଥିବା କୁହାଯାଉଛି। ଏହି ଗାଁରୁ ଝିଅମାନେ ବାହାର ଗାଁ ପୁଅଙ୍କ ସହିତ ବିବାହ କରୁଥିଲେ ମଧ୍ୟ ଅନ୍ୟ ଗାଁର ଝିଅ ଏଠାକୁ ବାହାହୋଇ ଆସିବାକୁ ଚାହୁଁନାହାନ୍ତି। କାଡ଼ନିଆ ଗାଁରେ ଶହେ ଆଦିବାସୀ ପରିବାର ବାସକରୁଛନ୍ତି। ଏଠାରେ ଭୂତଳ ଜଳସ୍ତର କମିଯାଉଥିବାରୁ ନଳକୂଅଗୁଡ଼ିକ ଶୁଖିଲା ପଡ଼ିଛି।

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି!
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।

ରୂପ ଓ ବାଣୀ
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମେ୧୨- ଋଣ ଖିଲାପକାରୀଙ୍କର ଓକିଲ ରଖିବାର ଅଧିକାର ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।
୧୪- ଭାରତର ଜି.ଏସ୍. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ୍ ରେଫରି ହେବାର ସୌଭାଗ୍ୟ ଲାଭ କରିଛନ୍ତି।
୧୫- ଆତଙ୍କବାଦୀ ସର୍ଦ୍ଦାର ହାଫିଜ୍ ସଇଦଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ପାକିସ୍ତାନ ସରକାର ଗିରଫ କରିଛନ୍ତି।
୧୬- ବିଶିଷ୍ଟ ଲେଖିକା ଡା. ମଣିଦୀପା ପଟ୍ଟନାୟକ(୪୮)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି, ସେ ରହୁଥିବା ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜନଗରସ୍ଥିତ ବସେରା ଆପାର୍ଟମେଣ୍ଟରୁ କବାଟ ଭାଙ୍ଗି ତାଙ୍କର ଗଳିତ ଶବ ଉଦ୍ଧାର କରାଯାଇଛି।
୧୭- ଓଡ଼ିଶା ଜନ୍ମିତ ବରିଷ୍ଠ ଆଇଏଏସ୍ ଅଫିସର ତଥା ପିଏମ୍‌ଓର ପ୍ରମୁଖ ଅତିରିକ୍ତ ସଚିବ ପ୍ରମୋଦ ମିଶ୍ରଙ୍କୁ ୨୦୧୯ର ବିପର୍ଯ୍ୟୟ ସଂକଟ ହ୍ରାସ ଲାଗି ଜେନିଭାରେ ଜାତିସଂଘର ସମ୍ମାନଜନକ କାକାସାୱା ପୁରସ୍କାର ମିଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୪

- ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ ଭାରତ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମଧ୍ୟରେ ବହୁ ଆଲୋଚିତ ଶୀର୍ଷ ବୈଠକ ଅନୁଷ୍ଠିତ।
- ଇଟାଲୀ ପ୍ରଧାନମନ୍ତ୍ରୀ ସିଲଭିଓ ବେର୍ଲୁସ୍କୋନି ପାର୍ଲାମେଣ୍ଟର ଉପର ଗୃହରେ ଆସ୍ଥା ଭୋଟର ସମ୍ମୁଖୀନ ହୋଇଛନ୍ତି।
- ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି କାର୍ଲୋସ ଆଣ୍ଡିଜ ପେରେଜ ସାଧାରଣ ପାଣ୍ଠିରୁ ୧୭.୨ ନିୟୁତ ଡଲାର ଅର୍ଥ ଆତ୍ମସାତ ଅଭିଯୋଗରେ ହାଜତରେ ଭର୍ତ୍ତି ହୋଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | | | | E | 7 | | | | | 5 |
| 8 | 3 | 9 | | | 2 | | 4 | 7 | 5 | | | 6 | | |
| B | | | 9 | | | 0 | 3 | | | | | | | 1 |
| | | | | | 8 | 1 | | 9 | | | | | 0 | |
| E | A | 6 | | | | | | | 1 | 0 | C | | | |
| 5 | 6 | 0 | | D | | B | C | 2 | | | 7 | 4 | 9 | |
| 4 | | | | 8 | | | 7 | | A | | | | D | |
| | | 1 | | | 6 | | | | E | | | | | |
| | | | 2 | E | | | | 5 | | | D | | | 7 |
| 7 | | 2 | | | | | 1 | D | | B | | 3 | | |
| | 1 | | | | D | | 6 | | 0 | 7 | | | 3 | |
| | 7 | 4 | | | B | | 2 | 0 | | 3 | | 5 | | 8 |
| | | | | | | | | | | | 6 | | | 4 |
| 0 | | | C | | | | 5 | | 4 | | B | | E | |
| | 2 | | 1 | | | 3 | | | | | 9 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | 3 | 8 | 7 | 1 | 4 | 9 | 0 | C | E | B | 5 | D |
| E | 0 | 5 | A | D | 4 | 3 | B | C | 7 | 6 | 8 | 1 | 2 | 9 |
| C | 1 | 9 | 2 | B | 5 | E | 6 | 0 | 3 | A | D | 8 | 4 | 7 |
| 3 | D | 4 | C | 0 | 1 | 7 | 5 | 8 | 2 | B | 9 | E | 6 | A |
| B | 8 | 7 | E | 6 | 9 | D | A | 2 | 5 | 1 | 4 | 0 | C | 3 |
| 0 | 6 | 3 | 5 | 4 | C | 8 | D | B | 1 | 7 | A | 9 | E | 2 |
| 4 | 7 | C | B | 9 | 3 | 2 | E | 1 | D | 8 | 6 | A | 0 | 5 |
| D | 5 | 2 | 8 | 1 | E | 4 | 7 | A | 9 | 3 | 0 | 6 | B | C |
| 8 | 9 | E | D | A | 2 | 5 | 0 | 6 | C | 4 | B | 3 | 7 | 1 |
| 1 | B | A | 6 | 7 | 0 | 9 | C | 3 | E | 5 | 2 | 4 | D | 8 |
| 5 | 2 | D | 9 | E | A | B | 3 | 7 | 6 | 0 | 1 | C | 8 | 4 |
| 7 | C | B | 1 | 2 | 8 | 6 | 9 | 5 | 4 | E | 3 | D | A | 0 |
| 6 | 3 | 8 | 0 | C | D | A | 2 | 4 | B | 9 | 7 | 5 | 1 | E |
| A | E | 0 | 4 | 3 | 6 | C | 1 | D | 8 | 2 | 5 | 7 | 9 | B |
| 9 | 4 | 1 | 7 | 5 | B | 0 | 8 | E | A | D | C | 2 | 3 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### କନିଷ୍ଠ ଶିକ୍ଷକଙ୍କ ପ୍ରତି ଶୁଭଦୃଷ୍ଟି ପଡ଼ିବ କେବେ

ମହାଶୟ,

ରାଜ୍ୟ ସରକାର ଫିଟ୍‌ମେଣ୍ଟ କମିଟିର ସୁପାରିସକ୍ରମେ ସମସ୍ତ ବିଭାଗର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ କରିଥିବା ବେଳେ ରାଜ୍ୟର ୭୦ ହଜାର କନିଷ୍ଠ ଶିକ୍ଷକଙ୍କ ମୂଳ ବେତନର ୨୫% ବୃଦ୍ଧି ସହ ବାର୍ଷିକ ୧୦% ଇନ୍‌କ୍ରିମେଣ୍ଟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ନ କରିବା ପରିତାପର ବିଷୟ। କନିଷ୍ଠ ଶିକ୍ଷକମାନେ ଦୀର୍ଘଦିନରୁ ବେତନ ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ଏପର୍ଯ୍ୟନ୍ତ ପାଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଏହାର ସୁବିଚାର କରନ୍ତୁ।

ରମାକାନ୍ତ ସାହୁ, ଦଶରଥପୁର, ଯାଜପୁର

### ସର୍ବସାଧାରଣ ସ୍ଥାନରେ ମାଂସକଟା

ପୁଣ୍ୟତୋୟା ଭାର୍ଗବୀ ନଦୀ ଉପରେ ନିର୍ମିତ ଉତ୍କଳମଣି ସେତୁ ବାମପାର୍ଶ୍ୱ, ଯେଉଁଠି ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ରାସ୍ତାର ପ୍ରଜ୍ଞାପନ ପଟ ଅଛି, ସେହି ସ୍ଥାନରେ ମାଂସକଟା/ମାଂସବିକ୍ରି ବେଧଡ଼କ ଚାଲିଛି। ଉଚ୍ଚ ନ୍ୟାୟାଳୟ ସରକାରୀ ରାସ୍ତା ଉପରେ, ଜନସାଧାରଣ, ଛାତ୍ରୀଛାତ୍ର, ଯାନବାହନ ଚାଲୁଥିବା ରାସ୍ତାରେ ଜୀବହତ୍ୟା ଓ ମାଂସ ବିକ୍ରିକୁ ନିଷିଦ୍ଧ କରିଥିଲେ ମଧ୍ୟ ଏଠାରେ ଧାର୍ମିକ ଦିବସମାନଙ୍କରେ ବି ଏହି ବେନିୟମ କାର୍ଯ୍ୟ ଚାଲିଛି। ପୋଲିସ ଜାଣି ମଧ୍ୟ ଚୁପ୍ ରହିବା ଆଶ୍ଚର୍ଯ୍ୟର ବିଷୟ।

ବିଦ୍ୟାଧରପୁର, ବଳପୁର, ସୁଆଣ୍ଡୋ, ରାୟଖଣ୍ଡି, ଗୁଆଳିଗୋରଡା
ଅଞ୍ଚଳବାସୀ, ସତ୍ୟବାଦୀ, ପୁରୀ, ଓଡ଼ିଶା

### ଚାଷଜମିକୁ ବାଟ ନାହିଁ

ଅରଣା ପଞ୍ଚାୟତ ଦେଇ କଟକ-ପାରାଦୀପ ରେଳପଥ ଯିବା ଦ୍ୱାରା ଅରଣା ପଞ୍ଚାୟତ ଏବଂ ମାଣପୁର ପଞ୍ଚାୟତର ଚାଷୀମାନଙ୍କର ରେଳପଥର ଦକ୍ଷିଣ ଦିଗରେ ପ୍ରାୟ ୨୦୦୦ ହେକ୍ଟର ଚାଷଜମି ଏବଂ ଚାରଣଭୂମି ରହିଯାଇଛି। ତେଣୁ ଚାଷୀମାନଙ୍କୁ ଚାଷଜମି ତଥା ଚାରଣଭୂମିକୁ ଯିବା ପାଇଁ ଅସୁବିଧା ହେଉଛି। ସେମାନେ ଅସୁରକ୍ଷିତ ଭାବେ ରେଳଧାରଣା ପାର ହୋଇ ଫସଲ, ଗୋରୁ ଏବଂ ଟ୍ରାକ୍ଟର ପ୍ରଭୃତି ନେବାଆଣିବା କରିବାକୁ ବାଧ ହେଉଛନ୍ତି। ଦୟାକରି କର୍ତ୍ତୃପକ୍ଷ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଯତ୍ନବାନ ହେବେ ବୋଲି ଆଶା କରୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଶ୍ରମିକ ମୃତ, ୨ ଆହତ

**ସୋରଡ଼ା,୧୯।୫(ଡି.ଏନ୍.ଏ.):** ଗାଜଲବାଡ଼ିଠାରୁ ରାମନାମବାଡ଼ିକୁ ଗୋଡ଼ି ବୋଝେଇ ହୋଇ ଯାଉଥିବା ଏକ ଟ୍ରାକ୍ଟର ରାମନାମବାଡ଼ି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କର ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ଘଟିଛି। ସେ ହେଲେ ରାଇଗୋଚ୍ଛା ଗ୍ରାମର ଜଗା ମଲିକ। ଗାଡ଼ି ଚାଳକ ଓ ଅନ୍ୟଜଣେ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ସୋରଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୋରଡା ଥାନାଧିକାରୀ ପ୍ରଭାତ ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ଶିବ ବିବାହ, ଶୀତଳ ଷଷ୍ଠୀ ଯାତ୍ରା ପ୍ରସ୍ତୁତି

**ଜି.ଉଦୟଗିରି,୧୯।୫(ଡି.ଏନ.ଏ.):** ଜି.ଉଦୟଗିରି ସହରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିର ଓ ଆନନ୍ଦେଶ୍ୱର ମନ୍ଦିରର ମିଳିତ ଉଦ୍ୟମରେ ହେଉଥିବା ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ଯାତ୍ରା କମିଟି ସମ୍ପାଦକ ସଞ୍ଜୟ କୁମାର ଆଚାର୍ଯ୍ୟ କହିଛନ୍ତି । ବିପିନ ସାହୁ ଯାତ୍ରା କମିଟିର ସଭାପତି ରହିଛନ୍ତି । ଜୁନ ୨ ତାରିଖ ଗୁଆ ଅନୁକୂଳ, ୭ରେ ଶିବ ବିବାହ, ୮ରେ ଯୁଗଳ ମୂର୍ତ୍ତିଙ୍କ ନଗର ପରିକ୍ରମା ଏବଂ ୯ରେ ଶୀତଳ ଷଷ୍ଠୀ ଯାତ୍ରା ଲାଗି ସାମାଜିକ ନାଟକ 'ଗାଁକୁ ଫେରୁଛି ସହରୀ ବାଘ' ନାଟକ ମଞ୍ଚସ୍ଥ ହେବ ବୋଲି ସମ୍ପାଦକ କହିଛନ୍ତି।

### ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ

**କ.ନୂଆଗାଁ,୧୯।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ଓ ଚବିଶି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈଶାଖ ମାସରେ ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ଓ ଜ୍ଞାନ ଯଜ୍ଞ ଦ୍ୱାରା ପୁଣ୍ୟ ଅର୍ଜନ ହୋଇଥାଏ। ଏଣୁ ଅଞ୍ଚଳରେ କଳସ ଯାତ୍ରା ପୂର୍ବକ ସାରଙ୍ଗଗଡ, ମହାସିଙ୍ଗି ଓ କୁଡୁତୁଲିରେ ପ୍ରତିବର୍ଷ ଏହି ମାସରେ ନାମଯଜ୍ଞ ଆୟୋଜିତ ହୋଇଥାଏ। କୁଡୁତୁଲିଠାରେ ରବିବାର ପୂର୍ଣ୍ଣାହୁତି ହୋଇଛି। ଏଥିରେ ଅଞ୍ଚଳର ୧୦ କୀର୍ତ୍ତନଦଳ ଭାଗ ନେଇଥିଲେ। ବାଳକ ରାମ ଦାସ ମହାରାଜ ଓ ଅନଳ ଦଣ୍ଡସେନା ପ୍ରବଚନ ଦେଇଥିଲେ। ଯଜ୍ଞ କର୍ତ୍ତାଭାବେ ଚାଙ୍ଗୁଆ ପାତ୍ର, ପୁରୋହିତ ରବୀନ୍ଦ୍ର ନାଥ ଶତପଥୀ, ଆବାହକ ନବୀନ ଚନ୍ଦ୍ର ବେହେର୍ଦ୍ଦଲାଇ, କବିଚନ୍ଦ୍ର ପାତ୍ର, ସମ୍ପାଦକ ସବିର କୁମାର ବେହେର୍ଦ୍ଦଲାଇ ଓ କୋଷାଧ୍ୟକ୍ଷ ସତ୍ୟବାନ ପାତ୍ର ଦାୟିତ୍ୱ ନେଇଥିଲେ। ଗ୍ରାମର ଯୁବକ ସଂଘ ସଦସ୍ୟ ଓ ମହିଳାମାନେ ସହଯୋଗ କରିଥିଲେ।

## ବିଏସ୍ଇଟିରେ ଉତ୍ତେଜନା: ଓୟୁଏଟି ପ୍ରବେଶିକା ପରୀକ୍ଷାରେ ଅବହେଳା ଅଭିଯୋଗ

# ଖରାରେ ଛିଡ଼ା ହେବାରୁ ଅଭିଭାବକ-କର୍ତ୍ତୃପକ୍ଷ ମୁହାଁମୁହିଁ

**ବ୍ରହ୍ମପୁର ଅଫିସ,୧୯।୫**

ଗୋପାଳପୁର ରୋଡ ତଥା ଡୁରା ନିକଟସ୍ଥ ବ୍ରହ୍ମପୁର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ବିଏସ୍ଇଟି)ରେ ରବିବାର ଉତ୍ତେଜନା ଦେଖାଦେଇଛି। ବିଏସ୍ଇଟିରେ ଓୟୁଏଟି ପରୀକ୍ଷା ପାଇଁ ଆସିଥିବା ପରୀକ୍ଷାର୍ଥୀଙ୍କୁ ଦୀର୍ଘ ସମୟ ଧରି ଖରାରେ ଛିଡା କରାଯିବାକୁ ନେଇ ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ କିଛି ସମୟ ଧରି ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ପରୀକ୍ଷାର୍ଥୀଙ୍କୁ ହଲ ମଧ୍ୟକୁ ଛଡା ଯିବାରୁ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି ।

ଅଭିଭାବକଙ୍କ କହିବା ପ୍ରକାରେ, ରବିବାର ଗୋପାଳପୁର ରୋଡ ତଥା ଡୁରା ସ୍ଥିତ ବିଏସ୍ଇଟି କଲେଜରେ ଓୟୁଏଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ଦେବାକୁ ସକାଳୁ ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ସେଠାରେ ପହଞ୍ଚିଥିଲେ। ପୂର୍ବାହ୍ନ ୯.୩୦ରେ ପରୀକ୍ଷା କେନ୍ଦ୍ର ମୁଖ୍ୟ ଫାଟକରେ ପରୀକ୍ଷାର୍ଥୀଙ୍କୁ ଏଣ୍ଟ୍ରି କରାଯାଇଥିଲା । କିନ୍ତୁ ହଲ ମଧ୍ୟକୁ ସେମାନଙ୍କୁ ପ୍ରବେଶ କରା ନ ଯିବାରୁ ସେମାନେ କ୍ୟାମ୍ପସ ପରିସରରେ ଖରାରେ ସିଝିଥିଲେ। ତେବେ ଖରାଯୋଗୁ ପରୀକ୍ଷାର୍ଥୀଙ୍କୁ ହଲ ମଧ୍ୟକୁ ଛାଡିବାକୁ ଅଭିଭାବକମାନେ ଅନୁରୋଧ କରିଥିବା ବେଳେ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ଅଭିଭାବକ କର୍ତ୍ତୃପକ୍ଷଙ୍କ ମଧ୍ୟରେ କଥା କଟାକଟି ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ତୁରନ୍ତ ହଲ ମଧ୍ୟ ପରୀକ୍ଷାର୍ଥୀଙ୍କୁ ଛଡାଯିବାକୁ ନେଇ ଅଭିଭାବକମାନେ କର୍ତ୍ତୃପକ୍ଷଙ୍କ ସହ ପାଟିତୁଣ୍ଡ କରିଥିଲେ । ତେବେ କିଛି ସମୟ ବଚସା ପରେ ପରୀକ୍ଷାର୍ଥୀଙ୍କୁ ହଲ ମଧ୍ୟକୁ ପ୍ରବେଶ କରିବା କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ । ଏହାପରେ ପରସ୍ଥିତି ଶାନ୍ତ ପଡିଥିଲା ।



ବିଏସ୍ଇଟି କଲେଜ ଆଗରେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ଭିଡ ।


ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପିଲାମାନେ ବ୍ରହ୍ମପୁର ନିକଟସ୍ଥ ଏକ ପୋଖରୀରେ ମଜା ନେଉଛନ୍ତି । (ଫଟୋ-ସମୀର)

## ବଜ୍ରପାତରେ ଆହତ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୫**

ବଜ୍ରପାତରେ ଆହତ ହୋଇଥିବା ଜଣେ ମହିଳାଙ୍କର ଚିକିତ୍ସାଧୀନ ଅବସ୍ଥାରେ ରବିବାର ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ବିପ୍ର ସାହୁଙ୍କ ସ୍ତ୍ରୀ ନିବାସିନୀ ( ୫୦) । ଘର ହିଞ୍ଜିଳି ଥାନା ତହଁର ଗ୍ରାମ । ପ୍ରକାଶ ଯେ, ଗତ ୧୫ ତାରିଖ ଅପରାହ୍ନରେ ନିବାସିନୀ ନିଜ ଜମିରେ ହୋଇଥିବା ବାଇଗଣ ବାଡକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୫ଟା ବେଳେ ହଠାତ ମେଘ ପବନ ହେବା ସହ ବିଜୁଳି ମାରିଥିଲା । ମେଘକୁ ଦେଖି ମହିଳା ଜଣଙ୍କ ବିଲ ଭିତରେ ହୋଇଥିବା କୁଡ଼ିଆ ଭିତରେ ରହିଥିଲେ। ସେଠାରେ ବଜ୍ରପାତ ହୋଇଥିଲା। ଫଳରେ ନିବାସିନୀ ଆହତ ହୋଇଥିଲେ । ପରେ ତାଙ୍କୁ ଏମ୍କେସିଜିରେ ଭର୍ତ୍ତି କରାଯାଇଥିଲା । ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମେଡିକାଲ ଫାଣ୍ଡି ଏସ୍ଆଇ ଜନ୍ମେଜୟ ମଲିକ କହିଛନ୍ତି । ମୃତଦେହ ଜବତ କରି ପୋଲିସ ନଂ. ୨୪୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଗ୍ରୀଷ୍ମକାଳୀନ ଶିବିରରେ ଗଣଦୌଡ଼

**ବ୍ରହ୍ମପୁର ଅଫିସ୍,୧୯।୫**

ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଅବସରରେ ରବିବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଖେଳ ବର୍ଗର ୫୫୦ଜଣ ଖେଳାଳି ଏଥିରେ ଭାଗନେଇ ଦୌଡ଼ିଥିଲେ। ବ୍ରହ୍ମପୁର ଷ୍ଟାଡିୟମ୍ରୁ ବାହାରି ସହର ପରିକ୍ରମା କରିବା ପରେ ପୁଣି ଷ୍ଟାଡିୟମ୍ରେ ପହଞ୍ଚିଥିଲେ। ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ ଏହାକୁ ଉଦ୍ଘାଟନ କରିଥିଲେ। ସହ ସମ୍ପାଦକ ବସନ୍ତ ପାଣିଗ୍ରାହୀ, କବାଡ଼ି ସମ୍ପାଦକ ଦୁର୍ଗାଚରଣ ପଟ୍ଟନାୟକ, ଖୋଖୋ ସମ୍ପାଦକ ବିଜୟ ସିଂ ସାମନ୍ତ, ଫୁଟବଲ୍ ସମ୍ପାଦକ ସୀତାରାମ ବେବର୍ତ୍ତା, ବକ୍ସିଂ ସମ୍ପାଦକ ପ୍ରଭାକର ରାଓ, ବକ୍ସିଂ କୋଚ୍ ଶିଶିର ପାଣିଗ୍ରାହୀ, ବାସ୍କେଟବଲ୍ କୋଚ୍ କାଜଲ ସାହୁ, ବିପ୍ରଚରଣ ପାଢୀ, କାଳୀଚରଣ ରଥ, ଫୁଟବଲ୍ କୋଚ୍ ରମେଶ ବେହେରା, କ୍ରିକେଟ କୋଚ୍ ଅମିତ ଦାସ, ଦିନେଶ ରାଉତ, ଖୋଖୋ କୋଚ୍ ମାନସ ପଣ୍ଡା, ଶିଶିର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଗଣଦୌଡ଼ ପରିଚାଳିତ ହୋଇଥିଲା। ହ୍ୟାଣ୍ଡବଲ୍ କୋଚ୍ ପ୍ରଶାନ୍ତ ରଥ, ଅଶୋକ, ବିଜୟ ଅଧିକାରୀ, ଶରତ ମହାପାତ୍ର, ଦୁର୍ଗା ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଅରକ୍ଷିତ ପାଣିଗ୍ରାହୀଙ୍କ ସମେତ ବହୁ ପୂର୍ବତନ ଖେଳାଳି ଅଂଶଗ୍ରହଣ କରିଥିଲେ ।


ଖେଳାଳିମାନେ ଗଣଦୌଡ଼ରେ ସହର ପରିକ୍ରମା କରୁଛନ୍ତି ।

## ୬ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ,୧୯।୫**

ବ୍ରହ୍ମପୁର ସଦର ଥାନା ପୋଲିସ ଶନିବାର ୬ ଜୁଆଡ଼ିଙ୍କୁ ଗିରଫ କରିଛି । ବୋରଗାଁସ୍ଥିତ ଏକ ଖୋଲା ପଡ଼ିଆରେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୋଲିସ ସେଠାରେ ଚଢାଉ କରି ୬ ଜଣଙ୍କୁ ଧରିବା ସହ ସେମାନଙ୍କ ଠାରୁ ୩ ହଜାର ୬ ଶହ ଟଙ୍କା ଜବତ କରିଛି । ନଂ ୧୨୪/୧୯ରେ ମାମଲା ରୁଜୁ କରି ଜୁଆଡ଼ିଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## ସାପ କାମୁଡ଼ାରେ ଚିକିତ୍ସାଧୀନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୫**

ସାପକାମୁଡାରେ ଗୁରୁତର ହୋଇଥିବା ଶିକ୍ଷୟିତ୍ରୀ ମିନତି ରାଣୀ ଜେନାଙ୍କ ବ୍ରହ୍ମପୁର ବଡ ମେଡିକାଲରେ ରବିବାର ମୃତ୍ୟୁ ଘଟିଛି । ତାଙ୍କ ଘର ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଜରାକୋଟ ବୋଲି ଫାଣ୍ଡି ପୋଲିସ କହିଛି । ମିନତିଙ୍କ ମୃତଦେହ ଜବତ କରି ପୋଲିସ ନଂ୨୪୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ, ଶନିବାର ମିନତି ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା । ତାଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାପାଙ୍କ ମୃତଦେହ ନେଲେନି ପୁଅ

**ବ୍ରହ୍ମପୁର ଅଫିସ,୧୯।୫**

**ହଜିଗଲା ମାନବିକତା**

ଏମ୍କେସିଜି ମେଡିକାଲରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବାପାଙ୍କ ମୃତ୍ୟୁ ଖବର ପାଇ ମଧ୍ୟ ତାଙ୍କର ଏକ ମାତ୍ର ପୁଅ ମୃତଦେହ ନେବାକୁ ଆସିଲେ ନାହିଁ। ଯେଉଁ ପୁଅ ଜନ୍ମ ହେବା ପରେ ବାପା ପୁଅ ପାଇଁ ଅସୁମାରୀ ସ୍ୱପ୍ନ ଦେଖିଥିଲେ, ସେହି ବୃଦ୍ଧ ବାପାଙ୍କ ମୃତ୍ୟୁ ପରେ ପୁଅ ବାପାଙ୍କୁ ଭୁଲି ଯାଇଛନ୍ତି । ଏଭଳି ଏକ ଘଟଣା ବ୍ରହ୍ମପୁର ସହରରେ ଦେଖିବାକୁ ମିଳିଛି। ମାନବିକତା ହଜିଯାଇଛି । ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିବା ମଙ୍ଗୁଲୁ ସେଠୀଙ୍କର ରବିବାର ମୃତ୍ୟୁ ଘଟିଛି। ସେ ଜଣେ ଆଇନଜୀବୀଙ୍କ ପାଖରେ ଗୁମାସ୍ତା ଭାବେ କାମ କରୁଥିଲେ। ଆଙ୍କୁଲି ନିଗମ ନଗରରେ ମଙ୍ଗୁଲୁଙ୍କ ଘର ଥିବା ବେଳେ କୌଣସି କାରଣରୁ ସେ ଏକାକୀ ଗଜପତି ନଗରର ହୃଷୀକେଶ ପାଢ଼ୀଙ୍କ ଘରେ ଭଡାରେ ରହୁଥିଲେ। ସେ ଯକ୍ଷ୍ମାରେ ଆକ୍ରାନ୍ତ ଥିଲେ। ରବିବାର ମଙ୍ଗୁଲୁ ହଠାତ ଗୁରୁତର ହୋଇପଡିଥିଲେ। ଘର ମାଲିକ ନିଗମନଗରରେ ରହୁଥିବା ତାଙ୍କ ପୁଅଙ୍କ ପାଖକୁ ଯାଇ ଖବର ଦେଇଥିଲେ। ହେଲେ ମଙ୍ଗୁଲୁଙ୍କ ପୁଅଙ୍କର ଉତ୍ତର ଥିଲା ଯେ, ସିଏ ଆମ ବାପା ନୁହନ୍ତି। ଏପରି ଉତ୍ତର ପାଇ ଘର ମାଲିକ ହୃଷୀକେଶ ଶେଷରେ ନିରାଶ ହୋଇ ସେଠାରୁ ଫେରି ଆସିଥିଲେ। ପରେ ସେ ଆମ୍ବୁଲାନ୍ସ ଡକାଇ ମଙ୍ଗୁଲୁଙ୍କୁ ଏମ୍କେସିଜିରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥପୁର ପୋଲିସ ମଙ୍ଗୁଲୁଙ୍କ ପୁଅଙ୍କୁ ବାପାଙ୍କ ମୃତଦେହ ନେବାକୁ ଅନୁରୋଧ କରିଥିଲେ । ଏହାସତ୍ତ୍ୱେ ପୁଅ ତାଙ୍କ ମୃତଦେହ ନେବାକୁ ଆସି ନ ଥିଲେ ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ମଙ୍ଗୁଲୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବିଏମ୍ସିକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ଜନଗଣନା ପାଇଁ ଗ୍ରାହକ ସେବାକେନ୍ଦ୍ରରେ ଅନ୍‌ଲାଇନ୍ ପରୀକ୍ଷା

**ସୋରଡ଼ା,୧୯।୫(ଡି.ଏନ୍.ଏ.)**

ଆସନ୍ତା ୧ ତାରିଖରୁ ୨୦୨୧ ଜନଗଣନାର କାର୍ଯ୍ୟକ୍ରମ ଆରମ୍ଭ ହେବ। ଚଳିତଥର ଜନଗଣନା କାର୍ଯ୍ୟରେ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ନିୟୋଜିତ ହେବାସହ ଗଣନାକାରୀ ମଧ୍ୟ ସେଥିରେ ରହିବେ। ପ୍ରତି ଗ୍ରାହକ ସେବା କେନ୍ଦ୍ରଗୁଡ଼ିକରେ ଏଥିପାଇଁ ଭାରତ ସରକାର ପରିସଂଖ୍ୟାନ ବିଭାଗ ପୋର୍ଟାଲ୍ରେ ଶିକ୍ଷିତ ଯୁବକଙ୍କୁ ପଞ୍ଜୀକୃତ କରାଯାଇଛି। ସେମାନେ ସିଏସ୍ସିରେ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି। ଗୃହକର୍ତ୍ତାମାନଙ୍କ ସହ କିପରି ଆଲୋଚନା କରିବେ, ତଥ୍ୟ ସଂଗ୍ରହ କରିବା, କେତେ ପ୍ରକାର ପ୍ରଶ୍ନ ପଚାରିବା ଉପରେ ଶିକ୍ଷା ଦିଆଯାଇଛି। ସବୁପ୍ରକାର କାର୍ଯ୍ୟକ୍ରମ ଅନ୍‌ଲାଇନ୍ରେ ଜଣାଯାଇଛି। ପଞ୍ଜୀକୃତ ଗଣନାକାରୀମାନେ ପରୀକ୍ଷାରେ ପାସ୍ ହେଲାପରେ ପ୍ରମାଣ ପତ୍ର ଏବଂ ପରିଚୟପତ୍ର ମଧ୍ୟ ପାଇବାର ବ୍ୟବସ୍ଥା ହୋଇଛି। ବିଶେଷକରି ଗ୍ରାମାଞ୍ଚଳର ଆର୍ଥିକ ଅବସ୍ଥା, ଚାଷୀଙ୍କ ଅବସ୍ଥାର ବାସ୍ତବରୂପ ଆକଳନ ହେବ। ଏ ନେଇ ସୋରଡ଼ା ବ୍ଲକର ପଞ୍ଜୀକୃତ ଗଣନାକାରୀମାନଙ୍କ ପରୀକ୍ଷା ଚଳିତଦିନରେ ଚାଲିଛି। ସ୍ଥାନୀୟ ବ୍ଲକ ଲାଇନ୍ ନିକଟ ଏକ କେନ୍ଦ୍ରରେ ୨୫ରୁ ଉର୍ଦ୍ଧ୍ୱ ଗଣନାକାରୀ ପରୀକ୍ଷା ଦେଇ ପାସ୍ ହୋଇଥିବା ଜଣାପଡ଼ିଛି।

## ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ

# ଅସ୍ଥାୟୀ ପୀଠରେ ବିଜେ କଲେ ମା' ତାରାଦେବୀ

**ବ୍ରହ୍ମପୁର ଅଫିସ,୧୯।୫**

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାରରୁ ଆରମ୍ଭ ହୋଇଛି । ପ୍ରତି ଦୁଇବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବ୍ରହ୍ମପୁର ପ୍ରସିଦ୍ଧ ବୁଢୀଠାକୁରାଣୀ ଯାତ୍ରା ଶେଷ ହେବା ପରେ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି କ୍ରମରେ ଚଳିତ ବର୍ଷ ମଧ୍ୟ ରବିବାର ମଧ୍ୟରାତ୍ରିରୁ ଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ରବିବାର ପୂର୍ବାହ୍ନରେ ମା'ଙ୍କ ଆଜ୍ଞାମାଳ ଧାରଣ କରିବାକୁ ଥିବା ଫୁଲ ଚାଙ୍ଗୁଡିକୁ ଦେଶୀବେହେରା ତଥା ରାଧାକୃଷ୍ଣ ମଠ ସାହିର କୁନା ସାବତଙ୍କ ଘରେ ପୂଜାର୍ଚ୍ଚନା କରାଯାଇଥିଲା । ଏହା ପରେ ବିଳମ୍ବିତ ରାତିରେ ଅସ୍ଥାୟୀ ପୀଠ ତଥା ଲାଞ୍ଜିପଲ୍ଲୀ ରାଧାକୃଷ୍ଣ ମଠ ସାହି ଘଣ୍ଟ, ବାଦ୍ୟ, ଶଙ୍ଖ, ମହୁରୀ ଓ ଢୋଲ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା। ବାଦ୍ୟ ବାଜଣା, ମହିଳାଙ୍କ ହୁଳହୁଳି ନାଦ ମଧ୍ୟରେ ମା' ତାରାଦେବୀଙ୍କ ବାପା କୁହାଯାଉଥିବା ଦେଶୀବେହେରା କୁନା ସାବତ ପୂଜା ହୋଇଥିବା ଚାଙ୍ଗୁଡିକୁ ଧରି ମନ୍ଦିର ଅଭିମୁଖେ ବାହାରିଥିଲେ।


ମା' ତାରାଦେବୀ ଠାକୁରାଣୀ ।

ସାଥୀରେ ସାହିବାସିନ୍ଦାଙ୍କ ସମେତ ମା' ତାରାଦେବୀ ଯାତ୍ରା କମିଟି କର୍ମକର୍ତ୍ତା ଓ ବହୁ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା' ତାରାଦେବୀଙ୍କ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିବା ପରେ ମା'ଙ୍କ ଆରାଧନା କରାଯାଇଥିଲା। ଘଣ୍ଟବାଦ୍ୟ, ଶଙ୍ଖନାଦ ଓ ପୁରୋହିତଙ୍କ ମନ୍ତ୍ରଧ୍ୱନୀରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା । ପୂଜାର୍ଚ୍ଚନା ମଧ୍ୟରେ ଦେଶୀବେହେରା ମା'ଙ୍କୁ ବାପଘର ତଥା ଅସ୍ଥାୟୀ ପୀଠକୁ ଯିବାକୁ ବିନତି କରିଥିଲେ । ଏହାପରେ ବିଳମ୍ବିତ ରାତିରେ ମା'ଙ୍କଠାରୁ ଆଜ୍ଞାମାଳ ମିଳିବା ପରେ ଶୋଭାଯାତ୍ରା ବାହୁଡିଥିଲା। ଦେଶୀବେହେରା କୁନା ସାବତ ମା'ଙ୍କ ଆଜ୍ଞାମାଳ ଚାଙ୍ଗୁଡିକୁ ଧରି ଅସ୍ଥାୟୀ ପୀଠକୁ ଫେରିଥିଲେ। ଭୋରୁ ଫୁଲଚାଙ୍ଗୁଡି ପୂଜାର୍ଚ୍ଚନା କରାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା ।

ଅନ୍ୟପକ୍ଷରେ ଯାତ୍ରା ପୂର୍ବ ପ୍ରସ୍ତୁତି ନେଇ ଶନିବାର ଏକ ବୈଠକ ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଏମ୍ସିର ବସ୍ତିଉନ୍ନୟନ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ । ପୋଲିସ ସମେତ ଅଗ୍ନିଶମ, ଜନସ୍ୱାସ୍ଥ୍ୟ, ସାଉଥକୋର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଯାତ୍ରାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଗ୍ରୀଷ୍ମରେ ରକ୍ତ ଅଭାବ ଦୂର ପାଇଁ ପ୍ରୟାସ

# ଷଷ୍ଠ ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ୍,୧୯।୫**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ପରିସରରେ ଥିବା ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖିବାକୁ ମିଳିଛି । ଆବଶ୍ୟକ ସ୍ଥଳେ ମଧ୍ୟ ରୋଗୀଙ୍କୁ ରକ୍ତ ମିଳୁନି । ଏହି ଅଭାବ ଦୂର କରିବା ପାଇଁ ଉଦ୍ୟମ କରୁଛି ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଡବନ୍ଧ, ମାରୱାଡି ମହିଳା ସମିତି, ନେଚର୍ସ ଲଭର୍ସ ଓଡିଶା ଏବଂ ବକ୍ସିଂ ଓଡ଼ିଶା। ଏଥିରେ ସହଯୋଗ କରୁଛି ରକ୍ତ ଭଣ୍ଡାର, ମହାତ୍ମା ହେଲ୍ପିଂ ହ୍ୟାଣ୍ଡ୍ସ। ରବିବାର ଷଷ୍ଠ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡା.ରଶ୍ମୀତା ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ୪ ଜଣ ପ୍ରଥମ ଥର ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମରେ ଦୁଇ ଭାଇ ରାକେଶ କୁମାର ବିଷୋୟୀ ଓ ବିକାଶ ବିଷୋୟୀ ମିଳିତ ରକ୍ତ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନ ଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା ଯୋଗଦେଇ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ବିଜ୍ଞାନୀ ଚନ୍ଦନ ଜାନୀ, ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଦୀପକ ପାତ୍ର, ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମହାତ୍ମା ହେଲ୍ପିଂ ହ୍ୟାଣ୍ଡ୍ସ ସଂଯୋଜକ ଏମ୍.ଭେଙ୍କଟ ରାମଣା, ଏସ୍.ଚିଟି ବାବୁ, ଏ.ସୁରେଶ, ଏମ୍.ଆଦର୍ଶ, ସୁଶିଲ କୁମାର, ସନିଆ ଗୌଡ଼, ସଞ୍ଜୟ ପାତ୍ର, ଏ.ବାବୁଲା ପାତ୍ର, ଈଶ୍ୱର ପ୍ରସାଦ ଗୌଡ଼, ମଣ୍ଟୁ ଜେନା, ସ୍ୱରୂପ କୁମାର ପଣ୍ଡା, ନବୀନ କୁମାର ସାହୁ, ନେଚର୍ସ ଲଭର୍ସ ଓଡ଼ିଶାର ଆବାହକ ଶ୍ରୀନିବାସ ରାଜନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଏହି ଶିବିର ଶେଷ ସୁଦ୍ଧା ମୋଟ ୬ ଶିବିରରେ ସମୁଦାୟ ୧୧୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

## ସଂକ୍ଷେପରେ

### ବୃଦ୍ଧଙ୍କ ମୃତ୍ୟୁ ଘଟଣା, ବାଇକ୍ ଚାଳକ ଗିରଫ

ବୁଗୁଡ଼ା,୧୯।୫(ଡି.ଏନ.ଏ.)-ବୁଗୁଡ଼ା ସହର ଉପକଣ୍ଠ ବଡ଼ଶଙ୍ଖଠାରେ ଶନିବାର ପୂର୍ବାହ୍ନରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଗୁଡ଼ା ପୋଲିସ ରବିବାର ସମ୍ପୃକ୍ତ ବାଇକ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡ଼ାର ସାଗର ସାହୁ। ଥାନା ମାମଲା ନଂ. ୩୪/୧୯ ପ୍ରକାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ରାମଣ୍ଡା ଗ୍ରାମର ବାସୁଦେବ ଗୌଡ଼ (୭୫) ଶନିବାର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଫେରୁଥିବା ବେଳେ ବଡ଼ଶଙ୍ଖ ଠାରେ ସମ୍ମୁଖ ପଟୁ ବାଇକ୍‌ରେ ଆସୁଥିବା ସାଗର ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବାସୁଦେବ ସେଠାରେ ଅଚେତ ହୋଇ ପଡ଼ିଯାଇଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ ।

### ଜାତୀୟ ପ୍ରାଣୀଧନ ମିଶନ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.):** ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟ ପରିସରରେ ରବିବାର ଜାତୀୟ ପ୍ରାଣୀଧନ ମିଶନ ପକ୍ଷରୁ ବିପଦ ପରିଚାଳନା ଓ ପ୍ରାଣୀଧନ ବୀମା କରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସକ ଡ. ଅନୀତା ଦୋରା ଉପସ୍ଥିତ ଚାଷୀମାନଙ୍କୁ ପ୍ରାଣୀଧନ ବୀମାକରଣ ଓ ସେମାନଙ୍କ ଆବଶ୍ୟକ ସୁରକ୍ଷା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସଞ୍ଜୁରାଣୀ ସେଠୀ, ଭୀଷ୍ମଗିରି ପ୍ରାଣୀ ଚିକିତ୍ସକ ଡା. ସିଦ୍ଧାର୍ଥ ପାଣିଗ୍ରାହୀ ଯୋଗଦେଇ ବୀମାକରଣ କରାଯାଇଥିବା ଗୃହପାଳିତ ପ୍ରାଣୀଙ୍କ ବୀମା ଅର୍ଥରାଶି କିପରି ପାଇପାରିବେ ସେ ନେଇ ଚାଷୀଙ୍କୁ ସଚେତନ କରିଥିଲେ। ଏଥିରେ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ସୁଶୀଲ କୁମାର ନାୟକ, ବି. ଲକ୍ଷ୍ମୀ ନାରାୟଣ ରେଡ୍ଡୀ, ପ୍ୟାରୀ ମୋହନ ଆଚାରୀ, ଜୟରାମ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

### ବୃନ୍ଦାବନ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ, ସିନ୍ଦୂରପୁର ବିଜୟୀ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଖମାରିଗାଁ ଗ୍ରାମପଞ୍ଚାୟତର ଗୋଲଣ୍ଡାସ୍ଥିତ କ୍ରିକେଟ ପଡ଼ିଆରେ ବୃନ୍ଦାବନ ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ବିଶିଷ୍ଟ ସମାଜସେବୀ ରଞ୍ଜନ ପାଣିଗ୍ରାହୀ, ଯୁବ ସଙ୍ଗଠନର ସଭାପତି ଚିତ୍ରସେନ ଗୌଡ଼ ଓ ବୃନ୍ଦାବନ ଗୌଡ଼ଙ୍କ ଉପସ୍ଥିତିରେ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଥିଲା। ପ୍ରାରମ୍ଭିକ ମ୍ୟାଚ ହାଟପଦା (ସାହାସପୁର) ବନାମ କଂସାମାରି ମଧ୍ୟରେ ହୋଇଥିଲା। ହାଟପଦା କଂସାମାରିକୁ ୧ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ରବିବାର ୨ୟ ଦିବସ ମ୍ୟାଚରେ ସିନ୍ଦୁରପୁର ଗ୍ରାମ କ୍ରିକେଟ ଟିମ ପ୍ରତିପକ୍ଷ ତଲାସିଙ୍ଗି ଗ୍ରାମ କ୍ରିକେଟ ଟିମକୁ ପରାଜିତ କରିଛି। ଟସ୍ ଜିଣି ସିନ୍ଦୁରପୁର ଟିମ ନିର୍ଦ୍ଧାରିତ ୧୨ ଓଭରରେ ୧୧୧ ରନ ହାସଲ କରିଥିଲା। ଏହି ରନର ପିଛାକରି ତଲାସିଙ୍ଗି କ୍ରିକେଟ ଟିମ ସମସ୍ତ ଉଇକେଟ ହରାଇ ୮୪ ରନ୍ କରି ପରାଜିତ ହୋଇଛି। ପ୍ରଣବ ଗୌଡ଼ ଏବଂ ଭଗବାନ ଗୌଡ଼ ଅମ୍ପାୟର ରହିଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଚିତ୍ରସେନ, ସମ୍ପାଦକ ରଞ୍ଜନ କୁମାର ପାଣିଗ୍ରାହୀ, ଶିବ କୁମାର ଗୌଡ଼, ବିଜୟ ସାହୁ, ସାଗର ପାଣିଗ୍ରାହୀ, କିରଣ ଗୌଡ଼, ଶ୍ରୀଧର ପାଣିଗ୍ରାହୀ, ସୀମାଞ୍ଚଳ ପ୍ରଧାନ, କେଦାର ପାଣିଗ୍ରାହୀ ପ୍ରମୁଖ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ ।

### ୨୧ରୁ ମା' କନକ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗଞ୍ଜାମ,୧୯।୫(ଡି.ଏନ.ଏ.):** ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ମା' କନକ ଦୁର୍ଗାଙ୍କ ବିଗ୍ରହ ଏବଂ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ମନ୍ଦିର ପାର୍ଶ୍ୱରେ ମୀନା ବଜାର, ରାମ ଦୋଳି ପଡିବ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆବାହକ ଅଜୟ କୁମାର ବାରିକି ସୂଚନା ଦେଇଛନ୍ତି । ପ୍ରମୁଖ ବ୍ୟକ୍ତିଙ୍କ ସମେତ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

# ଦିନରେ ଆହାର କେନ୍ଦ୍ର, ରାତିରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ଗଞ୍ଜାମ,୧୯।୫(ଡି.ଏନ.ଏ.)**



ଗଞ୍ଜାମ ମିନି ଷ୍ଟାଡ଼ିୟମ।

ଗଞ୍ଜାମ ସହରର ବହୁ ପୁରାତନ ଭାରତୀ ବିଦ୍ୟାପୀଠ ନିକଟରେ ରହିଛି ମିନି ଷ୍ଟାଡିୟମ। ଏନ୍‌ଏସିର ପୂର୍ବତନ ନଗରପାଳ ସ୍ୱର୍ଗତ ଶରତ ଚନ୍ଦ୍ର ପଣ୍ଡାଙ୍କ ସମୟରେ ଏହାର ଭିତ୍ତିପ୍ରସ୍ତର କରାଯାଇଥିଲା। ୨୦୧୧ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶା କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ୨୦ ଲକ୍ଷ ଏବଂ ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନଙ୍କ ହାତପାଣ୍ଠିରୁ ୫ ଲକ୍ଷ ଏପରି ମୋଟ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଷ୍ଟାଡ଼ିୟମ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଭାରତୀ ବିଦ୍ୟାପୀଠ ଅଧୀନରେ ଥିବା ଏହି ମିନି ଷ୍ଟାଡିୟମରେ ଜିଲା ପ୍ରଶାସନ ପକ୍ଷରୁ ଜାନୁୟାରୀ ୨୬ରୁ ଅସ୍ଥାୟୀ ଭାବେ ଆହାର କେନ୍ଦ୍ର ଚାଲିଛି। ଷ୍ଟାଡିୟମରେ ଦିନରେ ଆହାର ପାଇଁ ଲୋକଙ୍କ ଗହଳି ହେଉଥିବା ବେଳେ ସନ୍ଧ୍ୟା ଏବଂ ରାତିରେ ଅସାମାଜିକ ଓ ମଦ୍ୟପଙ୍କ ଭିଡ଼ ଜମୁଛି । ଏପରିକି ଏହିଠାରୁ ରାହାଜାନି ଓ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ସହରରେ ଚର୍ଚ୍ଚା ଜୋର ଧରିଛି । ଗତ କିଛିମାସ ହେଲା ଗଞ୍ଜାମ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବା ଯୋଗୁ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। କେବଳ ଲୋକ ଦେଖାଣିଆ ପାଇଁ ପୋଲିସ ବଜାରଠାରେ କିଛି ସମୟ ପାଇଁ ଗାଡ଼ି ରଖି ଫେରିଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ଥାନା ସେକେଣ୍ଡ ଅଫିସର (ଏସ୍‌ଆଇ) ହୃଷୀକେଶ ପଣ୍ଡାଙ୍କୁ ପଚାରିବାରୁ ଆଇଆଇସି ଯେପରି କହୁଛନ୍ତି ସେପରି କରାଯାଉଛି ବୋଲି କହିଛନ୍ତି । ପାଟ୍ରୋଲିଂ ବ୍ୟବସ୍ଥା ଢ଼ିଲା ସମ୍ପର୍କରେ ଆଇଆଇସି ସୁଦାମ ମଲିକ କହିଛନ୍ତି ଯେ, ସେ ଏଠାକୁ ଆସିବା ଦିନଠାରୁ ନିର୍ବାଚନ ଡ୍ୟୁଟିରେ ବ୍ୟସ୍ତ ଅଛନ୍ତି। ଏଣିକି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଭାରତୀ ବିଦ୍ୟାପୀଠ କ୍ଲର୍କ ହରି ବାରିକ କହିଛନ୍ତି ଫନୀ ପାଇଁ ଉକ୍ତ ଷ୍ଟାଡିୟମ ଖୋଲା ଯାଇଥିଲା। ଏବେ ତାଲା ପଡିଥିଲେ ମଧ ଅସାମାଜିକମାନେ ପାଚେରି ଡେଇଁ ଭିତରେ ମଦ୍ୟପାନ କରୁଛନ୍ତି। ସ୍କୁଲ ହାଇମାଷ୍ଟ ଲାଇଟ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି, ହେଲେ କିଛି ସୁଫଳ ମିଳିନି।

**ଗଞ୍ଜାମ ମିନି ଷ୍ଟାଡିୟମ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଳଗ୍ରାମ;**
**ବସିବା ଶୋଇବା ଏକ ସମାନ ।**

ଶାଳଗ୍ରାମ ଖଣ୍ଡେ ଶିଳା ବା ପଥର। ସେଥିରେ ଜୀବନ ନାହିଁ। ଶାଳଗ୍ରାମକୁ ଯେମିତି ବା ଯେପରି ରଖିଲେ ଚଳିବ। ସେ ଶୋଇଛି କି ବସିଛି ସେଥିରେ କିଛି ତଫାତ୍ ନ ଥାଏ। ପରୋକ୍ଷରେ ନିର୍ବିକାର ଲୋକର ମାନସିକ ଅବସ୍ଥା। କିଛି ବ୍ୟକ୍ତି ଅଛନ୍ତି ସେମାନଙ୍କୁ ସହଜରେ ଚିହ୍ନି ହୁଏ ନାହିଁ। ତାଙ୍କ କଥାବାର୍ତ୍ତାରୁ ଭଲମନ୍ଦ ବାରି ହୁଏ ନାହିଁ। ବାହ୍ୟ ଭାବଭଙ୍ଗୀରୁ ଅନ୍ତରର ଭାବପ୍ରକାଶ ନ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଞ୍ଜୀରୁ ନ ଥାଏ ସକାଳକୁ,**
**ଟାକି ବସିଥାଏ ପଖାଳକୁ ।**

ଗରିବ ଘର ଅଭାବ ଚିର ସହଚର। ଯେତେ ରୋଜଗାର କଲେ ବି ଅଣ୍ଟି ନ ଥାଏ। ପାଖରେ ପଇସାପତ୍ର ନ ଥିବାରୁ ଭଲରେ ଗଣ୍ଡେ ଖାଇବା ତଥା ଭଲରେ ଖଣ୍ଡେ ପିନ୍ଧିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥାଏ। ଦାଣ୍ଡରୁ ଆସିଲେ ହାଣ୍ଡିରେ ପଶିବା ଭଳି କିଏ ମୁନ୍ଦାଏ ତୋରାଣି ଦେଲେ ସେଥିରେ ପେଟ ପୂରାଇବା କଥା। ଦୀନହୀନ ଦରିଦ୍ର ବ୍ୟକ୍ତି ପରର ହାତଟେକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରବଳ ଗ୍ରୀଷ୍ମ ପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.)**

ଦିଗପହଣ୍ଡି ସହର ଓ ଗ୍ରାମାଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ପ୍ରାୟ ୨ଟା ଯାଏ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଗତ ୧୦ ଦିନ ହେଲା ସମଗ୍ର ବ୍ଲକରେ ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହୁଛି। ସମସ୍ତ ଅଞ୍ଚଳରେ ଲୋ-ଭୋଲଟେଜ୍ ଏବଂ ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ କଷ୍ଟକୁ ଦ୍ୱିଗୁଣ କରିଦେଇଛି। ଏ ନେଇ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ପ୍ରଶାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ବିଦ୍ୟୁତ୍ ଓଭରଲୋଡିଂ ସମସ୍ୟା ରହୁଥିବାରୁ ବିଭ୍ରାଟ ହେଉଥିବା ସେ କହିଛନ୍ତି। ବ୍ଲକ ଅଧୀନ ଗ୍ରାମାଞ୍ଚଳ ଓ ଏନ୍‌ଏସି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ, ପୁଞ୍ଜିକୟାଁ ଛକରେ ଏନ୍‌ଏସି ପକ୍ଷରୁ ଲୋକ ଦେଖାଣିଆ ଜଳଛତ୍ରରେ କେବଳ ମାଟି ହାଣ୍ଡି ରହିଥିବା ବେଳେ ସେଠାରେ ପାଣି ଦେବା ପାଇଁ ଲୋକ ନଥିବା ଓ ଜଳଛତ୍ର ନିକଟରେ ବୁଲା ଗୋରୁ ଶୋଇ ରହୁଥିବା ନଜରକୁ ଆସିଛି। କେବଳ ଜଳଛତ୍ର ଲେଖାଥିବା ଫ୍ଲେକ୍ସ ବ୍ୟାନର ଟାଙ୍ଗି ଦେଇ ଏନ୍‌ଏସି ପ୍ରଶାସନ ତାର କାର୍ଯ୍ୟ ସାରି ଦେଇଥିବା ଲୋକେ ଅଭିଯୋଗ କରୁଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୈଫିୟତ ତଲବ କରାଯିବ ବୋଲି କହିଛନ୍ତି ।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଝଟିପିଟିଆ ଗାଁର ଦଣ୍ଡପାଣି ସାହୁଙ୍କୁ ମଦ ବିକ୍ରି ଅଭିଯୋଗରେ ରବିବାର କୋର୍ଟଚାଲାଣ କରିଛି। ଶନିବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଦଣ୍ଡପାଣି ଦେଶୀ ମଦ ପାଉଚ ଭର୍ତ୍ତି ବ୍ୟାଗ ସହ ଧରା ପଡ଼ିଥିଲେ। ତାଙ୍କଠାରୁ ୨୩ଟି ଚୋରା ଦେଶୀ ମଦ ପାଉଚ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ନଂ. ୯୬/୧୯ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଏଏସ୍‌ଆଇ ଦିଲୀପ କୁମାର ସାହୁ କହିଛନ୍ତି।

■ଫାଙ୍କା ଗୁଳି ଚାଳନା ଘଟଣା

# ମିଟୁଙ୍କ ନାଁରେ ପୁଣି ଥାନାରେ ଏତଲା

**ଗଞ୍ଜାମ,୧୯।୫(ଡି.ଏନ.ଏ.)**

ଗଞ୍ଜାମ ବଡ଼ବଜାରସ୍ଥିତ ବିଦେଶୀ ମଦ ଦୋକାନ ସମ୍ମୁଖରେ ଗତ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ କେତେକ ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରିଥିଲେ। ଏ ନେଇ ରବିବାର ସନ୍ଧ୍ୟା ୭ଟାରେ ମଦ ଦୋକାନ ପକ୍ଷରୁ ମିଟୁ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତିକରି ନଂ. ୩୭/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଫିସର ଏସ୍‌ଆଇ ହୃଷୀକେଶ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶୁକ୍ରବାର ରାତିରେ ସୂର୍ଯ୍ୟ ନାରାୟଣପୁର ଗ୍ରାମର ମିଟୁ ଓ ତାଙ୍କ ସହଯୋଗୀମାନେ ମଦ ଦୋକାନକୁ ଆସି ମଦ ନେଇଥିଲେ। ସେଲ୍ସମ୍ୟାନ ଟଙ୍କା ମାଗିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ମିଟୁ ଧମକ ଦେଇ ଦୋକାନ ସମ୍ମୁଖରେ ଫାଙ୍କା ଗୁଳିଚାଳନା କରି ସେଠାରୁ ଫେରାର୍ ହୋଇଯାଇଥିଲେ। ଗତ ୩ଦିନ ତଳେ ମିଟୁ ଜେଲରୁ ଫେରିଥିବାବେଳେ କିଛିମାସ ପୂର୍ବେ ଗଞ୍ଜାମ ଜିଲା ପୋଲିସ ପକ୍ଷରୁ ତାଙ୍କୁ ଏନ୍‌କାଉଣ୍ଟର ହୋଇଥିଲା। ସେ ଏକାଧିକ ମାମଲାରେ ଜଡ଼ିତ ଥିବା ଗଞ୍ଜାମ ଥାନା ପୋଲିସ ପକ୍ଷରୁ କୁହାଯାଇଛି।

# ମା' ଦକ୍ଷିଣେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ଏରେଣ୍ଡ୍ରା ଟିମ୍ ଚାମ୍ପିୟନ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.)**



ଟ୍ରଫି ସହ ଚାମ୍ପିୟନ ଟିମ୍।

ଦିଗପହଣ୍ଡି ନିକଟ ରୋହିଗାଁରେ ଚାଲିଥିବା ମା' ଦକ୍ଷିଣେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଏରେଣ୍ଡ୍ରା କ୍ରିକେଟ ଟିମ ପ୍ରତିପକ୍ଷ ଝରିପଦର ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ନିର୍ଦ୍ଧାରିତ ୧୫ ଓଭରରେ ଏରେଣ୍ଡ୍ରା ଟିମ ୧୧୪ ରନ ହାସଲ କରିଥିଲା । ଜବାବରେ ଝରିପଦର ଟିମ ମ୍ୟାଚ ଶେଷ ସୁଦ୍ଧା ୧୫ ଓଭରରେ ୮ ଉଇକେଟ ହରାଇ ୮୬ ରନ ହାସଲ କରି ପରାଜିତ ହୋଇଥିଲା । ଉଦଯାପନୀରେ କୁକୁଡ଼ାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ କୁମାର ଚୌଧୁରୀ, କିଶୋର ପାତ୍ର, ଗୋବିନ୍ଦ ଚନ୍ଦ୍ର ଗୌଡ଼, ବଶିଷ୍ଠ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଟୁର୍ନାମେଣ୍ଟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ସଞ୍ଜୟ ଜେନା, ସୂର୍ଯ୍ୟକାନ୍ତ ସ୍ୱାଇଁ, ବାଳକୃଷ୍ଣ ଜେନା, ବାବୁଲା ଜେନା, କାଳୀ ଚରଣ ରଣା, ପ୍ରଭାକର ଜେନା, ବଚ୍ଚନ ଜେନା, ବାଳକୃଷ୍ଣ ସ୍ୱାଇଁ, ସନ୍ତୋଷ ପାଣିଗ୍ରାହୀ, ଦ୍ୱିତୀକୃଷ୍ଣ ସ୍ୱାଇଁ, ପିଣ୍ଟୁ ଜେନା, ଶିବରାମ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାନ କରିଥିଲେ ।

# ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଦିଗପହଣ୍ଡି,୧୯।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ନୂଆସାହିରେ ଚାଲିଥିବା ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ ତାରିଖ ବୈଶାଖ ଷଷ୍ଠୀ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀରୁ ବୈଶାଖ ପୂର୍ଣ୍ଣିମା ତିଥି ଯାଏ ୯ ଦିନ ବ୍ୟାପୀ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜଗତସିଂହପୁରସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମର ପୀଠାଧୀଶ ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପଣ୍ଡିତ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିପ୍ର ଚରଣ ପ୍ରଧାନ, ନକୁଳ ପ୍ରଧାନ, ସନ୍ତୋଷ ନାୟକ, କିଶୋର ପ୍ରଧାନ, ଉମାକାନ୍ତ ପ୍ରଧାନ, ଶିବରାମ ବିଶୋୟୀଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ
ପର୍ସନାଲ, ବିଜନେସ୍,
କୃଷି, ବ୍ୟବସାୟ,
ସମ୍ପତି, କୁକୁଡାପାଳନ,
ଇଟାଭାଟି, ଆଧାର
କାର୍ଡ, ରାସନ କାର୍ଡ,
ଆଦି ସମସ୍ତ ଋଣ
ବେରୋଜଗାର ଓ
ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି। ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### ବ୍ୟାଙ୍କ, ପୋଲିସର ମିଳିତ ସହଯୋଗରେ ଖୋଲିଲା ଜଳଛତ୍ର



ବୁଗୁଡ଼ା,୧୯।୫(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବାଲିପଦରରେ ବାଲିପଦର ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଓ ବାଲିପଦର ପୋଲିସର ମିଳିତ ସହଯୋଗରେ ଶନିବାର ଏକ ଜଳଛତ୍ର ଖୋଲାଯାଇଛି। ବାଲିପଦର ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଶାଖା ପରିଚାଳକ ରଶ୍ମିତା ସାହୁ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଦିନକୁ ଦିନ ଗ୍ରୀଷ୍ମର ଉତ୍ତାପ ବଢୁଥିବାରୁ ପଥଚାରୀ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ଜଳଛତ୍ର ଖୋଲାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଲିପଦର ଫାଣ୍ଡି ଅଧିକାରୀ, ଏସ୍‌ଆଇ ଭଗବାନ ପୂଜାରୀ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ସମାଜସେବୀ ଖଲି ପରିଡ଼ାଙ୍କ ସମେତ ବ୍ୟାଙ୍କର କର୍ମଚାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

### ଜମିଜମାକୁ ନେଇ ଗଣ୍ଡଗୋଳ

ଭଣ୍ଡାରିପୋଖରୀ, ୧୯।୫ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ରାମଚନ୍ଦ୍ରପୁର ପଞ୍ଚାୟତର ସଂପୋଇ ଗ୍ରାମରେ ଜମିଜମା ଦଖଲକୁ ନେଇ ଦୁଇ ପରିବାର ମଧ୍ୟରେ ଗତ ୯ ତାରିଖରେ ଗଣ୍ଡଗୋଳ ଘଟିଥିଲା। ଉଭୟ ପକ୍ଷରୁ ଶନିବାର ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରାଯାଇଛି। ଏକ ପରିବାରର ସାବିତ୍ରୀ ବାରିକଙ୍କ ଅଭିଯୋଗ କ୍ରମେ ପୋଲିସ ଗ୍ରାମର ରାଜେନ୍ଦ୍ର ବାରିକ ଓ ଛବି ବାରିକଙ୍କ ନାମରେ ଏକ ମାମଲା(ନଂ.୭୭/୧୯) ରୁଜୁ କରିଛି। ଅନ୍ୟପକ୍ଷର ଛବିରାଣୀ ବାରିକଙ୍କ ଅଭିଯୋଗ କ୍ରମେ ଦୀନବନ୍ଧୁ ବାରିକଙ୍କ ସମେତ ୬ଜଣଙ୍କ ନାମରେ ଏକ ମାମଲା(ନଂ. ୭୮/୧୯) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### 'ଅମୃତବିନ୍ଦୁ'ରେ ୪୦ ୟୁନିଟ ରକ୍ତ ସଂଗୃହୀତ




ତିହିଡ଼ି, ୧୯।୫ (ଡି.ଏନ.ଏ.): ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତ ଦୋହରାସାହି ବାତ୍ୟା ଆଶ୍ରୟସ୍ଥଳୀରେ ରବିବାର ରକ୍ତଦାନ ଶିବିର 'ଅମୃତବିନ୍ଦୁ' ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ସତ୍ୟସାଇ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଶିବିରରେ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡା. ଶରତ ଆଚାର୍ଯ୍ୟ, ଟେକ୍ନିସିଆନ ସାଧୁଚରଣ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଏସ୍.କେ ବୁଦ୍ଧିଆ ରକ୍ତ ସଂଗ୍ରହ କରିଥିଲେ। ସେବା ସମିତିର ଆବାହକ ପାର୍ଥସାରଥୀ ନାୟକଙ୍କ ତତ୍ତ୍ୱାବଧାନରେ ଜିଲା ସଂଯୋଜକ କ୍ଷୀରୋଦ ନାୟକ, ସଞ୍ଜୟ ମହାପାତ୍ର, ରାଜେଶ ନାୟକ, ଜଗବନ୍ଧୁ ମାଝି, ରାଧାଶ୍ୟାମ ବାରିକ, ପ୍ରଦୀପ କୁମାର ବାରିକ, ଶଶିକାନ୍ତ ବେହେରା, ବନିତା ନାୟକ, ସନ୍ତୋଷିନୀ ମଲିକ ଓ ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ

ତିହିଡ଼ି, ୧୯।୫ (ଡି.ଏନ.ଏ.) - ତିହିଡ଼ି ବ୍ଲକ ସିନ୍ଧୋଳ ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିରରେ ୧୪ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଉତ୍ସବରେ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବୁଧବାର ଅଙ୍କୁରାରୋପଣ, ଗୁରୁବାର ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜଳାଭିଷେକ ପରେ ଯଜ୍ଞସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଶୁକ୍ରବାର ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଲକ୍ଷ୍ମୀନାରାୟଣଙ୍କ ୧୦୦୮ ଆହୁତି ଓ ଗୀତାଯଜ୍ଞ ପରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ପ୍ରଦୀପ ଦାସ ସସ୍ତ୍ରୀକ ଆହୁତି ପ୍ରଦାନ କରିଥିବା ବେଳେ ମୁଖ୍ୟ ପୂଜକ ଭାବେ ସଦାନନ୍ଦ ପାଣି, ମନ୍ଦିର ପୂଜକ ରଘୁନାଥ ପାଣି ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ।

# ମଦ ବେପାରୀଙ୍କୁ ପୋଲିସ ଜିମା ଦେଲା ମହିଳା ସଂଘ

ବେଗୁନିଆପଡ଼ା,୧୯।୫(ଡି.ଏନ.ଏ.)



ମଦ ବେପାରୀଙ୍କ ଘର ନିକଟରେ ମହିଳା ସଂଘ ସଦସ୍ୟା ।

ବେଗୁନିଆପଡ଼ା ଅଞ୍ଚଳରେ ବେଧଡକ ଚୋରା ମଦ କରାବାର ଚାଲିଛି। ଅବକାରୀ ବିଭାଗ ଏହାକୁ ରୋକିବା ପରିବର୍ତ୍ତେ ଚୁପ ବସିଛି। ବିଭାଗର କେତେଜଣ ଅଫିସର ଓ ଚୋରା ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ବଜାର ହାଟ ଏପରିକି ରାସ୍ତାକଡ ଗଛ ମୂଳରେ ମଧ ମଦ ବେପାର ଚାଲିଛି। ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଖଣ୍ଡିଆନଈ ଗ୍ରାମରେ ଏଭଳି ବେଆଇନ କାରବାର ଚାଲିଥିବା ବେଳେ ମହିଳା ସଂଘ ଏହାକୁ ବିରୋଧ କରିଛି। ସଂଘ ସଦସ୍ୟମାନେ ଜଣେ ବେପାରୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି।

ଖଣ୍ଡିଆନଈ ଗ୍ରାମରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ନାହିଁ। ଚୋରାରେ ମଦ କାରବାର ଚାଲୁଛି। ରବିବାର ଗଜପତି ସାହିର ସନ୍ତୋଷ ଜେନା ମଦ ବିକ୍ରି କରୁଥିବା ମହିଳା ସଂଘକୁ ଖବର ମିଳିଥିଲା। ଶତାଧିକ ମହିଳା ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳୀ ପ୍ରଧାନଙ୍କୁ ନେଇ ସନ୍ତୋଷଙ୍କ ଘରକୁ ଯାଇଥିଲେ। ସନ୍ତୋଷଙ୍କ ସହ ମଦ ବିକ୍ରିକୁ ନେଇ ଯୁକ୍ତିତର୍କ ହେବା ପରେ ମହିଳାମାନେ ପୋଲିସକୁ ଖବର ଦେଇଥିଲେ। ବେଗୁନିଆପଡ଼ା ଫାଣ୍ଡି ପୋଲିସ ପହଞ୍ଚି ସନ୍ତୋଷଙ୍କ ଘର ତଲାସୀ କରି ପ୍ରାୟ ୧୨୦ ଲିଟର ଦେଶୀ ମଦ ପାଉଚ ଜବତ କରିଥିଲା। ଚୋରା କାରବାର ଅଭିଯୋଗରେ ସନ୍ତୋଷଙ୍କୁ ମଧ ଗିରଫ କରାଯାଇଥିବା ଫାଣ୍ଡି ଅଧିକାରୀ ଦୀପ୍ତି

**ଅବକାରୀ ବିଭାଗ ଚୁପ୍**

ରଞ୍ଜନ ବେହେରା କହିଛନ୍ତି। ପଞ୍ଚାୟତରେ ଚୋରା ମଦ କାରବାର ଚାଲିଥିବା ସ୍ଥାନୀୟ ଲୋକେ ଅବକାରୀ ବିଭାଗକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନି। ତେଣୁ ମହିଳା ସଂଘ ପକ୍ଷରୁ ମଦମୁକ୍ତ ପଞ୍ଚାୟତ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। କିଛି ଦିନ ତଳେ ଏହି ପଞ୍ଚାୟତର ମରିଗଲେଣ୍ଡି ଗ୍ରାମରେ ମଧ ମହିଳାମାନେ ମଦ ଜବତ କରି ନିଆଁ ଲଗାଇ ଦେଇଥିଲେ। ମଦ ଯୋଗୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବାରୁ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ସଦସ୍ୟ ଜୟନ୍ତୀ ମହାନ୍ତି କହିଛନ୍ତି ।

# ଭାଜପାର ସାଙ୍ଗଠନିକ ବୈଠକ

ବୁଗୁଡ଼ା,୧୯।୫(ଡି.ଏନ.ଏ.)

ପୋଲସରା ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ସାଙ୍ଗଠନିକ ବୈଠକ ଭାଜପା ପକ୍ଷରୁ ଗୋଳିଆ ତୋଟାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲିକ ଓ ଆସିକା ଏମ୍‌ପି ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀଙ୍କ ସମେତ ପ୍ରାକ୍ତନ ବିଧାୟକ ନିରଞ୍ଜନ ପ୍ରଧାନ, ଯୁବନେତା ପ୍ରଭାକର ପଣ୍ଡା, ପୀତବାସ ପ୍ରଧାନ, ରୋହିତ ପ୍ରଧାନ, ଦୀନବନ୍ଧୁ ସାହୁ, ରାଘବ ଚରଣ ଭୂୟାଁ, ବିପିନ ସ୍ୱାଇଁ, ରାମ ନାରାୟଣ ସାହୁ, ଶାନ୍ତନୁ ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ସୁଶାନ୍ତ ଡାକୁଆ, ସୂର୍ଯ୍ୟମଣି ଗୌଡ଼, ସୀମାଞ୍ଚଳ ପୋଲେଇ, ସୂର୍ଯ୍ୟନାରାୟଣ ମହାନ୍ତ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୩ରେ ଘୋଷଣା ହେବାକୁ ଥିବା ନିର୍ବାଚନ ଫଳାଫଳକୁ ସମ୍ମାନର ସହ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଆଗାମୀ ପୌର ନିର୍ବାଚନରେ ଦଳ ଯେପରି ବିଜୟୀ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସହସ୍ରାଧିକ କର୍ମୀଙ୍କ ଉପସ୍ଥିତିରେ ବୈଠକରେ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ୍ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ।

■ ଫନୀ ବିପନ୍ନଙ୍କୁ ସ୍ୱାସ୍ଥ୍ୟସେବା

# ପୁରୀ ଜିଲାରେ ଗଞ୍ଜାମର ୧୦ ମୋବାଇଲ ସ୍ୱାସ୍ଥ୍ୟ ଟିମ୍



ଚିଲିକା ନୂଆପଡାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ।

ଛତ୍ରପୁର,୧୯।୫(ଡି.ଏନ.ଏ)

ପୁରୀ ଜିଲାରେ ଫନୀ ବାତ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ହାତ ବଢାଇଛି । ଜିଲାର ବିଭିନ୍ନ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୧୦ଟି ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ପୁରୀ ଜିଲାକୁ ଯାଇ ଲୋକଙ୍କ ସେବା କରୁଥିବା ଗଞ୍ଜାମ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ୧୦ ଷ୍ଟାଫ୍ ନର୍ସ, ୧୦ ଫାର୍ମାସିଷ୍ଟ , ୮ ଜଣ ଆୟୁଷ ଡାକ୍ତର ଥିବା ବେଳେ ଆମ୍ବୁଲାନ୍ସ ମଧ ଯାଇଛି। ୨ଜଣ ଏମବିବିଏସ୍ ଡାକ୍ତର ମଧ ରହିଛନ୍ତି। ସେହିପରି ଗଞ୍ଜାମ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୧ ସ୍ୱାସ୍ଥ୍ୟକର୍ମୀ ମଧ ପୁରୀ ଜିଲାକୁ ଯାଇଛନ୍ତି। ପୁରୀ ସିଡିଏମଓଙ୍କ ନିର୍ଦ୍ଦେଶକ୍ରମେ ସେମାନେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ମେ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ସେମାନଙ୍କୁ ପଠାଇଛନ୍ତି। ପୂର୍ବରୁ ମଧ ଜିଲାର ୮ ଆୟୁଷ ଡାକ୍ତର ଏବଂ ସ୍ୱାସ୍ଥ୍ୟ ଟିମ୍ ପୁରୀ ଜିଲାର ଚିଲିକା ନୂଆପଡା ଓ କୃଷ୍ଣପ୍ରସାଦ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି।

# ଶିକ୍ଷା ସଂସ୍କାରକ ପ୍ରଫେସର ବ୍ରଜବନ୍ଧୁ ମିଶ୍ର

**ଏକଶତତମ ଜନ୍ମଦିବସରେ**



ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଓଡ଼ିଶାର ଶିକ୍ଷା,ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଏକ ସୁପରିଚିତ ନାମ। ଜଣେ ମେଧାବୀ ଛାତ୍ର ଉଚ୍ଚକୋଟିର ଶିକ୍ଷାବିତ୍ ତଥା ଶିକ୍ଷା ପ୍ରଶାସକ ଭାବେ ବହୁ ସଂସ୍କାରମୂଳକ କାର୍ଯ୍ୟ କରି ସେ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ବିଦ୍ୟାଳୟ ଶିକ୍ଷାର ଡିପିଆଇ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଥିଲେ। ଶିକ୍ଷା ଛାତ୍ରୀଛାତ୍ରଙ୍କ ଉପରେ ଯେଭଳି ବୋଝ ନ ହୁଏ, ଶିକ୍ଷାକୁ କିଭଳି ଲୋକାଭିମୁଖୀ କରାଯାଇ ପାରିବ ଏବଂ ଜ୍ଞାନ ବିକାଶରେ ଶିକ୍ଷା କିଭଳି ସହାୟକ ହେବ ସେ ଦିଗରେ ମିଶ୍ର ଉଦ୍ୟମରତ ଥିଲେ। ଓଡ଼ିଶା ରାଜ୍ୟ ଶିକ୍ଷା ପଦ୍ଧତିରେ ମାଟ୍ରିକ ପରୀକ୍ଷା ଢାଞ୍ଚା ପ୍ରଥମଥର ପାଇଁ ସେ ଆରମ୍ଭ କରିଥିଲେ ଯାହା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ସ୍କୁଲ ପିଲାଙ୍କ ଲାଗି ସେ ଲେଖିଥିବା ଗଣିତ ବହି ରାଜ୍ୟ ସରକାରଙ୍କ ଦ୍ୱାରା ସ୍କୁଲ ପାଠ୍ୟକ୍ରମରେ ଲାଗୁହୋଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ ହୋଇଥିଲା। ୧୯୨୦ ମସିହା ମେ ମାସ ୨୦ରେ ତାଳଚେରଠାରେ ଜନ୍ମ ଗ୍ରହଣ କରି ୧୯୩୬ରେ ସ୍ଥାନୀୟ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ। ତତ୍କାଳୀନ ବ୍ରିଟିଶ ଶାସନ ସମୟରେ ଜଣେ ମେଧାବୀ ଛାତ୍ର ଭାବେ ସେ ବହୁ ପ୍ରଶଂସିତ ହୋଇଥିଲେ। ପାଟଣା ବିଶ୍ୱ ବିଦ୍ୟାଳୟରୁ ଇଣ୍ଟରମିଡିଏଟ ସାଇନ୍ସ ଓ ୧୯୪୦ରେ ବିଏସ୍‌ସି(ଗଣିତ) ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୯୪୨ରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଗଣିତରେ ମଧ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ରେକର୍ଡ଼ ଏବଂ ସ୍ୱର୍ଣ୍ଣପଦକ ପ୍ରାପ୍ତ କରିଥିଲେ। ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏ.ଏମ୍ ଡିଗ୍ରୀ ହାସଲ କରିଥିଲେ।

ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ପରିଚିତ ବ୍ରଜବନ୍ଧୁ ମିଶ୍ର ରେଭେନ୍ସା କଲେଜର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବେ କାର୍ଯ୍ୟ କରି ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅଧ୍ୟକ୍ଷ, ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଦୁଇଥର ଅଧ୍ୟକ୍ଷ ଏବଂ ଖଲିକୋଟ କଲେଜର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଜଣେ ସୁ-ଶିକ୍ଷା ପ୍ରଶାସକ ଭାବେ ଦକ୍ଷତା ପ୍ରତିପାଦନ କରିଥିଲେ। ୧୯୬୭ରେ ନବଗଠିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ ରେଜିଷ୍ଟ୍ରାର ଏବଂ ଓୟୁଏଟି ରେଜିଷ୍ଟ୍ରାର ଭାବେ ମଧ କାର୍ଯ୍ୟ କରିଥିଲେ। ସମ୍ବଲପୁର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଓଡ଼ିଶା ସରକାର ହାତକୁ ନେଲା ପରେ ତାଙ୍କୁ ଆଡମିନିଷ୍ଟ୍ରେଟର ଭାବେ ନିଯୁକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନର ଅଧ୍ୟକ୍ଷ, ସ୍କୁଲ ଡିପିଆଇ ଓ ଶିକ୍ଷା ସିଲେକ୍ସନ ବୋର୍ଡର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରିଥିଲେ। ଭାରତ ସରକାରଙ୍କ ଅଧୀନରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନାଲ ଆଡମିନିଷ୍ଟ୍ରେଶନର ପରାମର୍ଶଦାତା ଭାବେ ମିଶ୍ର ଯୋଗ ଦେଇଥିଲେ। ସେ ସିକିମ୍ ରାଜ୍ୟ ଶିକ୍ଷା ବିଭାଗର ସଚିବ ତଥା ନିର୍ଦ୍ଦେଶକ ଭାବେ ଗ୍ୟାଙ୍ଗଟକଠାରେ ଅବସ୍ଥାପିତ ହୋଇଥିଲେ। ଜଣେ ମହାନ୍ ଶିକ୍ଷାବିତ୍ ଭାବେ ଦେଶ ବିଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ୧୯୯୯ ମସିହା ଡିସେମ୍ବର ୧୪ରେ ତାଙ୍କର ପରଲୋକ ହୋଇଥିଲା। ଜଣେ ଉଚ୍ଚ ନୀତି, ନୈତିକତା ଓ ଆଦର୍ଶ ଶିକ୍ଷକ ଓ ପ୍ରଶାସକ ଭାବେ ମିଶ୍ର ନିଜର କର୍ମ ସମ୍ପାଦନ କରୁଥିଲେ ଯାହା ତାଙ୍କୁ ଏବେବି ସମସ୍ତଙ୍କ ମଧ୍ୟରେ ମହାନ୍ ଓ ଅମର କରି ରଖିଛି ।

–ନରେନ୍ଦ୍ର କୁମାର ମିଶ୍ର

### ଭାଗବତ ପାରାୟଣ

ଭଣ୍ଡାରିପୋଖରୀ, ୧୯।୫ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ଗ୍ରାମର ଜୟ ଜଗନ୍ନାଥ ଯୁବକ ସଂଘ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ବୈତରଣୀ ନଦୀରୁ ଜଳଘଟ ଉତ୍ତୋଳନ ହୋଇ କଳସ ସ୍ଥାପନା କରାଯାଇଥିଲା। ଶାନ୍ତିଲତା ସାହୁ ଓ ସୁଧାକର ସାହୁ ସଂକଳ୍ପ କରିଥିଲେ। ଷୋଡ଼ଶ ଉପଚାର, ପୂଜା, ଯଜ୍ଞକର୍ମ ସହ ପ୍ରତ୍ୟହ ପୀଠ ପୂଜା ପରେ ଶ୍ରୀମଦ୍‌ଭାଗବତ ପଠନ କରାଯାଇଥିଲା। ପୁରୋହିତ ନାରାୟଣ ଚନ୍ଦ୍ର ପଣ୍ଡା, ଅମୂଲ୍ୟ ପଣ୍ଡା ଓ ସହଯୋଗୀ ଭାଗବତ ପଠନ କରିଥିଲେ। ସତ୍ୟାନନ୍ଦ ସାହୁ, ପ୍ରଭୁପାଦ ସାହୁ, ଅବନୀ ସାହୁ, ଶାନ୍ତନୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଫନୀ ବିପନ୍ନଙ୍କୁ ଯୁବକ ସଂଘର ରିଲିଫ ବଣ୍ଟନ

ଛତ୍ରପୁର,୧୯।୫(ଡି.ଏନ.ଏ)



ରିଲିଫ୍ ବଣ୍ଟନ କରାଯାଉଛି ।

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଅନ୍ୟ ଜିଲାରେ ଗଞ୍ଜାମ ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯିବା ସହ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ରବିବାର ଛତ୍ରପୁର ଏନଏସି ଅଧୀନ ୧୧ ନଂ. ୱାର୍ଡ ଗିଲଟିପେଟା ସାହିର ଯୁବକ ସଂଘ ପକ୍ଷରୁ କେ. ହରିନାଥଙ୍କ ନେତୃତ୍ୱରେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୋଲାଙ୍ଗ ଗାଁରେ ୧୫ଶହ ପରିବାରକୁ ଖାଦ୍ୟ ଦିଆଯାଇଛି। ସେହିପରି ପୁରୀ ଜିଲା ସାତପଡା ପଞ୍ଚାୟତ ବାଘମୁଣ୍ଡା ଗାଁର ସମସ୍ତ ପରିବାରକୁ ରିଲିଫ୍ ସାମଗ୍ରୀ ସହ ପିଲାମାନଙ୍କୁ ପଢ଼ା ସାମଗ୍ରୀ ବଣ୍ଟାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖେଳାଳି ଭି. ରମେଶ ରାଓ, ସୁଶାନ୍ତ ବେହେରା, ନଳିନୀକାନ୍ତ ନାୟକ, ସୁକାନ୍ତ ଗୌଡ, ମୁକେଶ, ବି. ମନୋଜ, ମୁରଲୀ ଦାଶ, କାଳିଆ ପଣ୍ଡା, ନାରାୟଣ ମହାରଣା, ସତ୍ୟ ନାରାୟଣ ବେହେରାଙ୍କ ସହ ସମେତ ଯୁବକ ସଂଘ ଓ ଗଣେଶ ପୂଜା କମିଟିର ସମସ୍ତ ସଭ୍ୟ ସାତପଡା ଦେଇ ବାଘମୁଣ୍ଡା ଗାଁକୁ ଯାଇଥିଲେ।

# ଇଟାଗଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା

ତିହିଡ଼ି, ୧୯।୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅନ୍ତର୍ଗତ କୁବେରା ପଞ୍ଚାୟତର ଇଟାଗଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଛି। ରାଜସ୍ୱ ବିଭାଗ ପକ୍ଷରୁ ଗତ ୧୭ ତାରିଖରେ ଚିଠି ନମ୍ବର ୨୦୩୬ରେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଇଟାଗଡ଼ି ପୂର୍ବରୁ କୁବେରା ରାଜସ୍ୱ ଗ୍ରାମର ହାମଲେଟ ଥିଲା। ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ସରପଞ୍ଚ ରୀନାରାଣୀ ବେହେରା, ଡା. ଦୁର୍ଯ୍ୟୋଧନ ଦାସ, ରବୀନ୍ଦ୍ରନାଥ ଖଟୁଆ, ରବୀନ୍ଦ୍ର ବେହେରା, ଯତୀନ୍ଦ୍ର ବେହେରା, ସୁଶୀଲ ଖଟୁଆ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଥିଲେ।

■ବାବା ଆଦିଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମୋହନପୁର ଚାମ୍ପିୟନ



ଟ୍ରଫି ସହ ଖେଳାଳି।

ବେଗୁନିଆପଡ଼ା,୧୯।୫(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ହଂସତୂଳୀଠାରେ ଚାଲିଥିବା ବାବା ଆଦିଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ମୋହନପୁର ଦଳ ସହ ମଠପାଟଣା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଠପାଟଣା ପ୍ରଥମେ ବ୍ୟାଟିଂ କରି ୧୪.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିବା ବେଳେ ମୋହନପୁର ୧୦ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମୁକୁନ୍ଦ ମାଧବ ସ୍ୱାଇଁ ମୁଖ୍ୟ ଅତିଥି, କମ୍ୟୁନିଷ୍ଟ ନେତା ରଙ୍ଗନାଥ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ଉପ ବିଜେତା ଦଳକୁ ରନର୍ସ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମ୍ୟାଚରେ ଘରୋଇ ଟିମ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଛତ୍ରପୁର,୧୯।୫(ଡି.ଏନ.ଏ)



ପ୍ରତିଯୋଗିତାର ଏକ ଦୃଶ୍ୟ।

ଛତ୍ରପୁରସ୍ଥିତ ରିଡିଙ୍ଗ ରୁମ୍ ପରିସରରେ ରବିବାର ୭ତମ ଗଞ୍ଜାମ ଜିଲାସ୍ତରୀୟ କ୍ୟୁରୋଗୀ ଓ ଷଷ୍ଠ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ପୁଥାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲା ଟାଏକୋଣ୍ଡୋ ସଂଘର ସଭାପତି ଶ୍ରୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ଟାଏକୋଣ୍ଡୋ ସଂଘର କୋଷାଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ଓ ଅର୍ନ୍ତଜାତୀୟ ରେଫରି ଅଶୋକ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଆନ୍ତର୍ଜାତିକ ରେଫରୀ ତଥା ରାଜ୍ୟ ସହସଂପାଦକ ଏବଂ ଗଞ୍ଜାମ ଜିଲା ସଂଘର ସମ୍ପାଦକ କେ. ମନୋଜ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଗଞ୍ଜାମ ଜିଲାର ୧୦ଟି ଏକାଡେମୀର ୧୪୭ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ମଳୟେନ୍ଦୁ ମହନ୍ତ, ଏମ୍. ଡି. ରଞ୍ଜନ, ଶ୍ରୀୟା ମହାନ୍ତି ରେଫରୀ ଦାୟିତ୍ୱ ତୁଲାଇଥିଲେ । ଜନକ କୁମାର ମହାରଣା, ଏସ୍. ଶୈଳଜା, ଇ ଲଳିତ କୁମାର, ସି. ଏଚ୍. ପ୍ରସାଦ ନାୟକ, ଡି. ମନୋଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏ. ରାବଣା ରାଓ, ଏସ୍ ରେଖା ମହାନ୍ତିଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକ ମାନେ ପରିଚାଳନାରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗୀତାକୁ ଓଡିଶା ଟାଏକୋଣ୍ଡୋ ଓ ଗଞ୍ଜାମ ଜିଲା ସଂଘର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅରମାନ ପାତ୍ରଙ୍କୁ ଜାତୀୟ ଏକାଡେମୀରେ ଭାଗ ନେଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୨୮ଜଣ ଜାତୀୟ ଖେଳାଳୀଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ମା' ପୀତାବଳିଙ୍କ ବାର୍ଷିକ ଯାତ୍ରା ଉଦ୍‌ଯାପିତ



**ଶଙ୍କରାଖୋଲ,୧୯।୫(ଡି.ଏନ୍‌.ଏ.):** ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମରେ ଥିବା ମା' ପୀତାବଳିଙ୍କ ବାର୍ଷିକ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ପ୍ରତିବର୍ଷ ବୈଶାଖମାସ ଶୁକ୍ଳପକ୍ଷ ଗୁରୁବାର ଅନୁଷ୍ଠିତ ହୋଇଥାଏ। ବୁଧବାର ଗ୍ରାମର ସବୁ ଦେବଦେବୀଙ୍କୁ ବରଣ କରାଯାଇଥାଏ। ଗୁରୁବାର ସନ୍ଧ୍ୟାରେ ମା'ଙ୍କ ପୀଠରେ ନୀତି ଅନୁସାରେ ପୂଜା କରାଯାଇଥିଲା। ଏଥିରେ ମାନସିକଧାରୀମାନେ ଉପବାସ ରହିବା ସହ ସେମାନଙ୍କ ମାନସିକ ପୂର୍ଣ୍ଣ ହୋଇଥିବାରୁ ମା'ଙ୍କ ନିକଟରେ କୁକୁଡ଼ା ବଳି ଦେଇଥାନ୍ତି। ଏହି ଯାତ୍ରାରେ ଗ୍ରାମବାସୀ ନୂତନ ବସ୍ତ୍ର ପରିଧାନ କରି ଘରେ ଘରେ ପିଠାପଣା କରିଥାନ୍ତି। ଉକ୍ତ ଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୌରାଣିକ ନାଟକ ପରିବେଷଣ ହୋଇଥିଲା। ଯାତ୍ରାରେ ମା'ଙ୍କ ମୁଖ୍ୟ ପୂଜାରୀ ସୀମାଞ୍ଚଳ ଦେହୁରୀ ପୂଜା କରିଥିଲେ। ଯାତ୍ରା କମିଟିର ସଭାପତି ସର୍ବେଶ୍ୱର କହଁର, ଉପସଭାପତି ପ୍ରଗତି ଦାସ, ସମ୍ପାଦକ କୈଳାସ ବେହେରା, କୋଷାଧକ୍ଷ ଅଶ୍ୱିନୀ ପଣ୍ଡା, ସହ ସମ୍ପାଦକ, ସୁଶାନ୍ତ ବେହେରା ପରିଚାଳନା କରିବା ସହ ଗ୍ରାମବାସୀ ସହଯୋଗ କରିଥିଲେ।

### ନାମଯଜ୍ଞ, ନୃସିଂହ ଯାତ୍ରା ଉଦ୍‌ଯାପିତ

**ଖଜୁରିପଡା,୧୯।୫(ଡି.ଏନ୍‌.ଏ.):** ଖଜୁରିପଡା ବ୍ଲକ ମା' ବରାଳଦେବୀ ପୀଠ ବଲସକୁମ୍ପା ବାଉରିଗୁଡିମା ବସ୍ତି ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ ଓ ଲକ୍ଷ୍ମୀନୃସିଂହନାଥ ଠାକୁରଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଲସକୁମ୍ପାଠାରେ ଓ ଭୁକ୍ତାକନାଲି ଗ୍ରାମରେ ୩ ଦିନ ହେଲା ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସେହିପରି ବ୍ଲକର ଦୃତିମେଣ୍ଡି ପଞ୍ଚାୟତର ବଇକୁମ୍ପା,ଟିଡ୍ରାପଙ୍ଗା ଗ୍ରାମରେ ଚାଲିଥିବା ଲକ୍ଷ୍ମୀନୃସିଂହ ନାଥ ଠାକୁରଙ୍କ ଚନ୍ଦନଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉଦ୍‌ଯାପିତ ହୋଇଯାଇଛି। ପ୍ରଚଣ୍ଡ ଖରା ସତ୍ତ୍ୱେ ବହୁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ଓ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲିକ, ଧନଞ୍ଜୟ ମଲିକ, ବନମାଳୀ ପ୍ରଧାନ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ବନବାସୀ ସେବା ସମିତିର ଜୟନ୍ତୀ ସମାରୋହ



**ବାଲିଗୁଡା,୧୮।୫(ଡି.ଏନ୍‌.ଏ.):** ବାଲିଗୁଡା ବନବାସୀ ସେବା ସମିତିର ୪୮ତମ ଜୟନ୍ତି ସମାରୋହ ପାଳିତ ହୋଇଯାଇଛି। ବନବାସୀ ସେବା ସମିତି ସଭାଗୃହରେ ଅଧାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତଥି ଭାବେ ଏନ୍‌ଏସି ଅଧକ୍ଷା ମମତା ବେହେରା ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମାଲକାନଗିରି ଅବସରପ୍ରାପ୍ତ ଅଧକ୍ଷ ଡ. ମଧୁସୁଦନ ମହାପାତ୍ର ଯୋଗଦେଇ ୧୯୭୨ ମସିହାରେ ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକ(ଆଜ୍ଞା) ବାଲିଗୁଡାରେ ବନବାସୀ ସେବା ସମିତି ଆରମ୍ଭ କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶାନ୍ତି ମୈତ୍ରୀର ସମ୍ପାଦକ ଭଗବାନ ଜେନା, ଅନୁଷ୍ଠାନର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଶିଶୁ ସମ୍ପାଦକ, ବନବାସି ସ୍ମୃତିରେ ଉନ୍ମୋଚନ ମୁଖ୍ୟଅତିଥିଙ୍କ ଦ୍ୱାରା କରାଯିବା ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପେନାରା ଘାଟିରେ ସଂଯୋଗୀକରଣ ରାସ୍ତା ଦବିଲା

- ନିମ୍ନମାନର କାମ ଅଭିଯୋଗ
- ମରାମତିରେ ବିଳମ୍ବ, ଦୁର୍ଘଟଣା ଭୟ
- ରାତିରେ ଯାତାୟାତ ପାଇଁ ବିପଦ

**ଦାରିଙ୍ଗବାଡି,୧୯।୫(ଡି.ଏନ.ଏ.)**

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ପେନାରା ଘାଟିରେ ଏକ ବ୍ରିଜ ନିକଟରେ ସଂଯୋଗୀକରଣ ରାସ୍ତା ଦବି ଯାଇଛି। ଫଳରେ ଉକ୍ତ ରାସ୍ତା ଯାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇପଡିଥିବାବେଳେ ଯାତ୍ରିବାହୀ ବସ୍ ସମେତ ଭାରିଯାନ ଚଳାଚଳରେ ସମସ୍ୟା ଦେଖାଦେଇଛି। ବର୍ଷେହେଲା ବ୍ରାହ୍ମଣୀଗାଁ ଠାରୁ ମହାଗୁଡି ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ସହ ପେନାରା ଘାଟିଠାରେ ଏକ ବ୍ରିଜ ନିର୍ମାଣ କରାଯାଇଥିଲା। କାର୍ଯ୍ୟ କରୁଥିବା ଠିକାଦାର ଉକ୍ତ ବ୍ରିଜ ନିର୍ମାଣରେ ବିଳମ୍ବ କରିବା ସହ ପ୍ରାୟ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ପରେ ୨୦୧୮ରେ କାମ ଶେଷ କରିଥିଲେ। ଇତିମଧ୍ୟରେ ବର୍ଷେ ନପୂରୁଣୁ ଉକ୍ତ ବ୍ରିଜ୍‌ର ସଂଯୋଗୀକରଣ ରାସ୍ତା ଦବି ବଡ ଖାଲ ସୃଷ୍ଟି ହୋଇଛି। ଏବେ ଉକ୍ତ ରାସ୍ତା ବିପଦସଙ୍କୁଳ ପରିସ୍ଥିତିରେ ରହିଛି। ରାସ୍ତା ଦବି ଖାଲ ସୃଷ୍ଟି ହୋଇଥିବା ସ୍ଥାନରେ ପଥର ରଖି ଛାଡିଦିଆଯାଇଛି। କୌଣସି ସୂଚନାଫଳକ ନ ଥିବାରୁ ଯାତ୍ରୀମାନେ ବହୁ ସମୟରେ ଉକ୍ତ ଖାଲରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ବ୍ରାହ୍ମଣୀଗାଁ ସମେତ ଗଦାପୁର, କାଟିଙ୍ଗିଆ, କୁମ୍ଭାରିଗାଁ, ଝିଂକିରିଗୁଡା, ଗଦାପୁର, ତାଜୁଙ୍ଗିଆ, ସରାମୁଳି ସମେତ ପଡୋଶୀ ଗଜପତି ଜିଲାର ପାଣିଗଣ୍ଡା, କଟାମାହା ଆଦି ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ଅଞ୍ଚଳବାସୀଙ୍କ ପାଇଁ ଉକ୍ତ ରାସ୍ତା ଲାଇଫଲାଇନ ହୋଇଥିବା ବେଳେ ଫୁଲବାଣୀଠାରୁ ବ୍ରାହ୍ମଣୀଗାଁ, ହାତିମୁଣ୍ଡା, କାଟିଙ୍ଗିଆ ଆଦି ଅଞ୍ଚଳକୁ ସରକାରୀ ବେସରକାରୀ ବସ୍ ଚଳାଚଳ କରୁଛି। ଦୈନିକ ହଜାର ସଂଖ୍ୟାରେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରୁଛନ୍ତି। ସୂଚନାଯୋଗ୍ୟଯେ ଚଳିତ ବର୍ଷ ଜାନୁୟାରୀ ୨୨ରେ ପେନାରା ଘାଟି ନିକଟ ବଙ୍ଗରଦୁଆଠାରେ ଏକ ମିନି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣା ପରେ ଦାରିଙ୍ଗବାଡି ଠାରୁ ବ୍ରାହ୍ମଣୀଗାଁ ପର୍ଯ୍ୟନ୍ତ ପୂର୍ତ୍ତବିଭାଗର ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମେତ ମରାମତି କାର୍ଯ୍ୟକୁ କିଛିଦିନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏବେ ପୁଣି ବିଭାଗ ଉକ୍ତ ରାସ୍ତାର ମରାମତି କରୁନଥିବା ବ୍ରାହ୍ମଣୀଗାଁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ଉକ୍ତ ରାସ୍ତା ମରାମତି ପାଇଁ ବ୍ରାହ୍ମଣୀଗାଁର ବିକ୍ରମ ବସ୍ତ୍ରରାୟଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ, ସରପଞ୍ଚ ରମେଶ ମାଝୀ ପ୍ରମୁଖ ଦାବି କରିଛନ୍ତି। କାର୍ଯ୍ୟ ନିମ୍ନମାନର କରାଯାଇଥିବାରୁ ଏଭଳି ବର୍ଷେ ନପୂରୁଣୁ ରାସ୍ତା ନଷ୍ଟ ହୋଇଛି ଏଣୁ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜକିଶୋର ମହାପାତ୍ର କହିଛନ୍ତି, ଯେଉଁ ଠିକାଦାର ଉକ୍ତ କାର୍ଯ୍ୟକରୁଥିଲେ ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏଣୁ ଅନ୍ୟ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତା ମରାମତି କରାଯାଇପାରୁନାହିଁ। ଚୁକ୍ତି କରିଥିବା ଠିକାଦାର ଉକ୍ତ କାର୍ଯ୍ୟ ଆସନ୍ତା ୧୦ ଦିନ ମଧ୍ୟରେ ମରାମତି କରିବେ ବୋଲି ସେ କହିଛନ୍ତି।



ପେନାରା ଘାଟିଠାରେ ସଂଯୋଗୀକରଣ ରାସ୍ତା ଦବି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି।

## ବାଇକ୍ ଚୋର ଅଭିଯୋଗ, ଜଣେ ଗିରଫ

**ଫିରିଙ୍ଗିଆ,୧୯।୫**

ଫିରିଙ୍ଗିଆ ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସାରଙ୍ଗଗଡ ଥାନା ଅଧୀନ ମଲ୍ଲିକପଡାର ବୀରେନ୍ଦ୍ର ଦିଗାଲ । ସାରଙ୍ଗଗଡ ଲଦଡି ଗ୍ରାମର ବିଷିକେଶନ ବାଇକ ଧରି ଫିରିଙ୍ଗିଆ ଅଭିମୁଖେ ଆସୁଥିଲେ । ବାଟରେ ସେ ଶୌଚ ହେବାକୁ ବନ୍ଧଗଡ ପାଖରେ ଅଟକି ଥିଲେ । ତେବେ ସେ ଗାଡି ଚାବି ପକାଇବାକୁ ଭୁଲି ଯାଇ ନିତ୍ୟକର୍ମ ସାରିବାକୁ ଯାଇଥିଲେ । ଫେରିବା ପରେ ଗାଡି ନ ଥିବା ଦେଖିବାକୁ ପାଇଥିଲେ । ଏ ନେଇ ଫିରିଙ୍ଗିଆ ଥାନାରେ ସେ ଅଭିଯୋଗ କରିଥିଲେ । ପୋଲିସ ନଂ.୪୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ବୀରେନ୍ଦ୍ର ଗାଡି ଧରି ବୁଲୁଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିଲା ।

## ଓଏସ୍‌ଆର୍‌ଟିସି କର୍ମଚାରୀଙ୍କ ଆନ୍ଦୋଳନ ୮ମ ଦିନରେ




କର୍ମଚାରୀମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି।

**ଭଞ୍ଜନଗର,୧୯।୫(ଡି.ଏନ.ଏ.)**

ଭଞ୍ଜନଗର ଓଏସ୍‌ଆରଟିସି ଜୋନର କର୍ମଚାରୀଙ୍କୁ ୭ମାସର ବକେୟା ଦରମା ନ ମିଳିବା ଏବଂ ଏହି ଜୋନରୁ ଅନ୍ୟ ଜୋନକୁ ବସ୍ ସ୍ଥାନାନ୍ତର ଯୋଜନାକୁ ବିରୋଧ କରି ଅସ୍ଥାୟୀ କର୍ମଚାରୀମାନେ ୮ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିସହ ମୁଖ୍ୟଫାଟକ ସମ୍ମୁଖକୁ ଅବରୋଧ କରି ରଖିଛନ୍ତି। ଫଳରେ ବସ୍ ଅନ୍ୟ ଜୋନକୁ ସ୍ଥାନାନ୍ତର ହୋଇପାରିନାହିଁ। ବସ୍ ସ୍ଥାନାନ୍ତର ଯୋଜନାକୁ ବିରୋଧ କରି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ମଙ୍ଗଳବାର ଭଞ୍ଜନଗର ବନ୍ଦ ଡ଼ାକରା ଦିଆଯାଇଛି। ସୋମବାର ସୁଦ୍ଧା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ମଙ୍ଗଳବାର ଭଞ୍ଜନଗର ବନ୍ଦକୁ ସଫଳ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ଭଞ୍ଜନଗର ଜୋନ୍‌ର କର୍ମଚାରୀମାନେ ପ୍ରାୟ ୫୪ ଲକ୍ଷ ଟଙ୍କା ବକେୟା ବାବଦକୁ ପାଇବାକୁ ଅଛି। ସେଥିମଧ୍ୟରେ ୮୦ଜଣ ଅସ୍ଥାୟୀ କର୍ମଚାରୀ ଅଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଭଞ୍ଜନଗର ପୋଲିସକୁ ବିଜେଡି ଚିନ୍ତା: ପ୍ରଦ୍ୟୁମ୍ନ

**ଭଞ୍ଜନଗର,୧୯।୫(ଡି.ଏନ୍‌.ଏ.)**

ଭଞ୍ଜନଗର ମେଡ଼ିକାଲରେ ପୋଲିସକୁ ଆକ୍ରମଣ ମାମଲାରେ ଭଞ୍ଜନଗର ପୋଲିସ ୪ ଭାଜପା ସମର୍ଥକଙ୍କୁ ଇତିମଧ୍ୟରେ ଗିରଫ କରିଥିଲା। ଏହାକୁ ନେଇ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଭଞ୍ଜନଗର ପୋଲିସ ଜାଣିଶୁଣି ଭାଜପା ସମର୍ଥକଙ୍କୁ ହଇରାଣ କରିବା ସହ ଗିରଫ କରୁଛି। ଶାସକ ଦଳର ଅନେକ ନେତା ଓ କର୍ମୀ ବିଭିନ୍ନ ମାମଲାରେ ଜଡିତ ଥିବାବେଳେ ସେମାନଙ୍କୁ ଗିରଫ କରାଯାଉନାହିଁ। ଭଞ୍ଜନଗର ପୋଲିସକୁ ବିଜେଡିର ସୁରକ୍ଷା ଚିନ୍ତା ଘାରିଛି। ତୁରୁମୁର ଭାଜପା ଯୁବନେତା ଅଜିତ ପ୍ରଧାନଙ୍କୁ ବିଜେଡି ନେତା ଓ କର୍ମୀମାନେ ଗତମାସରେ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ଆଜିସୁଦ୍ଧା ଜଣଙ୍କୁ ହେଲେ ବି ଗିରଫ କରିନାହିଁ। ପୋଲିସର ଭୂମିକା ସନ୍ଦେହଜନକ। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ପ୍ରଦ୍ୟୁମ୍ନ କହିଛନ୍ତି।

## ଲକ୍ଷ୍ମୀନୃସିଂହ ଯାତ୍ରା ଉଦ୍‌ଯାପିତ

**ହିଞ୍ଜିଳିକାଟୁ,୧୯।୫(ଡି.ଏନ୍‌.ଏ.)**

ଚଳିତବର୍ଷ ହିଞ୍ଜିଳିକାଟୁ ଶ୍ରୀ ଲକ୍ଷ୍ମୀ ନୃସିଂହ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ଶେଷ ୨ଦିନ ଯାତ୍ରାରେ ବିଭିନ୍ନ ମେଢ଼, ପଟୁଆର ଓ ଆତସବାଜି ପ୍ରଦର୍ଶନ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବହୁ ମାନସିକଧାରୀ ବିଭିନ୍ନ ବେଶ ଧାରଣ କରି ସହର ପରିକ୍ରମା କରିଥିଲେ। ବାଘ, ଡ଼ାହାଣୀ, ରାମ, କୃଷ୍ଣ, ହନୁମାନ, ବାବାଜୀ ଇତ୍ୟାଦି ବେଶ ସହ ବିଭିନ୍ନ ସାହିର ଯୁବ ଗୋଷ୍ଠୀ ଆଧୁନିକ ଗଣବେଶରେ ଡ଼ିଜେ ଓ ସଙ୍ଗୀତର ତାଳେ ତାଳେ ସହର ପରିକ୍ରମା କରିଥିଲେ। ସୋମବାର ରଙ୍ଗଣୀ ବାଡ଼ ପକ୍ଷରୁ ଯାତ୍ରା ପରିଚାଳନା କରାଯାଇଥିଲା। ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ସାହିରେ ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବହୁ ଦର୍ଶକଙ୍କ ଗହଳି ହୋଇଥିଲା। ପୋଲିସ ସୁରକ୍ଷା ବାହିନୀ ସହ ବିଭିନ୍ନ ସାହିର ସ୍ୱେଚ୍ଛାସେବୀ ଦର୍ଶକଙ୍କ ସୁବିଧା ପାଇଁ ନିୟୋଜିତ ଥିଲେ। ରବିବାର କେଉଟ ବାଡ ପକ୍ଷରୁ ପରିଚାଳନା କରାଯାଇଥିଲା। ରାଜାସାହି ଇନ୍ଦ୍ରଜିତ, ଦେଓସାହି ବୀର ଅର୍ଜୁନ, ବଡ଼ ରଙ୍ଗଣୀ ସାହିର ଶ୍ରୀରାମ, ଲକ୍ଷ୍ମଣ, ଜଗନ୍ନାଥ , ଶ୍ରୀକୃଷ୍ଣଙ୍କ ରାସଲୀଳା ଥାନା ସାହିର ରାଜା ହରିଶ୍ଚନ୍ଦ୍ର ପର୍ଶୁରାମ ଏବଂ କେଉଟ ସାହିରେ ବିଷ୍ଣୁଙ୍କ ଅନନ୍ତ ଶୟନ, ଗରୁଡ଼ ବିଷ୍ଣୁ ମେଢ଼ ଦର୍ଶକଙ୍କ ମନ ମୋହିଥିଲା। ରାତିରେ ସ୍ୱତନ୍ତ୍ର ବିମାନରେ ପଟୁଆର ସଂକୀର୍ତ୍ତନରେ ଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ବିଗ୍ରହକୁ ସହର ପରିକ୍ରମା କରାଯାଇଥିଲା। ପରେ ରାଜବାଟୀ ସମ୍ମୁଖ ବାଣ ପଡିଆରେ ବିଭିନ୍ନ କିସମର ଆତସବାଜି ପ୍ରଦର୍ଶନ ହୋଇଥିଲା। ଏହାକୁ ଦେଖିବାକୁ ବହୁ ଲୋକଙ୍କ ଗହଳି ଲାଗି ରହିଥିଲା। ବିଭିନ୍ନ ସାହିରେ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଯାତ୍ରା ଦର୍ଶକଙ୍କୁ ସରବତ, ପଲଉ, ଦହିବରା, ଆଇସ୍‌କ୍ରିମ, ଶୁଖିଲା ଭୋଗ ବଣ୍ଟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଓ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ପରିଚାଳନାରେ ସହଯୋଗ କରାଯାଇଥିଲା।



ଠାକୁରଙ୍କ ସହରଙ୍କ ପରିକ୍ରମା।

## ୨୫ ଘନଫୁଟ କାଠ ଜବତ, ୨ ଗିରଫ

**ଭଞ୍ଜନଗର,୧୯।୫(ଡି.ଏନ.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ରେଞ୍ଜ ବେରୁଆବାଡିରୁ ବନ ବିଭାଗ କର୍ମଚାରୀ ରବିବାର ସକାଳେ ୨୫ ଘନଫୁଟ ଶାଳ ଓ ହଳନ୍ଦ କାଠ ଗଣ୍ଡି ଜବତ କରିଛି। ୨ଜଣ ଶ୍ରମିକ ଉକ୍ତ କାଠ ଏକ ତୋଟା ଭିତରେ କରତ ସହାୟତାରେ କାଟୁଥିବା ବେଳେ ବନବିଭାଗ କର୍ମଚାରୀ ଖବର ପାଇ ଚଢାଉ କରି ଗିରଫ କରିଥିଲେ। ଚଢାଉରେ ବନପାଳ ବଂଶିଧର ବିଷୋୟୀ, ମଧୁଛନ୍ଦା ଦାସ, ସୁଶାନ୍ତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ବିଷୋୟୀ ପ୍ରମୁଖ ସାମିଲ ଥିଲେ। ପ୍ରକାଶଯେ ବେରୁଆବାଡିର ଏକ ତୋଟାରେ ଚୋରାରେ ବେନିୟମ ଭାବେ କାଠ କଟା ହେଉଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ଚଢାଉ କରି ସଫଳତା ପାଇଛନ୍ତି। ଅପରପକ୍ଷେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ ଏଠାରେ ଅଭିଯୋଗ କରିଛନ୍ତି ଯେ, ତୁରୁମୁର ଶାସକଦଳର ଜଣେ ଯୁବନେତା ଉକ୍ତ କାଠ ଚୋରା ବ୍ୟବସାୟରେ ସାମିଲ ଅଛନ୍ତି। ବନ ବିଭାଗ ଅଧିକାରୀମାନେ ମୁଖ୍ୟ ଅଭିଯୁକ୍ତ ଉକ୍ତ ନେତାଙ୍କୁ ଛାଡ଼ି ଅନ୍ୟ ଲୋକଙ୍କୁ ବାନ୍ଧିଛନ୍ତି। ଡୋଲପିଟା ବନପାଳ ବଂଶିଧର ବିଷୋୟୀଙ୍କ ସହ ଏନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଅଭିଯୁକ୍ତମାନେ ଜଙ୍ଗଲରୁ କାଠ କାଟି ଆଣି ତାକୁ ସାଇଜ୍ କରୁଥିଲେ। ତେଣୁ ସେମାନଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଆଉ କିଏ ଜଡ଼ିତ ନାହାନ୍ତି ବୋଲି ଗିରଫ ଅଭିଯୁକ୍ତଦ୍ୱୟ ତାଙ୍କ ବୟାନରେ କହିଛନ୍ତି। ଉକ୍ତ ମାମଲାରେ କୌଣସି ନେତାଙ୍କ ସମ୍ପୃକ୍ତିକୁ ବନପାଳ ବିଷୋୟୀ ଦୃଢ ଭାବେ ଖଣ୍ଡନ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୯।୫–**

ଗୋପାଳପୁର ଥାନା ପଥରା ଗ୍ରାମତୋଟାସାହିର ଅରୁଣ କୁମାର ନାହାକ (୨୦) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ରାତିରେ ଅରୁଣ ଘରର ଉପର ମହଲାରେ ମୋବାଇଲ ଫୋନରେ କଥା ହେଉଥିଲେ। ସାନ ଭାଇ ଖାଇବାକୁ ଡାକିଥିଲେ ମଧ ସେ କବାଟ ନ ଖୋଲିବାରୁ କବାଟ ଭାଙ୍ଗି ଦେଖିବା ବେଳକୁ ସେ ଗାମୁଛାରେ ଫାଶି ଲଗାଇ ଫ୍ୟାନରେ ଝୁଲୁଥିଲେ। ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ବିବେକାନନ୍ଦ ମହନ୍ତ କହିଛନ୍ତି। ପ୍ରେମଜନିତ କାରଣରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଫିରିଙ୍ଗିଆ, ୧୯।୫**

କନ୍ଧମାଳ ଜିଲା ଫିରିଙ୍ଗିଆ କଲେଜ ରୋଡ ନିକଟରେ ରବିବାରଠାରୁ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି । ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଅପରାହ୍ନରେ କଳସ ଶୋଭାଯାତ୍ରା ହୋଇଥିଲା । ସନ୍ଧ୍ୟାରେ ପ୍ରଜ୍ଞା ପୁରାଣ କଥା ଉପରେ ଆଲୋଚନା କରାଯାଇଥିଲା । ସୋମବାର ସକାଳ ୯ଟାରୁ ଯଜ୍ଞ, ସଂସ୍କାର ଆଦି କାର୍ଯ୍ୟକ୍ରମ ଏବଂ ମଙ୍ଗଳବାର ଯଜ୍ଞ ପୂର୍ଣ୍ଣାହୂତି ହେବ ବୋଲି ଆୟୋଜକ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଫିରିଙ୍ଗିଆ ପକ୍ଷରୁ ସୂଚନା ଦିଆଯାଇଛି । ଗାୟତ୍ରୀ ପରିବାରର ଅନନ୍ତ ଚରଣ ପୃଷ୍ଟି, ଦୁଃଶାସନ କହଁର, କବିରାଜ ମଲ୍ଲିକ, ନିରଞ୍ଜନ କହଁର, ରମେଶ କହଁର, କବିଚନ୍ଦ୍ର କହଁର, ରାମଚନ୍ଦ୍ର ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ଚାଲିଛି ।



ଯଜ୍ଞ ନିମନ୍ତେ ହୋଇଥିବା କଳସ ଶୋଭାଯାତ୍ରା।

# ପାନୀୟଜଳ, ପକ୍କାରାସ୍ତା, ବିଦ୍ୟୁତ୍‌ରୁ ବଞ୍ଚିତ

### ଅବ୍ୟବସ୍ଥାରେ ମେଣିଆଁକାଠି ଗାଁ

**ଖଜୁରିପଡା,୧୯।୫(ଡି.ଏନ.ଏ.)**

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ବିଲାବାଡି ପଞ୍ଚାୟତର ମେଣିଆଁକୋଠି ଗାଁ। ଜଙ୍ଗଲ ଘେରା ଏହି ଗାଁରେ ୧୫ ପରିବାର ରହୁଥିବାବେଳେ ଜନସଂଖ୍ୟା ୬୦ରୁ ୭୦। ସ୍ୱାଧୀନତାର ୭୨ବର୍ଷ ବିତିଥିଲେ ମଧ ଗାଁକୁ ପକ୍କାରାସ୍ତା, ପାନୀୟଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଭୋଟ ଆସିଲେ ନେତାଙ୍କ ପାଦପଡେ, ବହୁ ପ୍ରତିଶ୍ରୁତି ମିଳେ, ମାତ୍ର ଭୋଟ ସରିଗଲେ ଆଉ ଦେଖା ମିଳେନାହିଁ। ଏବେ ଏହି ଗାଁ ଖଜୁରିପଡା ବ୍ଲକ ବିଲାବାଡି ପଞ୍ଚାୟତରୁ ବାହାର କରାଯାଇ ଫୁଲବାଣୀ ବ୍ଲକ ତୁଡିପାଜୁ ପଞ୍ଚାୟତରେ ସାମିଲ କରାଯାଇଥିବା ଶୁଣିବାକୁ ମିଳୁଛି। ମାତ୍ର ଗ୍ରାମବାସୀ ଏବେବି ମୌଳିକ ସମସ୍ୟାରୁ ବଞ୍ଚିତ। ଗାଁକୁ ପକ୍କା ରାସ୍ତା ନ ଥିବାବେଳେ ଲୋକେ ଜଙ୍ଗଲ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ପିଇବା ପାଣିର ବ୍ୟବସ୍ଥା ନଥିବାରୁ ନାଳ, ଝରଣା ଓ ଚୁଆ ଉପରେ ନିର୍ଭର କରିଥାନ୍ତି ଗ୍ରାମବାସୀ। ଖରାଦିନରେ ଅବସ୍ଥା ଶୋଚନୀୟ ହୋଇପଡେ। ପିଡିଏସ୍ ଚାଉଳ ପାଇଁ ୧୦ କିମି ଦୂର ଭେଟଖୋଲ ଚାଲିକି ଯିବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ। କିଛିଦିନ ତଳେ ଗ୍ରାମର ସମସ୍ୟା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନା ଓ ବ୍ଲକ ଅଧକ୍ଷା ମଞ୍ଜୁ କହଁର ଗାଁକୁ ଯାଇ ସମସ୍ୟାର ଅନୁଧାନ କରିଥିଲେ। ସେଠାରୁ ଆସି ଅବ୍ୟବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଡ. ବୃନ୍ଦା ଡି ଗ୍ରାମ ଲୋକଙ୍କୁ ଡକାଇ ସେଠାରୁ ପାଖ ପଡିଶା ଗ୍ରାମକୁ ଯାଇ ଥଇଥାନ ହେବାକୁ ପରାମର୍ଶ ଦେଇ ଜାଗା ଓ ବାସଗୃହ ଦିଆଯିବ ବୋଲି କହିଥିଲେ। କିନ୍ତୁ ଗ୍ରାମବାସୀ କହିବା କଥା, ସେଠାରେ ଆମର ଜମିବାଡି, ଘରଦ୍ୱାର ଅଛି ଆମେ ଅନ୍ୟକୁଆଡେ ଯିବୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଫୁଲବାଣି ବ୍ଲକର ତୁଡିପାଜୁ ପଞ୍ଚାୟତ ନୂଆ ପଞ୍ଚାୟତ। ଏଥିରେ ଆମ୍ଭ ଗ୍ରାମକୁ ମିଶାଯାଇଥିବାରୁ ଆହୁରି ଅଡୁଆ ହେଲା। ସୁଡ୍ରେଜୁ ପଞ୍ଚାୟତ ବରଂ ଭଲ ଥିଲା ବୋଲି କହିଛନ୍ତି ଗ୍ରାମବାସୀ। ଫୁଲବାଣୀ ବ୍ଲକ ଓ ତୁଡିପାଜୁ ପଞ୍ଚାୟତକୁ ଯଦି ଆମ୍ଭମାନଙ୍କୁ ନିଆଯାଇଛି । ଯଥାଶୀଘ୍ର ସମସ୍ୟା ଦୂର କରି ରାସ୍ତା କରିଦେଲେ ଆମ୍ଭେ ମାନେ ଉନ୍ନତି କରିପାରିବୁ ବୋଲି କହିଥିଲେ।



ଚୁଆରୁ ଗ୍ରାମବାସୀ ପାଣି ନେଉଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୩ବଖରା



ବୈପାରୀଗୁଡା, ୧୯।୫(ଡି.ଏନ୍.ଏ.): ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତ ଅଧୀନ ବରେଇଗୁଡା ଗାଁରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ଶ୍ୟାମ ଗୌଡଙ୍କ ୩ ବଖରା ଘର ଜଳି ଯାଇଛି। ଶୋଇଥିବା ଅବସ୍ଥାରେ ନିଆଁ ଲାଗିବାରୁ ପରିବାର ସଦସ୍ୟ କୌଣସି ଜିନିଷ ବାହାର କରିପାରି ନ ଥିଲେ। ଏଥିରେ ଶ୍ୟାମଙ୍କ ଘରର ବିଭିନ୍ନ ଆସବାବପତ୍ର ସହ ୨୦ ହଜାର ଟଙ୍କା, ୨ ଭରି ଓଜନର ସୁନା ଅଲଙ୍କାର ସହ ମହଜୁଦ୍ ଥିବା ଖାଦ୍ୟ ଶଷ୍ୟ ସବୁ ଜଳି ଯାଇଥିଲା। ଶ୍ୟାମଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ବଜ୍ରପାତରେ ୨ ମେଣ୍ଢା,୨ ବଳଦ ମୃତ



ବୈପାରୀଗୁଡା, ୧୯।୫(ଡି.ଏନ୍.ଏ): ବୈପାରୀଗୁଡା ବ୍ଲକ ମହନ୍ତପୁର ଯିବା ରାସ୍ତା ହନୁମାନ ମନ୍ଦିର ନିକଟରେ ଶନିବାର ଅପରାହ୍ନ ବଜ୍ରପାତ ଘଟି ୨ଟି ମେଣ୍ଢା ଓ ୨ଟି ବଳଦ ପ୍ରାଣ ହରାଇଛନ୍ତି। କୋରାପୁଟ ଗାଁର ସୋମନାଥ ଦିଶାରୀ ,ଚୈତନ୍ୟ ଦଲେଇ ଓ ଡମନି ନାୟକଙ୍କ ମେଣ୍ଢା ଓ ଗୋରୁମାନେ ଗୋରୁପଲ୍ଲ ସହ ଚରିବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେମାନେ ସେଠାରେ ପ୍ରାଣ ହରାଇ ଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଘଟଣାସ୍ଥଳେ ପହଞ୍ଚିନାହାନ୍ତି। ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଯୁବତୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା

ସୋର,୧୯।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଅଡ଼ଙ୍ଗବଜାରରେ ଥିବା ଏକ କ୍ଲିନିକରେ ଜଣେ ଯୁବତୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛି। ପୋଲିସ ଶବ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଜଣାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଥାନାରେ ମାମଲା (ନଂ. ୨୨୮/୨୦୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁଯାୟୀ ସୋର ଥାନା ବାଗୁଡ଼ି ଗ୍ରାମର ଗୌରାଙ୍ଗ ଦାସଙ୍କ ଝିଅ ସସ୍ମିତା(୨୦)ଙ୍କୁ ଦୁଇଦିନ ହେଲା ଥଣ୍ଡା ଜ୍ୱର ହୋଇଥିଲା। ରବିବାର ପୂର୍ବାହ୍ନରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଅଡ଼ଙ୍ଗବଜାରସ୍ଥିତ ଏକ କ୍ଲିନିକକୁ ଆଣିଥିଲେ। ସେଠାରେ ଡାକ୍ତର ଯୁବତୀଙ୍କୁ ଦେଖିବା ପରେ ପ୍ରେସକ୍ରିପଶନ୍ ଲେଖିଥିଲେ। ପ୍ରେସକ୍ରିପଶନ ଅନୁସାରେ ଅଡ଼ଙ୍ଗବଜାରରେ ଥିବା ଏକ ମେଡିସିନ ଷ୍ଟୋର୍‌ରୁ ଔଷଧ ଓ ଇଞ୍ଜେକଶନ ଅଣାଯାଇଥିଲା। ଡାକ୍ତର ନିଜେ ଇଞ୍ଜେକଶନ ଦେଇଥିଲେ। ଇଞ୍ଜେକଶନ ଦେବାର କିଛି ସମୟ ପରେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ।

### ବେପାରୀଙ୍କଠୁ ଲୁଟ୍

ସିମୁଳିଆ, ୧୯।୫(ଡି.ଏନ୍.ଏ.)-ଖଇରା ମିରିପୁର ଅଞ୍ଚଳର ମହେଶ ପ୍ରସାଦ ସାହୁ ନାମକ ଜଣେ ଗହଣା ବ୍ୟବସାୟୀ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ନିକଟରୁ ୫ କିଲୋ ରୁପା, ୫୦ଗ୍ରାମ ସୁନା ସମେତ ୨୦ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମହେଶ ସାଲୋ ଅଞ୍ଚଳରେ ଥିବା ନିଜର ଗହଣା ଦୋକାନ ବନ୍ଦ କରି ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସିମୁଳିଆ ଥାନା ଅଧୀନ ଭୁଗୁପୁର ଗ୍ରାମ୍ୟ ଜଙ୍ଗଲ ନିକଟରେ ୩ଜଣ ଯୁବକ ତାଙ୍କୁ ଅଟକାଇ ବନ୍ଧୁକ ଓ ଛୁରି ଦେଖାଇ ଲୁଟ୍ କରି ଫେରାର ହୋଇଯାଇଥିଲେ।

# ପାହାଡ଼ରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ଜୟପୁର,୧୯।୫(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହର ଉପକଣ୍ଠ ହାତୀବାରିଗୁଡ଼ା ସଂରକ୍ଷିତ ଜଙ୍ଗଲସ୍ଥିତ ପାହାଡ଼ରୁ ରବିବାର ପୂର୍ବାହ୍ନରେ ଜଣେ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ସ୍ଥାନୀୟ ଇରିଗେସନ କଲୋନି ବାସିନ୍ଦା ପିତାମ୍ବର ବେହେରୁକ (୬୫)। ଉଦ୍ଧାର ସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲେ, ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଜୟପୁର ଏସ୍‌ଡିପିଓ ସାଗରିକା ନାଥ, ସଦର ଥାନା ଅଧିକାରୀ ଧୀରେନ୍ଦ୍ର ବେହେରା, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଆଇ ଶିବଶଙ୍କର ସାହୁ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ଜିଲା ମୁଖ୍ୟାଳୟରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ସେଠାରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




ପାହାଡ଼ରେ ଏକ ଗଛରେ ପୀତାମ୍ବରଙ୍କ ମୃତଦେହ।

ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

ସୂଚନା ଅନୁଯାୟୀ, ଜୟପୁର ଇରିଗେସନ କଲୋନିର ବାସିନ୍ଦା ହେଉଛନ୍ତି ପୀତବାସ ବେହେରୁକ। ସେ ଇରିଗେସନ କାର୍ଯ୍ୟାଳୟରେ ଷ୍ଟୋର କିପର ପଦବୀରୁ ଅବସର ନେଇଥିଲେ। ତାଙ୍କର ୩ଟି ଝିଅ ଅଛନ୍ତି। ଏକମାତ୍ର ପୁଅ ୪ ବର୍ଷ ତଳେ ଆତ୍ମହତ୍ୟା କରିଥିଲେ। ସେବେଠାରୁ ତାଙ୍କର ମାନସିକ ସ୍ଥିତ ଠିକ୍ ନ ଥିଲା। ଗତ ୧୭ ତାରିଖ ଆତ୍ମହତ୍ୟା କରିବେ ବୋଲି ସ୍ତ୍ରୀଙ୍କୁ କହି ପୀତବାସ ଘରୁ ବାହାରି ଯାଇଥିଲେ, କିନ୍ତୁ ଆଉ ଫେରି ନ ଥିଲେ। ଗତ ଶନିବାର ଟ୍ୱାଇଁ ଜୟପୁର ଟାଉନ ଥାନାରେ ପୀତବାସ ନିରୁଦ୍ଦିଷ୍ଟ ଥିବା ଏତଲା ଦେଇଥିଲେ। କିନ୍ତୁ ରବିବାର ସକାଳୁ ହାତୀବାରିଗୁଡ଼ା ପାହାଡ଼ରୁ ପୀତବାସଙ୍କ ମୃତଦେହ ମିଳିଥିଲା। ପାହାଡ଼ରୁ ଯେଉଁ ଗଛରୁ ପୀତବାସଙ୍କ ମୃତଦେହ ମିଳିଛି, ସେହି ଗଛରେ ଚଢ଼ି ଆତ୍ମହତ୍ୟା କରିବା ତାଙ୍କ ପକ୍ଷେ ସମ୍ଭବ ହେବନାହିଁ। ଏପରିକି ପାହାଡ଼ ଉପରକୁ ଯିବା ମଧ୍ୟ ସମ୍ଭବ ହେବନାହିଁ। ତେଣୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତାଙ୍କଠାରୁ ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟବସାୟୀ ଓ ଠିକାଦାର ଟଙ୍କା ଉଧାର ନେଇଥିବା ବେଳେ ସେମାନେ ଫେରାଉ ନ ଥିବାରୁ ଏହା ପୀତବାସଙ୍କ ଚିନ୍ତା ବଢ଼ାଇଥିଲା। ଯେଉଁମାନେ ଟଙ୍କା ନେଇଥିଲେ, ସେମାନଙ୍କ ମଧ୍ୟରୁ କେହି ହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଜିଲା ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ମୁକୁନ୍ଦଦେବ ନାୟକ କହିଛନ୍ତି।

■ ଝଡ଼ର ୪୮ ଘଣ୍ଟା ପରେ ବି ପହଞ୍ଚିନି ବିଜୁଳି

# ଅନ୍ଧାରରେ ଅନେକ ପଞ୍ଚାୟତ, ଗାଁ



ସୌରାଗୁଡ଼ାରେ ବିଦ୍ୟୁତ୍ ମରାମତି କାମ ଚାଲିଛି।

ଜୟପୁର,୧୯।୫(ଡି.ଏନ୍.ଏ.)

ଜୟପୁର ସହରରେ ଗତ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଆଖପାଖ ଗ୍ରାମାଞ୍ଚଳର ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ଶୁକ୍ରବାର ରାତି ସୁଦ୍ଧା ସହରର ୨୦ ପ୍ରତିଶତ ଅଞ୍ଚଳରେ ସେବା ସ୍ୱାଭାବିକ କରାଯାଇଥିବା ବେଳେ ଶନିବାର ସନ୍ଧ୍ୟା ସୁଦ୍ଧା ୮୦ ପ୍ରତିଶତ ଅଞ୍ଚଳକୁ ବିଦ୍ୟୁତ ଦିଆଯାଇଥିଲା। ରବିବାର ପୂର୍ବାହ୍ନ ସୁଦ୍ଧା ଶତ ପ୍ରତିଶତ ସେବା ଦିଆଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ ୪୮ ଘଣ୍ଟା ପରେ ମଧ୍ୟ ବିଦ୍ୟୁତ ସେବା ଶତ ପ୍ରତିଶତ ସ୍ୱାଭାବିକ ହୋଇନାହିଁ। ଗ୍ରାମାଞ୍ଚଳର ବାଲିଆ, ଅନ୍ତା ଏବଂ ଫାମ୍ପୁଣି, କାଳିଆଗାଁ ପଞ୍ଚାୟତର କିଛି ଗ୍ରାମକୁ ରବିବାର ବିଦ୍ୟୁତ ଦିଆଯାଇଥିଲା। କିନ୍ତୁ ଅନ୍ୟ ପଞ୍ଚାୟତରେ ସେବା ପହଞ୍ଚି ପାରିନାହିଁ। ବିଭିନ୍ନ ଚାଷଜମିକୁ ମୋଟର ଯୋଗେ ପାଣି ମଡ଼ାଇବା ଆବଶ୍ୟକ ଥିବାବେଳେ ବିଦ୍ୟୁତ ନ ଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ବୃଦ୍ଧି ପାଇଛି। ବିଦ୍ୟୁତ ନ ଥିବା ସାଙ୍ଗକୁ ଅସହ୍ୟ ଗରମ ଯୋଗୁ ଦୁଇଦିନ ହନ୍ତସନ୍ତ ହେବା ପରେ ଗତ ଶନିବାର ସନ୍ଧ୍ୟାରେ ମହିଳାମାନେ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଘେରିଥିଲେ। ସେହିପରି ନୂଆସାହି ଅଞ୍ଚଳରେ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ସମେତ କର୍ମଚାରୀଙ୍କୁ ଘେରି ବିଦ୍ୟୁତ ସଂଯୋଗ ଦେବା ପାଇଁ ଦାବି କରାଯାଇଥିଲା। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟଦର୍ଶୀ ବେହେରା କହିଛନ୍ତି ଯେ, ଅତିଶୀଘ୍ର ସମସ୍ତ ଗ୍ରାମାଞ୍ଚଳରେ ବିଦ୍ୟୁତ ଯୋଗାଇବା ପାଇଁ କାର୍ଯ୍ୟ ଚାଲିଛି।

■ ଆନ୍ଦୋଳନର ଆହ୍ୱାନ ଦେଲା ସିପିଆଇ

# ଶହୀଦ ମାଟିରୁ ସମ୍ବିଧାନ, ଧର୍ମନିରପେକ୍ଷତା ବଞ୍ଚାଅ

ଜୟପୁର,୧୯।୫(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସହରର ଟାଉନହଲରେ ରବିବାର କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ସିପିଆଇ)ର ଜିଲା ଶାଖା ପକ୍ଷରୁ ପୂର୍ବତନ ଏମ୍‌ପି ତଥା ଶ୍ରମିକ ନେତା ଦ୍ୟୁତିକୃଷ୍ଣ ପଣ୍ଡାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ରାଜ୍ୟ ସଂପାଦକ ଆଶିଷ କାନୁନଗୋ ଯୋଗଦେଇ କହିଥିଲେ, ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡସେ ସପକ୍ଷରେ ଆଦର୍ଶବାଦୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସମ୍ବିଧାନ ଓ ଧର୍ମନିରପେକ୍ଷତା ପ୍ରତି ବିପଦ ସୃଷ୍ଟି କରିଛି। ସ୍ୱର୍ଗତ ପଣ୍ଡା ସାଂପ୍ରଦାୟିକ ଶକ୍ତି ବିରୋଧରେ ନିରନ୍ତର ଅଭିଯାନ ଜାରି ରଖିବା ସହ ସମ୍ବିଧାନର ସୁରକ୍ଷା ଓ ଧର୍ମନିରପେକ୍ଷତା ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କରୁଥିଲେ। ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ମାଟିରୁ ହିଁ ସମ୍ବିଧାନ ଓ ଧର୍ମନିରପେକ୍ଷତା ରକ୍ଷା ପାଇଁ ଆନ୍ଦୋଳନର ଆହ୍ୱାନ ଦିଆଯାଇଥିଲା। ଜୟପୁର ବିଲ୍ଟ ସେୱା କାଗଜକଳ ୧୯୮୭ରୁ ୧୯୯୨ ପର୍ଯ୍ୟନ୍ତ ବନ୍ଦ ଥିଲା। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ୧୯୮୯ରେ ପଣ୍ଡା ଦାବି ଜଣାଇଥିଲେ। ସିପିଆଇର ବାରମ୍ବାର ଦାବି ପରେ ଏହି କାଗଜକଳ ୧୯୯୨ରେ ପୁନଃ ଉତ୍ପାଦନ ଆରମ୍ଭ କରିଥିଲା। ସ୍ମୃତିସଭାରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାଶ, ବେଣୁ ମାଧବ ସାହୁ, ସରପଞ୍ଚ ପ୍ରଭୁନନ୍ଦ ମୁଦୁଲି, କୁମାର ଜାନୀ, ମାଲକାନଗିରିର ଦୟାମଣି ଗୋଲରି ଉପସ୍ଥିତ ଥିଲେ।



ସ୍ମୃତି ସଭାରେ ଯୋଗଦେଇଥିବା ଅତିଥିମାନେ।

## ଯାତ୍ରୀ ବିଶ୍ରାମାଗାରରୁ ମୃତଦେହ ଉଦ୍ଧାର

ଜୟପୁର,୧୯।୫(ନି.ପ୍ର.)

ଜୟପୁର ଏସ୍‌କେଟି ହଲ ସମ୍ମୁଖସ୍ଥ ବସ୍ ରହଣି ସ୍ଥାନରେ ଥିବା ଯାତ୍ରୀ ବିଶ୍ରାମଗାରରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ। ଜୟପୁର ଉଚ୍ଚ ବିଦ୍ୟାଳୟ ନିକଟରେ ରହୁଥିବା ଯୁଜେଷ୍ଠି ପ୍ରଧାନ (୫୫) ଶନିବାର ରାତିରେ କୋରାପୁଟ ଯିବା ପାଇଁ ବସ୍ ରହଣିରେ ଅପେକ୍ଷା କରିଥିଲେ। ସେଠାରେ ତାଙ୍କ ମୁଣ୍ଡ ବୁଲାଇଥିଲା ଓ ସେ ତଳେ ପଡ଼ିଯାଇଥିଲେ। ସେଠାରେ ରହିଥିବା ଯାତ୍ରୀ ତାଙ୍କୁ ଉଠାଇବା ତ ଦୂରର କଥା, ତାଙ୍କୁ ମଦୁଆ ବୋଲି ଭାବି ଛାଡ଼ି ପଳେଇଥିଲେ। ସେହି ଅବସ୍ଥାରେ ରାତି ସାରା ପଡ଼ିରହିଥିବା ବେଳେ ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଟାଉନ ପୋଲିସ ଘଟଣାର ତଦନ୍ତ କରୁଛି।

## ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ବିଜୁଳିର ଲୁଚକାଳି

କୋରାପୁଟ,୧୯।୫(ସ୍ୱ.ପ୍ର.)

କିଛି ଦିନ ହେବ କୋରାପୁଟରେ ଗ୍ରୀଷ୍ମ ପ୍ରବାହ ଅହେତୁକ ବୃଦ୍ଧି ସାଙ୍ଗକୁ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁଁ ଜନସାଧାରଣ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଦିନରେ ରାସ୍ତା ଓ ଦୋକାନ ବଜାର ଖାଁ ଖାଁ ଦେଖାଯାଉଛି। କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ତାପମାତ୍ରା ଏହି ସମୟରେ ୩୮ ଡିଗ୍ରୀରୁ ୪୩ ଡିଗ୍ରୀ ଯାଏ ରହୁଥିବାରୁ ଗୁଳୁଗୁଳି ବଢ଼ିଛି। ଅଘୋଷିତ ବିଦ୍ୟୁତ କାଟ ଯୋଗୁ ଗରମରେ ଲୋକେ ଏକ ପ୍ରକାର ସନ୍ତୁଳି ହେଉଛନ୍ତି। ଅନ୍ୟପକ୍ଷରେ ଜିଲାର କୋରାପୁଟ, ଜୟପୁର, ସୁନାବେଡ଼ା, କୋଟପାଡ଼ ଆଦି ୪ଟି ପୌରାଞ୍ଚଳ ପାନୀୟ ଜଳ ସଙ୍କଟ ଦେଖାଯାଇଛି। ସେହିପରି ଜିଲାର ଗ୍ରାମାଞ୍ଚଳରେ ମଧ୍ୟ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଜିଲାର ଦଶମନ୍ତପୁର, ବନ୍ଧୁଗାଁ, ନାରାୟଣପାଟଣା, ଲମତାପୁଟ, ବୈପାରିଗୁଡ଼ା, ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକେ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ପାଣି ପାଇଁ ଗ୍ରାମବାସୀ ବହୁ ଦୂରକୁ ଯିବାକୁ ପଡୁଥିବାବେଳେ କେତେକ ଗ୍ରାମବାସୀ ବାଧହୋଇ ନାଳ ପାଣି ପିଇବାକୁ ବାଧ ହେଉଛନ୍ତି।

# କୃଷି ଉତ୍ପାଦନ କ୍ଲଷ୍ଟର ଉଦ୍‌ଘାଟିତ

ଦଶମନ୍ତପୁର, ୧୯।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଶନିବାର କୃଷି ଉତ୍ପାଦନ କ୍ଲଷ୍ଟର ଉଦ୍‌ଘାଟିତ ହୋଇଛି। କୃଷି ଅଧିକାରୀ ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଉପ ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ଉପ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ନରସିଂହ ନାୟକ, ସିୱାଇଏସ୍‌ଡିର ସାଗର ପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ କୃଷି, ପାନୀୟ ଜଳ, ପଞ୍ଚାୟତରାଜ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସିୱାଇଏସ୍‌ଡିର ମିଳିତ ଉଦ୍ୟମରେ ଏହି କ୍ଲଷ୍ଟର ଗଠନ କରାଯାଉଛି। କ୍ଲଷ୍ଟର ମାଧ୍ୟମରେ ଚାଷୀଙ୍କ ନିକଟକୁ ଯାଇ ପନିପରିବା ଚାଷର ତାଲିମ୍ ଦିଆଯିବ ବୋଲି ଅତିଥିମାନେ କହିଥିଲେ। ନନ୍ଦିଗାଁ, ଏ.ମାଲକାନଗିରି, ପୋଡାଗଡ଼ ଓ ଗାଦିଆଗୁଡ଼ା ପଞ୍ଚାୟତର ୫୧ଟି ଗାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ଆସନ୍ତା ୩ ବର୍ଷରେ ନୂତନଭାବେ ୨୦ଟି ଦଳ ଗଠନ କରାଯାଇ ୩ହଜାର ଚାଷୀଙ୍କୁ ଏଥିରେ ସାମିଲ କରାଯିବ ବୋଲି କୃଷି ଅଧିକାରୀ ସୂଚନା ଦେଇଥିଲେ। ପ୍ରସନ୍ନ ମହାରଣା ୨୦୧୮-୧୯ରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୯-୨୦ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଶୁ ସମ୍ପଦ ଅଧିକାରୀ, ଜିବିକା ମିଶନ ଅଧିକାରୀଙ୍କ ସମେତ ୪ ପଞ୍ଚାୟତର ଅନେକ ଚାଷୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## କଡ଼ା ସୁରକ୍ଷାରେ ୨ ବୁଥରେ ସାନି ମତଦାନ

ବସ୍ତା, ୧୯।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଜଳେଶ୍ୱର ନିର୍ବାଚନମଣ୍ଡଳୀର କାଦରାୟାଁ ପଞ୍ଚାୟତର ଦୁଇଟି ବୁଥ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରବିବାର ସାନି ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କାଦରାୟାଁ ଉର୍ଦ୍ଦୁ ପ୍ରାଇମେରୀ ସ୍କୁଲରେ ପଞ୍ଚାୟତର ୧୮୭ ଓ ୧୮୯ ନଂ. ବୁଥ୍‌କୁ ପୂର୍ବରୁ ଅତି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ କରାଯାଇଥିଲା। ଗତ ୨୯ତାରିଖରେ ଭୋଟ ବେଳେ ଏହି ଦୁଇ ବୁଥ୍‌ରେ ରିଗିଂ ହୋଇଥିବା ଅଭିଯୋଗ ହୋଇଥିଲା। ନିର୍ବାଚନ କମିଶନ ସେଠାରେ ସାନି ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତଦନୁଯାୟୀ ସାନି ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ବ୍ୟାପକ ପୋଲିସ ଓ ସିଆରପିଏଫ୍ ମୁତୟନ କରାଯାଇଥିଲା। ୧୮୭ନଂ. ବୁଥ୍‌ରେ ପୂର୍ବାହ୍ନ ୭ଟା ୩୦ମିନିଟ୍‌ରେ ମତଦାନ ଆରମ୍ଭ ହୋଇଥିଲା। ତେବେ ୧୮୯ନଂ. ବୁଥରେ ୭ଟା ୪୦ମିନିଟ୍ ସମୟରେ ମତଦାନ ହୋଇଥିଲା। ପ୍ରବଳ ଗରମ ଗୁଳୁଗୁଳି ସତ୍ତ୍ୱେ ମହିଳା ଓ ପୁରୁଷ ଭୋଟରମାନେ ମତାଧିକାର ସାବ୍ୟସ୍ତ କରିଥିଲେ। ଶେଷ ବେଳକୁ ୭୩ ପ୍ରତିଶତ ମତଦାନ ହୋଇଛି।

■ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର ପ୍ରତିବାଦ

## ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବି




ଦାବି ଜଣାଉଛନ୍ତି ଅଲ୍ ଇଣ୍ଡିଆ ଡି.ଏସ୍.ଓ, ଅଲ୍ ଇଣ୍ଡିଆ ଏ.ଆଇ.ଏମ୍.ଏସ୍.ଏସ୍।


ବୈପାରୀଗୁଡା, ୧୯।୫(ଡି.ଏନ୍.ଏ.)

ସମ୍ପ୍ରତି କୋଲକାତା ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ସ୍ଥାନୀୟ ଅଲ୍ ଇଣ୍ଡିଆ ଡି.ଏସ୍.ଓ, ଅଲ୍ ଇଣ୍ଡିଆ ଏ.ଆଇ.ଏମ୍.ଏସ୍.ଏସ୍ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରବିବାର ସ୍ଥାନୀୟ ଲକ୍ଷ୍ମଣ ନାୟକ ଛକରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଦଶରଥ ଖିଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡି.ଏସ୍.ଓ ରାଜ୍ୟ କମିଟି କାଉନସିଲ ସଦସ୍ୟ ରୁକ୍ମଣୀ ବାରିକ, ପ୍ରମିଳା ପୂଜାରୀ, ଏ.ଆଇ.ଏମ୍.ଏସ୍.ଏସ୍‌ର ସମ୍ପାଦିକା ଲକ୍ଷ୍ମୀ ବାରିକ, ସଦସ୍ୟ ଲଳିତା ଖିଲ ପ୍ରମୁଖ ଉଦ୍‌ବୋଧନ ଦେଇ ଘଟଣାର ତୀବ୍ର ନିନ୍ଦା କରିଥିଲେ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ବିଦ୍ୟା ସାଗରଙ୍କ ପ୍ରତିମୂର୍ତ୍ତି ପୁନର୍ବାର ସ୍ଥାପନ କରିବାକୁ ସେମାନେ ଦାବି କରିଥିଲେ।

# ପାହାଡ଼ ଗୁମ୍ଫାରେ ନାଗେଶ୍ୱରୀଙ୍କ ଚନ୍ଦନ ଯାତ୍ରା

ସେମିଳିଗୁଡ଼ା,୧୯।୫(ସ୍ୱ.ପ୍ର.)

ସେମିଳିଗୁଡ଼ା ଅନ୍ତର୍ଗତ ଖେମୁଣ୍ଡୁଗୁଡ଼ା ପଞ୍ଚାୟତ ପାରୁଆମାଳି ଗୁମ୍ଫାରେ ଥିବା ମା' ନାଗେଶ୍ୱରୀଙ୍କ ନାମରେ ପ୍ରସିଦ୍ଧ ଚନ୍ଦନଲାଗି ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରାରେ ଲିଆ ଖାଇବାର ପରମ୍ପରା ରହିଛି। ଗୁମ୍ଫାରୁ ଠାକୁରାଣୀଙ୍କୁ ପ୍ରତିମୂର୍ତ୍ତିକୁ ମୁଣ୍ଡରେ ଧରି ଗାଁକୁ ଅଣାଯିବା ପରେ ଯାତ୍ରା ରୀତିନୀତିରେ ପାଳନ କରାଯାଏ। ଏହି ପ୍ରସିଦ୍ଧ ଚନ୍ଦନ ଯାତ୍ରା ହେଉଥିବା ପାହାଡ଼ର ପାଦଦେଶରୁ ୩୧୦ ଫୁଟ୍ ଉପରକୁ ଯିବା ପରେ ଗୁମ୍ଫାଟି ପଡ଼େ। ସେହି ସ୍ଥାନରୁ ପାହାଡ଼ ତଳର ପ୍ରାକୃତିକ ଦୃଶ୍ୟ ବେଶ୍ ମନୋରମ। ଗୁମ୍ଫା ଭିତରେ ବିସ୍ତୀର୍ଣ୍ଣ ଜାଗା ସହ ଅନେକ ସୁଡ଼ଙ୍ଗ ରହିଛି। ରବିବାର ଅନୁଷ୍ଠିତ ଯାତ୍ରାରେ ଆଖପାଖ ଗ୍ରାମ ତଥା ଦୂର ଦୂରାନ୍ତରୁ ହଜାର ହଜାର ଭକ୍ତ ପହଞ୍ଚିଥିଲେ। ନନ୍ଦପୁର, ସେମିଳିଗୁଡ଼ା, ପଟ୍ଟାଙ୍ଗି ତଥା ପଡୋଶୀ ଆନ୍ଧ୍ରରୁ ଭକ୍ତଙ୍କ ସମାଗମ ହୋଇଥିଲା। ପରୁଆମାଳି ଯାତ୍ରାରେ ପୂଜାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି ଖେମୁଣ୍ଡୁଗୁଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଭଗବାନ ଖେମୁଣ୍ଡୁଙ୍କ ପରିବାର।



ଗୁମ୍ଫାରୁ ପବିତ୍ର କଳସ ଗାଁକୁ ନିଆଯାଉଛି।




ପାରୁଆମାଳି ଗୁମ୍ଫା।

## ସ୍ମାର୍ଟ ୱିଣ୍ଡୋ




ଘର ଭିତରକୁ ପବନ ଯାତାୟାତ ପାଇଁ ଘରେ ଝରକା ଲଗାଯାଇଥାଏ । ହେଲେ ଖରାଦିନେ ଉତପ୍ତ ବାୟୁ ଏହା ଭିତର ଦେଇ ଘରକୁ ଆସିଥାଏ । ନିକଟରେ ୟୁନିଭର୍ସିଟି ଅଫ ୱାଶିଂଟନର ବୈଜ୍ଞାନିକମାନେ ଏପରି ଏକ ଝରକା ପ୍ରସ୍ତୁତ କରିଛନ୍ତି ଯାହାକୁ ଆପଣ ଖରାଦିନେ ଖୋଲା ରଖିପାରିବେ । କେବଳ ସେତିକି ନୁହେଁ, ସାଧାରଣ ଝରକା ଦେଇ ଗରମ ପବନ ଆସୁଥିବା ହେଲେ ଏହି ଝରକା ତାହାକୁ ପ୍ରତିହତ କରିବାର କ୍ଷମତା ରଖିଛି । ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଏହି ସ୍ମାର୍ଟ ୱିଣ୍ଡୋ ଦେଇ ଆଲୋକ ଘର ଭିତରକୁ ଆସିପାରିବ । ହେଲେ ସୂର୍ଯ୍ୟଙ୍କର ତତଲା ପବନ ପ୍ରବେଶ କରିପାରିବ ନାହିଁ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେବେ ଏହାକୁ ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରିବାକୁ ଉଦ୍ୟମ କରଯାଉଛି ବୋଲି ସେଥିରେ ଉଲ୍ଲେଖ ରହିଛି ।

## ରିଲାକ୍ସ ଥେରାପି



ସୁସ୍ଥ ତଥା ନୀରୋଗ ଜୀବନ ଯାପନ ପଛରେ ବ୍ୟାୟାମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି ଜଣେ ନିଜ ଦୈନନ୍ଦିତ ଜୀବନ ତାଲିକାରେ ଏହାକୁ ସାମିଲ କରେ ତେବେ ତା'ଦ୍ୱାରା କେତେ ଉପକାର ମିଳେ ତାହା ଅନୁଭବୀ ହିଁ ଜାଣେ । କେତେକ ବ୍ୟାୟାମ କରିବା ସମୟରେ ଗୀତ ଶୁଣିବାକୁ ଭଲ ପାଆନ୍ତି । କାନରେ ଇୟର ଫୋନ୍ ଦେଇ ୱାକିଂ, ଜଗିଂ କରୁଥିବାର ଅନେକଙ୍କୁ ଦେଖିବାକୁ ମିଳୁଛି । ହେଲେ ବ୍ୟାୟାମ ସମୟରେ ଗୀତ ଶୁଣିବା ଏକ ଭଲ ଅଭ୍ୟାସ ଏବଂ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି । ବ୍ୟାୟାମ ସମୟରେ ଗୀତ ଶୁଣିବାକୁ ସେମାନେ 'ରିଲାକ୍ସ ଥେରାପି' ନାମରେ ନାମିତ କରିଛନ୍ତି । ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିବା ସହ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହିଥାଏ । ଯଦି ଅଧିକ ସମୟ ବ୍ୟାୟାମ କରୁଛନ୍ତି ତେବେ ଥକା ଲାଗିବା ସ୍ୱାଭାବିକ । ଏହି ସମୟରେ ମନରେ ପ୍ରଫୁଲ୍ଲତା ଭରିଦିଏ ଗୀତ ଶୁଣିବା । ବ୍ୟାୟାମ ସମୟରେ ଗୀତ ଶୁଣୁଥିବା କେତେକ ବ୍ୟକ୍ତିଙ୍କ ଉପରେ ଗବେଷଣା କରି ସେମାନେ ଏପରି ମତବ୍ୟକ୍ତ କରିଛନ୍ତି ।

# କାଚ ଓ ବାତ୍ୟା ପରବର୍ତ୍ତୀ ବିଭୀଷିକା



ଡ. ରାମଚନ୍ଦ୍ର ରାଉତ


"ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ। ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ। ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ। ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ। ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ। ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ। ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ।"

କାଚର ଆବିଷ୍କାର ଚାଇନା ଦେଶରେ ହୋଇଥିଲା । କାଚର ଗୋଟିଏପଟେ ପ୍ରଲେପ ଲଗାଇ ମଣିଷ ନିଜର ପ୍ରତିଛବି ଏଥିରେ ଦେଖିପାରିଲା 'କାଚ' ଆଲୋକ ପାଇଁ ପ୍ରତିବନ୍ଧକ ନ ଥିବାରୁ ଏହା ମଧ୍ୟଦେଇ ଆଲୋକ ଯାଇପାରେ । କାଚକୁ ବିଭିନ୍ନ ପ୍ରକାରର ରାସାୟନିକ ଓ ପ୍ରଲେପ ମାଧ୍ୟମରେ ଗୋଟିଏପଟେ ଆଲୋକ ପ୍ରତିରୋଧ ଓ ଅନ୍ୟ ଗୋଟିଏ ପଟେ ଆଲୋକାଭିମୁଖୀ କରାଯାଇପାରୁଛି ଓ ବିଭିନ୍ନ ରଙ୍ଗର ସୁଦୃଶ୍ୟ କାଚମାନ ଗଢ଼ା ଯାଇପାରୁଛି ।

ଏବେ ଘର ତିଆରି ଓ ପରବର୍ତ୍ତୀ ଘରମୁହା ପାଇଁ କାଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ଘରକୁ ସୁଦୃଶ୍ୟମାନ କରିବା ସହିତ ଆଲୋକ ସଞ୍ଚାଳନ ପାଇଁ ବ୍ୟବହାର କରାଯାଇଥାଏ । ଅନେକ ଥାକ, ଆଲମାରୀ ଓ ର୍ୟାକ୍‌ମାନଙ୍କରେ ବିଭିନ୍ନ କାଚ ଲଗାଯାଇଥାଏ ।

ମାତ୍ର ଏବେ ଘଟିଯାଇଥିବା "ଅତ୍ୟନ୍ତ ମହାବାତ୍ୟା ଫନୀ"ର ତାଣ୍ଡବଲୀଳା ଓ ପ୍ରଳୟ ପରେ ଜଣାପଡ଼ିଛି ଯେ 'କାଚ' କେତେ କ୍ଷତିକାରକ ଓ ଅସ୍ୱାସ୍ଥ୍ୟକର । ପ୍ରଚଣ୍ଡ ପବନ ମାଡ଼ରେ ତାହାସବୁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଛି । ଘର ଦ୍ୱାର, ବାହାର, ଗାଡ଼ି, ଝରକା, କବାଟ, ପାର୍ଟିସନ୍ ଓ ପ୍ରବେଶକକ୍ଷ ସବୁ କାଚ ଭାଙ୍ଗି ଗୁଣ୍ଡହୋଇ ପାହାଡ଼ ପରି ଜମା ହୋଇଛି । ଏହା ବହୁତଳ ପ୍ରାସାଦ ପାଇଁ ଅନେକ କ୍ଷତିସାଧନ କରିଛି । ଯଦିଓ କାଚ ପାଇଁ କୌଣସି ବ୍ୟକ୍ତି ମରିନାହାନ୍ତି ତଥାପି ମରିଯିବା ମଧ୍ୟ ଅସମ୍ଭବ ନୁହେଁ । ତା'ର ତୀକ୍ଷ୍ଣ ଧାର ଅତି ସହଜରେ ଖଣ୍ଡା ଓ ଛୁରି ପରି କ୍ଷତ କରିପାରେ, ଫୁଟାଇ ଦେଇପାରେ । ସେହିସବୁ ଭଂଗା କାଚକୁ ସଂଗ୍ରହ କରିବା, ସଫା କରିବା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ନେଇ କେଉଁଠାରେ ପକାଇବା କାଠିକର ପାଠ । ଏହି ଆବର୍ଜନାଟି ସହଜରେ ବର୍ଷ ବର୍ଷ ଧରି ମାଟିରେ ମିଶେନାହିଁ କିମ୍ବା ବିଘଟିତ ହୁଏନାହିଁ । ଫଳରେ ପରେ ଗୁରୁତର ପରିବେଶଜନିତ ପ୍ରଦୂଷଣର ମୁଖ୍ୟାଂଶ ହୋଇଥାଏ । ଗାଡ଼ିଟିଏ ରାସ୍ତାରେ ଧକ୍କା ହେବା ଦ୍ୱାରା ଗାଡ଼ିର କାଚ ଗୁଣ୍ଡ ହୋଇ ରାସ୍ତାସାରା ମୋତି ଗୁଣ୍ଡ ପରି ଚିକ୍ ଚିକ୍ ଦେଖାଯାଏ । ଅନ୍ୟ ଛୋଟମୋଟ ଗାଡ଼ି ଚକରେ ପଶି କଣା କରାଏ । ସାଇକେଲ ଲିକ୍ ହୁଏ, ପାଦରେ ପଶିଥାଏ । ଏପରି କି ଚପଲ ଓ ଜୋତା ଫୁଟାଇବା ଫଳରେ ଅନ୍ୟ ଆଘାତ ଅପେକ୍ଷା କାଚଜନିତ କ୍ଷତ ଅଧିକ ସଂକ୍ରମଣ ଘଟାଇଥାଏ । ଏଥିଲାଗି ଆମକୁ ଅଧିକ ସତର୍କତା ଗ୍ରହଣ କରିବାକୁ ପଡ଼ିବ । ଘରେ, କବାଟରେ, ଝରକାରେ, ର୍ୟାକ୍, ଶୋ'କେସ୍‌ରେ ଯଥାସମ୍ଭବ କମ୍ କାଚ ଲଗାଇବା । ନଚେତ ଫାଇବର ଲଗାଇବା । ପ୍ରବେଶ ପଥରେ ମଧ୍ୟ ସେହିପରି କାଚ ଲଗାଇବା ଉଚିତ । ବହୁତଳ ପ୍ରାସାଦର ଝରକାକୁ ଷ୍ଟିଲ୍ ଜାଲି ଲଗାଇଯାଇପାରେ, ଫାଇବର ଉତ ମଧ୍ୟ ଲଗାଯାଇପାରେ ।

ପବନର ସାଧାରଣ ଗତିପଥ ଓ ବାତ୍ୟାର ଗତିପଥ ଜାଣିପାରିଲେ ସେଥିପାଇଁ କାଚ ଘର ଓ କବାଟର ଠିକ୍ ନିର୍ଦ୍ଧାରଣ କରିବା ଯଥାର୍ଥ ଅଟେ । କାଚର ପୃଷ୍ଠକୁ ସଫା କରିବାବେଳେ ସତର୍କତା ଅବଲମ୍ବନ କରିବା ମଧ୍ୟ ଦରକାର । ଅଧା ଭଙ୍ଗା କାଚର ଚିଜ ଘରେ ନ ରଖି ପକେଇଦେବା ଉଚିତ ଓ ଟେବୁଲର ଧାର ନ ରଖି ୱାଲ୍ କଡକୁ ରଖାଯିବା ଠିକ୍ । ତୈଳାକ୍ତ ହାତରେ, ଲାଳୁଆପଦାର୍ଥ ଲାଗିଥିଲେ ଓ ସର୍ଫ କିମ୍ବା ଡିଟରଜେଣ୍ଟ ବା ଡିସ୍‌ଇନ୍‌ଫେକ୍ଟାଣ୍ଟରେ ଧୋଇବାବେଳେ ମଧ୍ୟ ଏହାସବୁ ଖସୁଡ଼ିଯାଇ ଭାଙ୍ଗିଯାଇଥାଏ । ସେଥିଲାଗି ସତର୍କତା ଜରୁରୀ ।





କ୍ଷତ ହେଲେ ପ୍ରଥମେ ପରିଷ୍କାର କରି ରକ୍ତକ୍ଷରଣ ବନ୍ଦ କରିବା ଦରକାର । କ୍ଷତ ଅଳ୍ପ ହୋଇଥିଲେ ପ୍ରେସର ବ୍ୟାଣ୍ଡେଜ୍‌ରେ ବନ୍ଦ ହୁଏ । ବଡ଼ ଓ ଦୀର୍ଘ ହୋଇଥିଲେ ଷ୍ଟିଚ୍ ପଡ଼େ, ଟି.ଟି. ଦିଆଯାଏ, କ୍ଷତମଲମ ଓ ଆଣ୍ଟିବାୟୋଟିକ୍ ମଧ୍ୟ ସାତଦିନ ଯାଏ ନେବାକୁ ପଡ଼େ । ଏହାସହିତ ସର୍ତକତାର ସହିତ ମଧ୍ୟ ଚଳିବାକୁ ପଡ଼େ ।

ପ୍ରବାଦ ଅଛି "କାଚଘରେ ରହୁଥିବା ଲୋକେ ପର ଘରକୁ ଟେକା ପକେଇବା ଅନୁଚିତ" । ମାତ୍ର କାଚ ଘର ଯେ ବାତ୍ୟା ସମୟରେ ଏକ ପ୍ରାଣଘାତକ ବିପଦ ତାକୁ ସମସ୍ତଙ୍କୁ ମନେରଖି କାର୍ଯ୍ୟ କରିବାକୁ ପଡ଼ିବ ।

*-ଗୋପାଳପୁର, ହରିହର ଭେଟ, ବାଙ୍କୀ, କଟକ*

ଚଳିତ ମାସ ୨୨ ତାରିଖ ହେଉଛି 'ଆନ୍ତର୍ଜାତିକ ଜୈବ ବିବିଧତା ଦିବସ' । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା..

# ଜୀବନ ଜୀବିକା ଓ ଜୈବ ବିବିଧତା



ଡା. ନିତ୍ୟାନନ୍ଦ ସ୍ୱାଇଁ







"ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ । ସଂପ୍ରତି ମଣିଷ ସଂଘର୍ଷରତ ଉଦ୍ଭିଦଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରି କି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ । ଏହାର ଫଳସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ । ଶୁଖିଗଲାଣି ସୁନାବ୍ୟା ନଦୀ । ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା । ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ ।"

ଜୈବ ବିବିଧତା ବୋଇଲେ କ'ଣ ? ପରିବେଶର ସନ୍ତୁଳନକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଜାତିର ପ୍ରାଣୀ ଉଦ୍ଭିଦର ସହାବସ୍ଥାନକୁ ଜୈବ ବିବିଧତା ବୋଲି କୁହାଯାଏ । ଆମେ ଜାଣୁ ଯେ ସବୁ ପ୍ରକାରର ଉଦ୍ଭିଦ ସମାନ ନୁହନ୍ତି କି ସବୁ ପ୍ରକାରର ପ୍ରାଣୀ ମଧ୍ୟ ସମାନ ନୁହନ୍ତି । ସମାନ ବି ନୁହନ୍ତି ସବୁ ପ୍ରକାରର ଅଣୁଜୀବ । ଏପରି କି ଏକା ମା' ପେଟରୁ ଜନ୍ମ ନେଇଥିବା ସବୁ ଭାଇ ଭଉଣୀଙ୍କ ମଧ୍ୟରେ ସମାନତା ପରିଲକ୍ଷିତ ହୋଇ ନ ଥାଏ ।

ପ୍ରାଣୀ ଓ ଉଦ୍ଭିଦଗୁଡିକ ଦେଖିବାକୁ ମିଳେ ମେରୁଭୂମିରେ ହ୍ରଦ ଓ ଝରଣା ଇତ୍ୟାଦିରେ ଆବାସ ସ୍ଥଳୀ ଭେଦରେ ସେମାନଙ୍କଠାରେ ପରିଦୃଷ୍ଟି ହୁଏ ଭିନ୍ନତା ।

ହେଲେ ନିଜକୁ ପଚାରନ୍ତୁ ତ ପୃଥିବୀର ଏତେ ପ୍ରକାରର ଜୈବ ବୈଚିତ୍ର୍ୟ ବା ବିବିଧତା ସୃଷ୍ଟି କରିଛି କିଏ ? ବିବିଧତାର ଜନନୀ ହେଉଛି ମୁଖ୍ୟତଃ ପ୍ରକୃତି । କିନ୍ତୁ ସେହି ନାନା ଜାତିର ଉଦ୍ଭିଦ ଓ ପ୍ରାଣୀକୁ ପ୍ରକୃତି କାହିଁକି ସୃଷ୍ଟି କରିଛି ? ବରଗଛ ଭଳି ଆମ୍ବ ଗଛ ଓ ନଡିଆ ଗଛ ଭଳି ଗୋରୁ ମେଣ୍ଢା, ଛେଳି, ବାଘ, ଭାଲୁ ସିଂହ ହାତୀ ଭଳି ସୃଷ୍ଟି କରିଛି । କାହିଁକି ? କଙ୍ଗାରୁକୁ ବାହିକ ଜନ୍ମ ଦେଇଛି ଅଷ୍ଟ୍ରେଲିଆରେ ଏବଂ ତିମିକୁ ସମୁଦ୍ରରେ । ସବୁଜାତିର ଉଦ୍ଭିଦ ଓ ସବୁ ଜାତିର ପ୍ରାଣୀଙ୍କୁ ସୃଷ୍ଟି କରିସାରି କାହିଁକି ସବା ଶେଷରେ ସୃଷ୍ଟି କରିଛି ମଣିଷକୁ ?

ପୁଣି କେତେ ଜାତିର ଉଦ୍ଭିଦ ଓ ପ୍ରାଣୀକୁ ଜନ୍ମ ଦେଇଛି ସେ ? ବାସ୍ତବରେ ଦେଖିବାକୁ ଗଲେ, ବିଜ୍ଞାନକୁ ନେଇ ବେଶ୍ ବଡେଇ କରୁଥିବା ବିଜ୍ଞ ମଣିଷ ପାଖରେ ଏସବୁ ପ୍ରଶ୍ନର ଠିକ୍ ଉତ୍ତର ନାହିଁ । ଏହାର ଉତ୍ତର କେବଳ ପ୍ରକୃତି ହିଁ ଦେଇ ପାରିବ । ତେବେ ପୃଥିବୀର ସମସ୍ତ ପ୍ରାଣୀ ଓ ସମସ୍ତ ଉଦ୍ଭିଦର ମଙ୍ଗଳ ସାଧନ କରିବା ହିଁ ପ୍ରକୃତ ସୃଷ୍ଟି ଜୈବ ବିବିଧତାର ଏକମାତ୍ର ଉଦ୍ଦେଶ୍ୟ । ସୁତରାଂ ଜୈବୀ ବିବିଧତାକୁ ନିଖୁଣ ନ ରଖିପାରିଲେ ଜୀବଜଗତର ସ୍ଥିତି ଯେ ଶୋଚନୀୟ ଭାବରେ ବିପନ୍ନ ହୋଇପଡିବ ଏଥିରେ କୌଣସି ସନ୍ଦେହ ନାହିଁ ।

କିନ୍ତୁ ଜୈବୀ ବିବିଧତାର ସ୍ଥିତି ସିନା ପ୍ରକୃତି, ହେଲେ ବଡ ପରିତାପର ବିଷୟ ଯେ ଜୈବ ବିବିଧତାକୁ ହ୍ରଦ ହାରରେ ହ୍ରାସ କରି ଚାଲିଛି ମଣିଷ । କେବଳ ମାଂସ ଲୋଭରେ ପୃଥିବୀରୁ ସବୁ ଦିନ ପାଇଁ ନିଶ୍ଚିହ୍ନ ହୋଇଗଲା ଡୋଡୋ ।

ବିଲୁପ୍ତ ହୋଇଥିବା ପାସେଞ୍ଜର ପାରା ; କେବଳ ଚମଡ଼ା ଲୋଭରେ ମଣିଷ ବଂଶ ବୁଡେଇ ଦେଲା ମାମଥ୍, କ୍ୱାଗା ଓ ସମୁଦ୍ର ଗାଈର ; ରଙ୍ଗବେରଙ୍ଗ ପରରେ ମୋହିଯାଇ ନାଶ କରିଦେଲା ଦୁଇଆ ପକ୍ଷୀର କୁଳ ଏବଂ ଶିକାର ସଉକ ଚରିତାର୍ଥ କରିବା ପାଇଁ ଲୋପ କରିଦେଲା ଭାରତୀୟ ଚିତାର ବଂଶ । ଏମାନେ ପ୍ରକୃତିକୁ ଆଉ ଫେରି ପାରିବେନି ।

ମାତ୍ର ମଣିଷ ତ ଧରିତ୍ରୀ ମାତାର ଏକମାତ୍ର ସନ୍ତାନ ନୁହେଁ । ପୃଥିବୀରେ ବସବାସ କରୁଛନ୍ତି ସମ୍ଭବତଃ ଅଶୀଲକ୍ଷ ଜାତିର ପ୍ରାଣୀ ଏବଂ ଉଦ୍ଭିଦ । ଏମାନଙ୍କ ମଧ୍ୟରେ କେବଳ କୀଟପତଙ୍ଗ ହେଉଛନ୍ତି ୫୫ ଲକ୍ଷ ଜାତିର । ଧରିତ୍ରୀର ଏହି ସମସ୍ତ ସନ୍ତାନମାନଙ୍କ ମଧ୍ୟରେ ମଣିଷ ହେଉଛି ଅନ୍ୟତମ ମିତ୍ର ।

ହେଲେ ମଣିଷ ଏବେ ଉଭା ହୋଇପଡ଼ିଛି ପ୍ରକୃତିର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ରୂପେ । ସଂପ୍ରତି ମଣିଷ ସଂଘର୍ଷରତ ଉଦ୍ଭିଦ ଜଗତ ସହ, ସଂଘର୍ଷରତ ପ୍ରାଣିଜଗତ ସହ ଏବଂ ଏପରିକି ସଂଘର୍ଷରତ ଜଳ, ବାୟୁ, ମୃତ୍ତିକା, ପ୍ରସ୍ତର ଆଦି ନିର୍ଜୀବ ଜଗତ ସହ ମଧ୍ୟ । ଏହାର ଫଳ ସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ । ଶୁଖିଗଲାଣି ସୁନାବ୍ୟା ନଦୀ । ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ଜଳବାୟୁ ହୋଇପଡ଼ିଲାଣି ବାଉଳା । ତେଣୁ ପୃଥିବୀର ଜୈବବୈଚିତ୍ର୍ୟ ଏବେ ଶୋଚନୀୟ ଭାବରେ ବିପନ୍ନ । କିନ୍ତୁ ପ୍ରଶ୍ନ ଉଠେ, ପ୍ରତି ବର୍ଷ ପୃଥିବୀ ପୃଷ୍ଠରୁ ଅନ୍ତତଃ ଏକ ହଜାର ସଂଖ୍ୟକ ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଯାଉଥିବାର ପ୍ରଧାନ କାରଣମାନ କ'ଣ ? ଅଟକଳ କରି କୁହାଯାଉଛି ଯେ ଆଗାମୀ ଅଳ୍ପ କେତୋଟି ଦଶକ ଭିତରେ ପାଖାପାଖି ୧୦ ଲକ୍ଷ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଯିବେ ।

କଳକାରଖାନା ପ୍ରତିଷ୍ଠା, ସହର ଓ ଜନବସତି ସ୍ଥାପନ ଓ କୃଷିକ୍ଷେତ୍ର ପ୍ରସ୍ତୁତି ଫଳରେ ଉଦ୍ଭିଦ ଓ ପ୍ରାଣିଗୋଷ୍ଠୀଙ୍କ ପାଇଁ ପର୍ଯ୍ୟାପ୍ତ ବାସୋପଯୋଗୀ ସ୍ଥାନ ମିଳୁନାହିଁ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଯୋଗୁ ବୃଦ୍ଧି ପାଇ ଚାଲିଛି ପରିବେଶ ପ୍ରଦୂଷଣ । ଅବିଚାରିତ ଭାବରେ ଜୀବଜନ୍ତୁ ଶିକାର କରିବା ଓ ଗଛ କାଟିବା ଯୋଗୁ ସୁଗମ ହୋଇଯାଉଛି ସେମାନଙ୍କ ବିଲୁପ୍ତ ପ୍ରକ୍ରିୟା । ବିଦେଶୀ ବୃକ୍ଷଲତା ଓ ବିଦେଶୀ ଜୀବଜାତିର ଅନୁପ୍ରବେଶ ଫଳରେ ସ୍ଥାନୀୟ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ଉପରେ ପଡୁଛି ପ୍ରତିକୂଳ ପ୍ରଭାବ । ସବୁଜ କୋଠରି ଗ୍ୟାସର ନିର୍ଗମନ ବୃଦ୍ଧି ପାଇ ବଢ଼ିବଢ଼ି ଚାଲିଛି ଜାଗତିକ ଉଷ୍ମତା । ଏ ସବୁର ପରିଣାମ ପ୍ରାଣୀ ଓ ଉଦ୍ଭିଦ ଜଗତର ସ୍ଥିତି ପାଇଁ ଆଦୌ ଶୁଭଙ୍କର ହୋଇପାରୁନାହିଁ ।

ଏହା ସ୍ୱୀକାର୍ଯ୍ୟ ଯେ ଖାଦ୍ୟ ଓ ବାସସ୍ଥାନ ପାଇଁ ସମଗ୍ର ଜୀବଜଗତ ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳ । ଆମେ ମଣିଷମାନେ ମଧ୍ୟ ପ୍ରକୃତିରୁ ସଂଗ୍ରହ କରିଥାଉ ଆମର ଖାଦ୍ୟ, ଗୃହପାଳିତ ପଶୁଖାଦ୍ୟ, ବସ୍ତ୍ର, ଗୃହୋପକରଣ, ଇନ୍ଧନ ଓ ଔଷଧ ଇତ୍ୟାଦି । ବିଶେଷକରି କୃଷିଜୀବୀ, ମତ୍ସ୍ୟଜୀବୀ, ପଶୁପାଳକ ଏବଂ ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଭରସା କରୁଥିବା ବନବାସୀ ସଂପ୍ରଦାୟଙ୍କ ଜୀବନ ଧାରଣ ମୁଖ୍ୟତଃ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରିଥାଏ ।

ସୁତରାଂ ଜୈବବିବିଧତାକୁ ଅକ୍ଷତ ରଖିବା ପାଇଁ ବାସସ୍ଥଳୀ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ଚୋରା ଶିକାରୀ ଓ କାଠ ଚୋରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଦେଶୀ ଉଦ୍ଭିଦ ଓ ଜୀବଜନ୍ତୁ ଆମଦାନୀରେ ଅଙ୍କୁଶ ଓ ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ ଭଳି ଗଠନମୂଳକ ପଦକ୍ଷେପମାନ ଗ୍ରହଣ କରିବା ସର୍ବୋଦୌ ଆବଶ୍ୟକ ।

ଅବଶ୍ୟ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ଜୈବ ମଣ୍ଡଳ, ସଂରକ୍ଷଣ, ବ୍ୟାଘ୍ର, ହସ୍ତୀ, ଗଣ୍ଡା, କୁମ୍ଭୀର, ଶାଗୁଣା ଓ ଡଲଫିନ୍ ଆଦିର ସୁରକ୍ଷା ପାଇଁ ସରକାରୀ ସ୍ତରରେ ପ୍ରକଳ୍ପମାନ କାର୍ଯ୍ୟକାରୀ ହେଉଛି । ଜୈବ ବିବିଧତାର ସଂରକ୍ଷଣରେ ଏଭଳି ପଦକ୍ଷେପମାନ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ଯାହା ହେଉ, ଜାହାଜରୁ କୌଣସି ଗୋଟିଏ ପେଚ ଗଳିପଡ଼ିଲେ ଜାହାଜଟି ତତ୍‌କ୍ଷଣାତ ବୁଡ଼ି ଯାଏନି । କିନ୍ତୁ ଗୋଟିକ ପରେ ଗୋଟିଏ କରି ପେଚମାନ ଗଳିପଡ଼ିଲେ ଜାହାଜଟି ଜଳ ସମାଧି ନେବାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପଡେ । ସେହିପରି ପୃଥିବୀ ରୂପକ ପୋତଟିକୁ ପ୍ରାଣୀ ଓ ଉଦ୍ଭିଦ କୁଳ ହିଁ ଅନୁକୂଳ ଅବସ୍ଥାରେ ରଖିଛନ୍ତି । ମାତ୍ର ପ୍ରତିବର୍ଷ ଲୋପ ପାଇ ଚାଲିଛନ୍ତି ହଜାରେ ସରିକି ଜୀବଜନ୍ତୁ ଓ ଉଦ୍ଭିଦ । ଯଦି ଏହି ପ୍ରକ୍ରିୟା ଅବ୍ୟାହତି ରହେ ତେବେ ଦିନେ ନା ଦିନେ ଆମ ପ୍ରିୟ ପୃଥିବୀର ମୃତ୍ୟୁ ଅବଶ୍ୟମ୍ଭାବୀ । ଏବଂ ପୃଥିବୀର ପରଲୋକ ହେବା ପୂର୍ବରୁ ଶ୍ମଶାନବାସୀ ହୋଇସାରିଥିବା ଅପରିଣାମଦର୍ଶୀ ଆମେ ମଣିଷମାନେ ।

ସେଥିପାଇଁ ବେଦର ଶାନ୍ତି ସୂକ୍ତରେ ଆକାଶ ଅନ୍ତରୀକ୍ଷ, ପୃଥିବୀ, ଜଳ, ବୃକ୍ଷଲତା, ଔଷଧୀୟ ଗୁଳ୍ମ ଇତ୍ୟାଦିରେ ଶାନ୍ତି ଅକ୍ଷତ ରଖିବା ନିମନ୍ତେ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଆଧୁନିକ ମଣିଷର ଗଭୀର ପ୍ରଣିଧାନଯୋଗ୍ୟ ।

ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ଆଲବର୍ଟ ସ୍ୱେଇଜରଙ୍କ ଭାଷାରେ, ବିଶ୍ୱର ସମସ୍ତ ଜୀବଙ୍କ ପାଇଁ ଅନୁକମ୍ପାଶୀଳ ହେବା ହିଁ ମାନବଜାତିର ଯଥାର୍ଥ ମାନବିକତା ।

ମଣିଷଠାରେ ମାନବିକତା ଅକ୍ଷୁଣ୍ଣ ରହିଲେ ହିଁ ଜୈବ ବିବିଧତା ଯେ ଅକ୍ଷତ ତଥା ଅପରିବର୍ତ୍ତନୀୟ ରହିପାରିବ, ଏହା ନିଃସନ୍ଦେହ ।

ଜୈବ ବିବିଧତାକୁ ଅକ୍ଷତ ରଖିବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଓ ଜୈବ ବିବିଧତାର ସଂରକ୍ଷଣ ପାଇଁ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଲକ୍ଷ୍ୟ ନେଇ ହିଁ ପ୍ରତିବର୍ଷ ମେ ୨୨ ତାରିଖରେ ପାଳିତ ହୋଇଆସୁଛି ଆନ୍ତର୍ଜାତିକ ଜୈବ ବିବିଧତା ଦିବସ ।

ଜାଣି ରଖିବା ଉଚିତ ଯେ, ଜନସାଧାରଣଙ୍କ ଜୀବନ ଓ ଜୀବିକାର ନିରାପତ୍ତା ପାଇଁ ଜୈବ ବିବିଧତା ହିଁ ହେଉଛି ମେରୁଦଣ୍ଡ ସଦୃଶ ।

*-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ, ବିଡାନାସୀ, କଟକ-୧୪*

## ସ୍ୱାସ୍ଥ୍ୟ ସୂଚନା



- କଫଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର କେତେକ ଘରୋଇ ଉପଚାର ରହିଛି । ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ ଏହି ସମସ୍ୟ ଦୂର ହୋଇଥାଏ । ଅନ୍ୟପକ୍ଷରେ ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାହାକୁ ଉଷୁମ କରି ପିଇପାରନ୍ତି ।
- ଯଦି ଆପଣଙ୍କ ବୟସ ୪୦ ଟପିଲାଣି ତେବେ ଖାଦ୍ୟପେୟ ପ୍ରତି ଯତ୍ନବାନ ହୁଅନ୍ତୁ । ବୟସ ବଢ଼ିବା ସହ ଶରୀରରେ କ୍ୟାଲସିୟମର ଅଭାବ ପରିଲକ୍ଷିତ ହୋଇଥାଏ । ଫଳରେ ଅସ୍ଥି ଏବଂ ଦାନ୍ତଜନିତ ସମସ୍ୟା ଦେଖାଯାଇଥାଏ । ତେଣୁ ବୟସାଧିକ ସମୟରେ କ୍ୟାଲସିୟମଯୁକ୍ତ ଖାଦ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତୁ ।
- ଯଦି କୌଣସି ହେଭି ବ୍ୟାୟାମ କରିବାକୁ ଚାହୁଁଛନ୍ତି ତେବେ ତା' ପୂର୍ବରୁ ଅଭିଜ୍ଞ ବ୍ୟାୟାମ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ ।
- ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ ।
- ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଏହା ମନକୁ ସତେଜ ରଖିଥାଏ ।
- ନିଜକୁ ଟେନସନଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ ।

## ସାଇନସ ସମସ୍ୟାର ଘରୋଇ ଉପଚାର

ସାଇନସ୍ ଏକ ଶ୍ୱାସଜନିତ ସମସ୍ୟା । ସାଧାରଣତଃ ବ୍ୟାକ୍ଟେରିଆ, ଫଙ୍ଗଲ ଇନଫେକଶନ, ନାକରେ ହାଡ ବଢ଼ି ତେଢ଼ା ହୋଇଯିବା, ପ୍ରଦୂଷଣ ଯୋଗୁଁ ଏହା ହୋଇଥାଏ । ବିଶେଷଭାବରେ ଥଣ୍ଡା ପବନ, ଧୂଳି, ଧୂଆଁ ସଂସ୍ପର୍ଶରେ ଆସିଲେ ଏହି ସମସ୍ୟା ଆହୁରି ବଢ଼ିଯାଇଥାଏ । ଏହାର କେତେକ ଲକ୍ଷଣ ରହିଛି । ସାଇନସ୍‌ର ପ୍ରମୁଖ ଲକ୍ଷଣ ହେଲା-ମୁଣ୍ଡ ପ୍ରବଳ ଦରଜ ହେବା, ଜ୍ୱର ଆସିବା, ନାକରେ କଫ ଆସିବା ଏବଂ ଦାନ୍ତ ଦରଜ ହେବା । ଏହାର କେତୋଟି ଘରୋଇ ଉପଚାର ରହିଛି । ପୋଦିନା,ଲେମ୍ବୁ ରସ, ଲବଙ୍ଗ ତେଲକୁ ଉଷୁମ କରନ୍ତୁ । ଏହି ମିଶ୍ରଣକୁ ନାକ ଏବଂ କପାଳରେ ମାଲିସ କରନ୍ତୁ । ଅଦା, ତୁଳସୀ,ଲବଙ୍ଗ, ଅଳେଇଚ ମିଶ୍ରିତ ଚା' ପିଅନ୍ତୁ । ଟମାଟୋ, ରସୁଣ ପେଷ୍ଟ କରି ସେଥିରେ ଅଳ୍ପ ଲୁଣ ଏବଂ ଗୋଲମରିଚ ଗୁଣ୍ଡ ମିଶାନ୍ତୁ । ପାଣି ମିଶାଇ ଉଷୁମ କରି ସୁପ ଆକାରରେ ପିଅନ୍ତୁ । ଉପସମ ମିଳିବ ।

## ସଂକ୍ଷେପରେ

### ବିଓବିରେ ମିଶ୍ରଣର ପ୍ରଭାବ
## ୯୦୦ ଶାଖା ବନ୍ଦ ହେବା ସମ୍ଭାବନା

ନୂଆଦିଲ୍ଲୀ,୧୯-୫: ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସହ ଅନ୍ୟ ଦୁଇଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ପରେ ଏବେ ୮୦୦ରୁ ୯୦୦ ଶାଖା ବନ୍ଦ ହୋଇଯିବା ଅଥବା ସ୍ଥାନାନ୍ତରିତ ହେବାକୁ ଯାଉଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ବିଓବି ସହ ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ ପରେ ଗୋଟିଏ ସ୍ଥାନରେ ୩ଟି ବ୍ୟାଙ୍କ ଶାଖା ରହିବା ଯୁକ୍ତିସଙ୍ଗତ ନୁହେଁ। ବହୁ ସ୍ଥାନ ରହିଛି ଯେଉଁଠି ୩ଟି ଯାକ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ଏଥିଯୋଗୁ ଦକ୍ଷତା ତଥା କୁଶଳତା ଉପରେ ଏହାର ଗଭୀର ପ୍ରଭାବ ପଡିବ। ବ୍ୟାପକ ସମୀକ୍ଷା ପରେ ଉକ୍ତ ପରିମାଣ ବ୍ୟାଙ୍କ ବ୍ରାଞ୍ଚକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକୁ ଅନ୍ୟ ଶାଖା ସହ ମିଶାଇ ଦିଆଯିବ ଅଥବା ବନ୍ଦ କରିଦିଆଯିବ। ଏହାଛଡ଼ା କେତେକ ସ୍ଥାନରେ ଜୋନାଲ କାର୍ଯ୍ୟାଳୟକୁ ମଧ ବନ୍ଦ କରିଦେବାର ଆବଶ୍ୟକତା ଦେଖାଦେଇଛି। ଉକ୍ତ ମିଶ୍ରଣ ପରେ ଏସ୍‌ବିଆଇ ପରେ ବିଓବି ଦେଶର ଦ୍ୱିତୀୟ ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଛି। ଏହାର ବ୍ୟାଙ୍କ ଶାଖା ସଂଖ୍ୟା ୯୫୦୦ରୁ ଅଧିକ ରହିଥିବା ବେଳେ ୧୩,୪୦୦ରୁ ଅଧିକ ଏଟିଏମ୍ ରହିଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ ସଂଖ୍ୟା ୮୫ହଜାର ହୋଇଥିବାବେଳେ ୧୨ କୋଟି ଗ୍ରାହକଙ୍କୁ ସେବା ଯୋଗାଉଛି।

## ୧୦ ହଜାର କୋଟିର ସମ୍ପତ୍ତି ବିକିବ ରିଲାଏନ୍ସ କ୍ୟାପିଟାଲ

ନୂଆଦିଲ୍ଲୀ,୧୯-୫: ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କ୍ୟାପିଟାଲ ଚଳିତ ଆର୍ଥିକ ବର୍ଷରେ ୧୦ ହଜାର କୋଟି ଟଙ୍କାର ସମ୍ପତ୍ତି ବିକ୍ରି କରି ଏହାର ଋଣ ପରିମାଣକୁ ୫୦ ପ୍ରତିଶତ ହ୍ରାସ କରିବ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହା ଋଣର କିସ୍ତି ନିୟମିତ ପ୍ରଦାନ କରିଆସୁଛି। ସମ୍ପତ୍ତି ବିକ୍ରି କରି ଅର୍ଥ ଯୋଗାଡ କରିବା ଦିଗରେ ଏହା ଠିକ୍ ବାଟରେ ଆଗେଇ ଚାଲିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ରିଲାଏନ୍ସ ନିପ୍ପନ ଲାଇଫ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡରେ ନିଜର ୪୨.୮୮ ପ୍ରତିଶତ ଅଂଶଧନକୁ ସମ୍ପୂର୍ଣ୍ଣ ବିକ୍ରି କରିଦେବ। ଯାହାର ବଜାର ମୂଲ୍ୟ ଏବେର ମୂଲ୍ୟଠାରୁ ୫ ହଜାର କୋଟି ଟଙ୍କା ଅଧିକ ରହିଛି। ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସରେ ଥିବା କମ୍ପାନୀର ୪୯ ପ୍ରତିଶତ ଅଂଶଧନକୁ ମଧ ରିଲାଏନ୍ସ କ୍ୟାପିଟାଲ ବିକ୍ରି କରିବାକୁ ଘୋଷଣା କରିଛି। ମୂଳ କାରବାରରେ ଥିବା ସମ୍ପତ୍ତିକୁ ବିକ୍ରି କରି କମ୍ପାନୀ ପ୍ରାୟ ୧୦ ହଜାର କୋଟି ଟଙ୍କା ସଂଗ୍ରହ କରିବ ବୋଲି ଆଶାବ୍ୟକ୍ତ କରିଛି।

## ସପ୍ତାହକ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହେବ: ଏସ୍‌ବିଆଇ ମୁଖ୍ୟ




ନୂଆଦିଲ୍ଲୀ,୧୯-୫: ଆର୍ଥିକ ସଙ୍କଟ କାରଣରୁ ଅସ୍ଥାୟୀଭାବେ ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍‌ର ଭବିଷ୍ୟତକୁ ନେଇ ଏବେ ବି ଅନିଶ୍ଚିତତା ଲାଗି ରହିଛି। ଜେଟ୍ ପୁଣିଥରେ କାର୍ଯ୍ୟକ୍ଷମ ହେବା ନେଇ ଏବେ ସୁଦ୍ଧା ସ୍ଥିତି ସ୍ପଷ୍ଟ ନୁହେଁ। ତେବେ ଆସନ୍ତା ଏକ ସପ୍ତାହ ଭିତରେ ଜେଟ୍‌ର ସ୍ଥିତି ସ୍ପଷ୍ଟ ହୋଇଯିବ ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧକ୍ଷ ରଜନୀଶ କୁମାର କହିଛନ୍ତି। ସେ କହିଛନ୍ତି ଯେ, ଜେଟ୍‌କୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ପ୍ରକାର ବିକଳ୍ପର ମୂଲ୍ୟାଙ୍କନ କରାଯାଉଛି। ଏହାଛଡ଼ା ଆଇନଗତ ପରାମର୍ଶ ମଧ ନିଆଯାଉଛି। ଜେଟ୍ ନିକଟରେ ଅର୍ଥ ପହଞ୍ଚିବ କି ନା ସେସମ୍ପର୍କରେ ଜାଣିବାକୁ ଉଦ୍ୟମ ହେଉଛି। ସୂଚନାଥାଉ କି, ଜେଟ୍ ଏୟାରୱେଜଠାରୁ ବକେୟା ଋଣ ବାବଦରେ ୮୪୦୦ କୋଟି ଟଙ୍କା ଅସୁଲ ଲାଗି ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନସୋର୍ଟିୟମ କମ୍ପାନୀର ନିୟନ୍ତ୍ରଣ ନିଜ ହାତକୁ ନେଇଛି। ସେମାନେ ଜେଟ୍‌ର ବୃହତ ଅଂଶଧନ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଏସ୍‌ବିଆଇ କ୍ୟାପିଟାଲକୁ ଦାୟିତ୍ୱ ମଧ ଦିଆଯାଇଛି। ତେବେ ନିର୍ଦ୍ଦିଷ୍ଟ ଦିବସ ପର୍ଯ୍ୟନ୍ତ ଏତିହାଦ ଏୟାରୱେଜ ସମେତ ୩ଟି କମ୍ପାନୀ ଜେଟ୍‌ର ବିଡିଂ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟ କେତେକ ଅନୌପଚାରିକ ଭାବେ ଅଂଶଧନ କିଣିବା ଲାଗି ପ୍ରସ୍ତାବ ଦେଇଛନ୍ତି।

---

> ଆର୍‌ବିଆଇ ଦ୍ୱାରା ଜାରି ଭିଜନ ଡକ୍ୟୁମେଣ୍ଟରେ ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖାଯାଇଛି। ପେମେଣ୍ଟ ସିଷ୍ଟମ ପ୍ରୋଭାଇଡର ଭାବେ ତାଙ୍କ କମ୍ପାନୀ ପେଓ୍ୱାର୍ଲ୍ଡ ଏ ଦିଗରେ କାମ କରିବ।
> – ପ୍ରବୀଣ ଧାବାଇ, ସିଓଓ, ପେଓ୍ୱାର୍ଲ୍ଡ



> ଆଦିତ୍ୟବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ ନିଜର ଅଭିବୃଦ୍ଧି ହାସଲ ଲାଗି ରିଟେଲ ସେଗ୍‌ମେଣ୍ଟ ଉପରେ ଅଧିକ ଫୋକସ୍ କରିବ।
> – ମୟଙ୍କ ବାଥୱାଲ, ଚିଫ୍ ଏକଜିକ୍ୟୁଟିଭ, ଆଦିତ୍ୟ ବିର୍ଲା ହେଲ୍‌ଥ ଇନସ୍ୟୁରାନ୍ସ



# ନିର୍ବାଚନ ଫଳାଫଳ ଉପରେ ନିବେଶକଙ୍କ ନଜର

ମୁମ୍ବାଇ,୧୯-୫
ଚଳିତ ମାସ ୨୩ରେ ସାଧାରଣ ନିର୍ବାଚନ ଫଳାଫଳ ଆସିବାକୁ ଥିବା ବେଳେ ଦେଶର ପୁଞ୍ଜି ବଜାର ନଜର ଏବେ ଏହା ଉପରେ ରହିଛି। ସେହିଭଳି ବଜାର ଉପରେ ଏକଜିଟ୍ ପୋଲ ପ୍ରଭାବ ମଧ ପରିଲକ୍ଷିତ ହେବ। ଅପରପକ୍ଷରେ କମ୍ପାନୀଗୁଡ଼ିକର ବିତ୍ତୀୟ ନିଷ୍ପତ୍ତି ବଜାର ଉପରେ କିପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଛି। ନିର୍ବାଚନ ସଂକ୍ରାନ୍ତ ବିଭିନ୍ନ ଘଟଣାର ପ୍ରଭାବ ବଜାର ଉପରେ ଦେଖାଯିବ। ଫଳରେ ଶେୟାର ବଜାରର ସୂଚକାଙ୍କରେ ହ୍ରାସ-ବୃଦ୍ଧି ପରିଲକ୍ଷିତ ହୋଇ ପାରେ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ଫଳାଫଳ ଶେୟାର ବଜାରର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଏପିକ୍ ରିସର୍ଚ୍ଚର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସ୍ତାଫା ନଦୀମ କହିଛନ୍ତି। ଏହି ରେଜଲ୍ଟ ଅର୍ଥ ବ୍ୟବସ୍ଥା ତଥା ନିବେଶକଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।




### ବର୍ଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସପ୍ତାହ

ଚଳିତ ସପ୍ତାହରେ ଶେୟାର ବଜାରରେ ବ୍ୟାପକ ହାରରେ ସୂଚକାଙ୍କ ହ୍ରାସ-ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ମାତ୍ର ଏକଜିଟ୍ ପୋଲ୍‌ର ଫଳାଫଳକୁ ନେଇ ବଜାରର ଅବସ୍ଥା କିଭଳି ରହିବ ତାହା ଅନୁମାନ କରିବା ଅସମ୍ଭବ ହେଉଛି। ସେମକୋ ସିକ୍ୟୁରିଟିର ପ୍ରତିଷ୍ଠାତା ଜିମତ ମୋଦି କହିଛନ୍ତି ଯେ, ଚଳିତ ସପ୍ତାହ ବର୍ଷର ଶେୟାରବଜାର ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଲୋକଙ୍କ ଉତ୍କଣ୍ଠା ବୃଦ୍ଧି ହେଉଥିବା ସେ କହିଛନ୍ତି।

### ବଡ କମ୍ପାନୀଗୁଡ଼ିକର କାରବାର

ଶେୟାର ବଜାରରେ ସୂଚିଭୁକ୍ତ ଦେଶର ବଡ ବଡ କମ୍ପାନୀଗୁଡ଼ିକର କାରବାର ଉପରେ ମଧ ନଜର ରହିଛି। ଟାଟା ମୋଟର୍ସ, କାନାରା ବ୍ୟାଙ୍କ, ସିପ୍ଲା ଭଳି କମ୍ପାନୀଗୁଡ଼ିକର ଫରଫରମାନ୍ସ ନିକଟରେ ସାମ୍ନାକୁ ଆସିଛି। ସେହିଭଳି କମ୍ପାନୀଗୁଡ଼ିକର ତ୍ରୈମାସିକ ଫଳାଫଳ ବଜାରର ମୋଡକୁ ନିର୍ଦ୍ଧାରଣ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଅପରପକ୍ଷରେ ଅଶୋଧିତ ତୈଳ ଦର, ଆମେରିକା-ଚାଇନା ବାଣିଜ୍ୟ ଲଢେଇ, ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ-ବୃଦ୍ଧି ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ବଜାର ଉପରେ ପ୍ରଭାବ ପକାଇବ।

### ଗତ ସପ୍ତାହରେ ବଢିଥିଲା ବଜାର

ଗତ ସପ୍ତାହରେ ଶେୟାର ବଜାର ସୂଚକାଙ୍କ ୪୬୭.୭୮ (୧.୨୪%) ବଢିଥିଲା। ଶୁକ୍ରବାର ସେନସେକ୍ସରେ ୫୩୭.୨୯ ପଏଣ୍ଟ ବା ୧.୪୪% ବୃଦ୍ଧି ଘଟି ୩୭,୯୩୦.୭୭ ସ୍ତରରେ ପହଞ୍ଚି ଯାଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ନିଫ୍ଟି ୧୫୦.୦୫ ପଏଣ୍ଟ ବୃଦ୍ଧି ଘଟି ୧୧,୪୦୭.୧୫ ସ୍ତରରେ ପହଞ୍ଚି ଥିଲା।

## ବଜାରରୁ ୬୩୯୯ କୋଟି କାଢ଼ି ନେଲେ ଏଫ୍‌ପିଆଇ

ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମେ'ରେ ଅଦ୍ୟାବଧି ଭାରତୀୟ ପୁଞ୍ଜି ବଜାରରୁ ୬୩୯୯ କୋଟି ଟଙ୍କା କାଢ଼ି ନେଇଛନ୍ତି। ସାଧାରଣ ନିର୍ବାଚନ ଫଳାଫଳରେ ଅନିଶ୍ଚିତତା ଏବଂ ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ବିବାଦକୁ ନେଇ ଏଫ୍‌ପିଆଇ ନିରାଶ ଥିବା ଜଣାପଡିଛି। ଏହି କାରଣରୁ ଗତ ୩ ମାସ ହେବ ସେମାନେ ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିବାରେ ଲାଗିପଡିଥିଲେ। ସେମାନେ ଏପ୍ରିଲରେ ଉଭୟ ଶେୟାର ଓ ବଣ୍ଡ ବଜାରରେ ମୋଟ ୧୬,୦୯୩ କୋଟି ଟଙ୍କା ନିବେଶ କରିଥିଲେ। ସେହିପରି ସେମାନେ ମାର୍ଚ୍ଚରେ ୪୫,୯୮୧ କୋଟି ଟଙ୍କା, ଫେବୃୟାରୀରେ ୧୧,୧୮୨ କୋଟି ଟଙ୍କା ନିବେଶ କରିଥିଲେ। କିନ୍ତୁ ମେ'ରେ ସେମାନଙ୍କ ମତ ପରିବର୍ତ୍ତନ ହୋଇ ଚିତ୍ର ବଦଳିଯାଇଥିଲା। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ମେ ୧୭ ସୁଦ୍ଧା ଏଫ୍‌ପିଆଇ ୪୭୮୬.୩୮ କୋଟି ଟଙ୍କା ଶେୟାରରୁ ଏବଂ ୧୬୧୨.୬୨ କୋଟି ଟଙ୍କା ବଣ୍ଡ ବଜାରରୁ କାଢ଼ି ନେଇଛନ୍ତି।

## ଆଜିଠାରୁ ବଢ଼ିପାରେ ତେଲ ଦର

ନୂଆଦିଲ୍ଲୀ,୧୯-୫
ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ି ନ ଥିଲା। ତେବେ ରବିବାର ନିର୍ବାଚନ ଶେଷ ହୋଇଛି। ଏଣୁ ସୋମବାର ଠାରୁ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତୈଳ ବିଶେଷଜ୍ଞଙ୍କ କହିବାନୁଯାୟୀ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୩ରୁ ୫ ଟଙ୍କା ବଢ଼ିବାକୁ ଯାଉଛି। ତେବେ ଏହା ଏକାଥରକେ ନ ହୋଇ ପର୍ଯ୍ୟାୟକ୍ରମେ ବଢ଼ିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ତୈଳ କମ୍ପାନୀମାନେ ମାର୍ଚ୍ଚ ଓ ଏପ୍ରିଲ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୫ ଓ ୩ ଟଙ୍କା କମ୍‌ରେ ବିକ୍ରି କରିବାକୁ ବାଧ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଅଘୋଷିତ ନିର୍ଦ୍ଦେଶ ଯୋଗୁ ସେମାନଙ୍କୁ ପ୍ରତି ଲିଟରରେ ଏହି କ୍ଷତି ସହିବାକୁ ପଡୁଛି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯଥାକ୍ରମେ ବ୍ୟାରେଲ ପିଛା ୬୭ ଏବଂ ୭୧ ଡଲାର ଥିଲା। ବର୍ତ୍ତମାନର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ହାରାହାରି ୭୨ ଡଲାର ପାଖାପାଖିରେ ରହିଛି। ଏହାକୁ ହିସାବକୁ ନେଲେ ପେଟ୍ରୋଲ ଦର ଲିଟର ପିଛା ୭୮ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୭୦ ଟଙ୍କାରୁ ଅଧିକ ରହିବା କଥା। ତେବେ ରବିବାର ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଦର ଯଥାକ୍ରମେ ୭୧.୦୩ ଟଙ୍କା, ୭୩.୧୧ ଟଙ୍କା, ୭୬.୬୪ ଟଙ୍କା ଏବଂ ୭୩.୭୨ ଟଙ୍କାରେ ସ୍ଥିର ରହିଛି। ସେହିପରି ୪ ମହାନଗରରେ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୬୫.୯୬ ଟଙ୍କା, ୬୭.୭୧ ଟଙ୍କା, ୬୯.୧୧ ଟଙ୍କା ଏବଂ ୬୯.୭୨ ଟଙ୍କା ରହିଛି। ସିଙ୍ଗାପୁରସ୍ଥିତ କନସଲଟାନ୍ସି ଫାର୍ମ ଏଫ୍‌ଜିଇର ଏସିଆ ଅଏଲର ଡାଇରେକ୍ଟର ଶ୍ରୀ ପରାଭାଇଙ୍କରସୁ କହିଥିଲେ ଯେ, ଅନ୍ତର୍ଜାତୀୟ ବଜାରକୁ ଦୃଷ୍ଟିରେ ରଖି ଭାରତରେ ଅଦ୍ୟାବଧି ପେଟ୍ରୋଲ ଦର ଲିଟର ପିଛା ୪ ଟଙ୍କା ବଢ଼ିବା ଉଚିତ ଥିଲା। ସୂଚନାଥାଉ କି, ଗତବର୍ଷ ମେ'ରେ କର୍ଣାଟକ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକ ୧୯ ଦିନ ପାଇଁ ତୈଳ ଦର ସ୍ଥିର ରଖିଥିଲେ। ସେତେବେଳେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୫ ଡଲାର ବଢ଼ିସାରିଥିଲା। ତେବେ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ମେ ୧୪ରୁ ତୈଳ କମ୍ପାନୀଗୁଡ଼ିକ କ୍ରମାଗତ ୧୬ ଦିନ ଧରି ପେଟ୍ରୋଲ ଦରରେ ୩.୮ ଟଙ୍କା ଏବଂ ଡିଜେଲ ଦରରେ ୩.୩୮ ଟଙ୍କା ବୃଦ୍ଧି କରିଥିଲେ।



### ଫେସ୍‌ବୁକ୍, ଗୁଗଲରେ ବିଜ୍ଞାପନ
## ରାଜନୈତିକ ଦଳ ଖର୍ଚ୍ଚ କରିଛନ୍ତି ୫୩ କୋଟି

ନୂଆଦିଲ୍ଲୀ,୧୯-୫
ଦେଶର ରାଜନୈତିକ ଦଳଗୁଡ଼ିକ ଚଳିତ ବର୍ଷ ଫେବୃୟାରୀରୁ ଅଦ୍ୟାବଧି ଫେସ୍‌ବୁକ୍ ଓ ଗୁଗଲ ଆଦି ସୋସିଆଲ ମିଡିଆରେ ନିଜର ପ୍ରଚାର ପାଇଁ ୫୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏମାନଙ୍କ ମଧ୍ୟରେ ଶାସକ ଦଳ ଭାଜପା ସର୍ବାଗ୍ରେ ରହିଛି। ଫେସ୍‌ବୁକ୍ ବିଜ୍ଞାପନ ରିପୋର୍ଟରୁ ଜଣାପଡିଛି ଯେ, ଫେବୃୟାରୀରୁ ମେ ୧୫ ସୁଦ୍ଧା ଏହାର ମଞ୍ଚରେ ୧.୨୧ ଲକ୍ଷ ରାଜନୈତିକ ବିଜ୍ଞାପନ ଦିଆଯାଇଥିଲା। ଏହିସବୁ ବିଜ୍ଞାପନରେ ରାଜନୈତିକ ଦଳଗୁଡ଼ିକ ୨୬.୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ଏଭଳି ଭାବେ ଗୁଗଲ, ୟୁଟ୍ୟୁବ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକରେ ୧୯ ଫେବୃୟାରୀରୁ ଅଦ୍ୟାବଧି ୧୪,୮୩୭ ବିଜ୍ଞାପନ ବାବଦରେ ରାଜନୈତିକ ଦଳଗୁଡ଼ିକ ୨୭.୩୬ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଶାସକ ଦଳ ଭାଜପା ଫେସ୍‌ବୁକ୍‌ରେ ୨୫୦୦ରୁ ଅଧିକ ବିଜ୍ଞାପନ ବାବଦରେ ୪.୨୩ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ଗୁଗଲ ମଞ୍ଚରେ ଏହି ଦଳ ୧୭ କୋଟି ଟଙ୍କା ବ୍ୟୟ କରିଥିବା ବେଳେ କଂଗ୍ରେସ ଫେସ୍‌ବୁକ୍‌ରେ ୩,୬୮୬ ବିଜ୍ଞାପନ ବାବଦରେ ୧.୪୬ କୋଟି ଟଙ୍କା, ଗୁଗଲରେ ୪୨୫ ବିଜ୍ଞାପନ ବାବଦରେ ୨.୭୧ କୋଟି ଟଙ୍କା ବ୍ୟୟ କରିଛି। ସେହିପରି ତୃଣମୂଳ କଂଗ୍ରେସ ଫେସ୍‌ବୁକ୍‌ରେ ୨୯.୨୮ ଲକ୍ଷ ଟଙ୍କା, ଆମ୍ ଆଦ୍‌ମୀ ପାର୍ଟି(ଆପ୍) ୧୩.୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି।




## ପ୍ରିମିୟମ ସ୍କୁଟର ବର୍ଗରେ ହିରୋର ୨ ନୂଆ ମଡେଲ

ଭୁବନେଶ୍ୱର,୧୯-୫
ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ଏହାର ସ୍କୁଟର ସେଗ୍‌ମେଣ୍ଟକୁ ଦୃଢ କରିବା ପଦକ୍ଷେପ ମୁତାବକ ୨ ନୂଆ ମଡେଲ ବଜାର ପ୍ରବେଶ କରାଯାଇଛି। ନୂଆ ମଡେଲଗୁଡିକ ମଧ୍ୟରେ ମାଏଷ୍ଟ୍ରୋ ଏଜ ୧୨୫ ଏବଂ ପ୍ଲେଜର ପ୍ଲସ୍ ୧୧୦ ରହିଛି। ମାଏଷ୍ଟ୍ରୋ ଏଜ୍ ୧୨୫ରେ ଫୁଏଲ ଇଞ୍ଜେକଶନ ଟେକ୍ନୋଲୋଜି ରହିଛି। ଏହାର ଏଫ୍‌ଆଇ ଭାରିଆଣ୍ଟ ବଜାର ଦର ୬୨,୭୦୦ ଟଙ୍କା। ସେହିଭଳି ପ୍ଲେଜର ପ୍ଲସ୍ ୧୧୦ର ମୂଲ୍ୟ ୪୭,୩୦୦ ଟଙ୍କା ରହିଛି। ସ୍କୁଟର ସେଗ୍‌ମେଣ୍ଟ ଅଭିବୃଦ୍ଧି ଲାଗି ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ ବୋଲି କମ୍ପାନୀର ଚିଫ ଟେକ୍ନୋଲୋଜି ଅଫିସର ମାର୍କସ ବ୍ରୁନସ୍ୱେରଜର କହିଛନ୍ତି। ଟେକ୍ନୋଲୋଜି ଏବଂ ଷ୍ଟାଇଲକୁ ନୂଆ ମଡେଲଗୁଡିକରେ ସ୍ଥାନିତ କରାଯାଇଥିବା କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି। ସ୍କୁଟର ବର୍ଗରେ ପୋର୍ଟଫୋଲିଓ ଦୃଢୀକରଣ ଦିଗରେ ନୂଆ ମଡେଲଗୁଡିକ ସହାୟକ ହେବ ବୋଲି ସେଲ୍‌ସ ମୁଖ୍ୟ ସଞ୍ଜୟ ଭାନ କହିଛନ୍ତି।




## ସିବିଆର୍ '୬୫୦ଆର୍'ର ଡେଲିଭରି ଦେଲା ହୋଣ୍ଡା



ଭୁବନେଶ୍ୱର,୧୯-୫
ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମଧ୍ୟମ ହାଲକା ବାଇକ ବର୍ଗରେ 'ସିବିଆର୍ ୬୫୦ଆର୍'ର ଡେଲିଭରି ଆରମ୍ଭ କରିଛି। ଗୁରୁଗ୍ରାମରେ ଥିବା ହୋଣ୍ଡା ବିଗ୍ ୱିଙ୍ଗ ଷ୍ଟୋରରୁ ଏହା ଶୁଭାରମ୍ଭ କରାଯାଇଛି। ହୋଣ୍ଡାର ରେସିଂ ଗୁଣ ଥିବା ଏହି ନୂଆ ମଡେଲଟି ସ୍ପୋର୍ଟି ଓ ଶକ୍ତିଶାଳୀ ପ୍ରଦର୍ଶନର ମିଶ୍ରଣ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଫାୟାରବ୍ଲେଡ ସୁପର ସ୍ପୋର୍ଟସ ଷ୍ଟାଇଲରେ ପ୍ରସ୍ତୁତ ହୋଇଥିବା ଏହି ମଡେଲକୁ ପ୍ରଥମେ ୨୦୧୮ ମିଲାନ ମୋଟର ଶୋ'ରେ ଉନ୍ମୋଚନ କରାଯାଇଥିଲା। ଭାରତରେ ଏହାର ଏକ୍ସଶୋ'ରୁମ ବଜାର ଦର ୭.୭୦ ଲକ୍ଷ ଟଙ୍କା ରହିଛି। ମଡେଲଟିରେ ୬୪୯ ସିସିର ଲିକ୍ୱିଡ କୁଲ୍‌ଡ ଚାରି ସିଲିଣ୍ଡର ଡିଓଏଚ୍‌ସି ୧୬ ଭାଲ୍‌ବ ଇଞ୍ଜିନ ରହିଛି। ଯାନ ଉପରେ ନିୟନ୍ତ୍ରଣ ରଖିବା ଲାଗି ଆସିଷ୍ଟ ସୁପର କ୍ଲଚ, ହୋଣ୍ଡା ସିଲେକ୍ଟବଲ ଟର୍କ କଣ୍ଟ୍ରୋଲ, ଉନ୍ନତ ସସ୍‌ପେନଶନ, ଡୁଆଲ ଚ୍ୟାନେଲ ଏବିଏସ୍, ଫୁଲ ଏଲଇଡି, ଡିଜିଟାଲ ଏଲସିଡି ଡିସ୍ପ୍ଲେ, ହାଣ୍ଡେଲ ବାର କ୍ଲିପ, ଗିୟର ପୋଜିଶନ ଏବଂ ସିଫ୍ଟ ଅପ୍ ଇଣ୍ଡିକେଟର ରହିଛି। ଏହା ଗ୍ରାଣ୍ଡ ପ୍ରିକ୍ସ ରେଡ ଏବଂ ଗନପାଉଡର ବ୍ଲାକ ମେଟାଲିକ ରଙ୍ଗରେ ଉପଲବ୍ଧ। ଓଡିଶାରେ ଏହା ପିଜିଏଲ୍ ରାଜମୀ ମୋଟର୍ସଠାରେ ଉପଲବ୍ଧ।

## ଫନୀ ପ୍ରଭାବିତଙ୍କୁ ଭାରତ ମସଲା ପକ୍ଷରୁ ସହାୟତା




କଟକ ଅଫିସ,୧୯।୫
ଭାରତ ମସଲା ପକ୍ଷରୁ ଫନୀ ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ 'ଫନୀ'ରେ ସର୍ବାଧିକ ପ୍ରଭାବିତ ପୁରୀ ଜିଲା ପାଇଁ ଅଣ୍ଟା ଭିଡିଛି। ପୁରୀ ଜିଲାରେ କ୍ଷତିଗ୍ରସ୍ତ ପରିବାରଗୁଡିକୁ ବିଭିନ୍ନ ଆସବାବପତ୍ର, ଶୃଙ୍ଖଳା ଖାଦ୍ୟ ସାମଗ୍ରୀ ଓ ଘରକରଣା ସାମଗ୍ରୀ ପୁରୀ ଜିଲାପାଳଙ୍କ ଅନୁମତି ନେଇ ବିଭିନ୍ନ ପଞ୍ଚାୟତରେ ଯୋଗାଇଛି। ଏଥିସହ ୧୭ଲକ୍ଷ ଟଙ୍କାର ସାହାଯ୍ୟ ଯୋଗାଇ ଦେଇଛି। ସାମଗ୍ରୀଗୁଡିକୁ ପ୍ରଭାବିତ ଲୋକମାନଙ୍କୁ ପ୍ରଦାନ କରି ରାଜ୍ୟ ପାଇଁ ସାମାଜିକ ଓ ନୈତିକ ଦାୟିତ୍ୱ ତୁଲାଇଥିବା ଭାରତ ମସଲା ସୂଚନା ଦେଇଛି। ଏତଦବ୍ୟତୀତ ଫନୀ ବିପନ୍ନଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୩ଲକ୍ଷ ଟଙ୍କାର ନଗଦ ଅର୍ଥ ରାଶି ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପ୍ରଦାନ କରିଛନ୍ତି।

**୧୭ଲକ୍ଷ ଟଙ୍କାର ସାମଗ୍ରୀ ଓ ୩ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ**

## ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର

ଭୁବନେଶ୍ୱର,୧୯-୫
ଏସ୍‌ବିଆଇ ଜେନେରାଲର ନୂଆ ଚିଫ୍ ବିଜନେସ ଅଫିସର ଭାବେ ଅମର ଜୋଶୀ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ସେ କମ୍ପାନୀର ବିକ୍ରି ବିଭାଗ ପ୍ରମୁଖ ଦାୟିତ୍ୱରେ କାର୍ଯ୍ୟ କରିବା ସହ ପରିଚାଳନା ବୋର୍ଡରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଏହାବାଦ ଚ୍ୟାନେଲ ବିତରଣ, ଷ୍ଟ୍ରାଟେଜିକ ଆଲିଆନ୍ସ, ବ୍ରାଣ୍ଡ ଆଣ୍ଡ ମାର୍କେଟିଂ, ଡାଇରେକ୍ଟ ଆଣ୍ଡ ଡିଜିଟାଲ ଭଳି କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି କମ୍ପାନୀ ସୂଚନା ଦେଇଛି। ସେ ବୀମା ଶିଳ୍ପରେ ୧୬ ବର୍ଷ କାର୍ଯ୍ୟ ଏବଂ ମୋଟ ୨୫ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି।

## ସିମ୍ଫୋନିର କୁଲ ମୋବାଇଲ୍ ବସ୍ ଷ୍ଟପ୍

ଭୁବନେଶ୍ୱର,୧୯-୫
ପ୍ରମୁଖ ଏୟାର କୁଲର କମ୍ପାନୀ ସିମ୍ଫୋନି ପକ୍ଷରୁ ହାଇଦ୍ରାବାଦରେ କୁଲ ମୋବାଇଲ ବସ୍ ଷ୍ଟପ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରୀଷ୍ମର ପ୍ରବଳ ଉତ୍ତାପକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୧୪ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପେନ ୫ ଦିନ ଚାଲିବ। ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରା କରୁଥିବା ଲୋକମାନଙ୍କୁ କମ୍ପାନୀ ଏହା ଦ୍ୱାରା ଆରାମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଏୟାର କୁଲିଂ ସଲ୍ୟୁଶନ ଉପରେ ଏହା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରଖିଛି। ଲୋକମାନେ ପ୍ରମୁଖ ବସ୍ ଷ୍ଟପଗୁଡିକରେ ସିମ୍ଫୋନି ମୋବାଇଲ ବସରେ ବସି ସେମାନଙ୍କ ବସ୍‌କୁ ଅପେକ୍ଷା କରିବା ସହ ଶୀତଳତା ଅନୁଭବ କରିପାରିବେ। ମୋବାଇଲ ବସରେ ଅତ୍ୟାଧୁନିକ ଏୟାର କୁଲର ସ୍ଥାପନ କରାଯାଇଛି। ପ୍ରମୁଖ ୬ ରୁଟ୍‌ରେ ବସ୍‌ଗୁଡିକୁ ନିୟୋଜିତ କରାଯାଇଛି। ଲୋକମାନଙ୍କୁ ଆରାମ ଦେବା ସହ କମ୍ପାନୀର ଉତ୍ପାଦ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିମ୍ଫୋନିର ସେଲ୍‌ସ ଏବଂ ମାର୍କେଟିଂ ସଭାପତି ରାଜେଶ ମିଶ୍ରା କହିଛନ୍ତି।

# ଡେବିଟ୍ କାର୍ଡ ଦେୟ ବଢ଼ିଛି ୨୭%

ନୂଆଦିଲ୍ଲୀ,୧୯-୫
ଦେଶରେ କିଣାକିଣି କରିବା ଲାଗି ଲୋକେ ଡେବିଟ୍ କାର୍ଡ ବ୍ୟବହାରରେ ବେଶ୍ ଉତ୍ସାହ ପ୍ରଦର୍ଶନ କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ମାର୍ଚ୍ଚରେ ପଏଣ୍ଟ ଅଫ୍ ସେଲ୍ ମେଶିନ(ପିଓଏସ୍) ଜରିଆରେ ଡେବିଟ୍ କାର୍ଡ ଦ୍ୱାରା ଦେୟ ପ୍ରଦାନ ବର୍ଷକୁ ବର୍ଷ ହାରରେ ୨୭ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି। ମାର୍ଚ୍ଚରେ ଡେବିଟ୍ କାର୍ଡ ଜରିଆରେ ୪୦.୭ କୋଟି ଟ୍ରାଞ୍ଜାକସନ ହୋଇଛି, ଯାହା କି ୮୯.୧ କୋଟି ଟଙ୍କାର ଏଟିଏମ୍ ଉଠାଣରୁ ପ୍ରାୟ ଅଧା। ତେବେ ୨୦୧୬ରୁ ୨୦୧୯ମାର୍ଚ୍ଚ ମଧ୍ୟରେ ମର୍ଚ୍ଚାଣ୍ଟ ଡେବିଟ କାର୍ଡ ଦ୍ୱାରା ଦେୟ ପ୍ରଦାନରେ ୨୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖାଯାଇଛି। ଏହା ବିପରୀତରେ, ଗତ ୨/୩ ବର୍ଷରେ ମୋଟ ଏଟିଏମ୍ ଉଠାଣ ସଂଖ୍ୟା ପ୍ରତି ମାସରେ ୮୦ କୋଟି ଆଖପାଖରେ ରହିଛି। କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିବା ପରେ ଡେବିଟ କାର୍ଡ ଟ୍ରାଞ୍ଜାକସନକୁ ସବୁଠୁ ବଡ଼ ପ୍ରୋତ୍ସାହନ ମିଳିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ବର୍ଷକୁ ବର୍ଷ ଆଧାରରେ କ୍ରେଡିଟ କାର୍ଡ ଜରିଆରେ ପିଓଏସ୍ ମେଶିନରୁ ଟ୍ରାଞ୍ଜାକସନ ବୃଦ୍ଧି ହାର ୨୨ ପ୍ରତିଶତ ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପିଓଏସ୍ ଟ୍ରାଞ୍ଜାକସନ୍‌୧୬.୨ କୋଟି ରହିଛି, ଯାହା କି ଗତବର୍ଷ ମାର୍ଚ୍ଚରେ ୧୨.୭ ପ୍ରତିଶତ ରହିଥିଲା। ନିଜର ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପେମେଣ୍ଟ କମ୍ପାନୀ ଅଧିକାରୀ କହିଛନ୍ତି ଯେ, ପିଓଏସ୍ ଟର୍ମିନାଲ କମ୍ ହେବା ସତ୍ତ୍ୱେ କାର୍ଡ ଜରିଆରେ ଟ୍ରାଞ୍ଜାକସନରେ ଭାରି ବୃଦ୍ଧି ଦର୍ଶାଉଛି ଯେ, ଦୋକାନୀମାନେ ଏକ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିପାରିଛନ୍ତି। ତାଛଡ଼ା ଯେଉଁଠି ପିଓଏସ୍ ମେଶିନ ଲଗାଯାଇଛି, ସେଠାରେ ଭାରି ମାତ୍ରାରେ ଟ୍ରାଞ୍ଜାକସନ ହେଉଥିବାରୁ ଦେଖାଯାଇଛି।


**ଆଲୋଚ୍ୟ ଅବଧିରେ ଏଟିଏମ୍‌ରୁ ଉଠାଣ ବୃଦ୍ଧି ହାର ଏହାଠାରୁ କମ୍ ମାତ୍ର ୧୫ ପ୍ରତିଶତ ହୋଇଛି**



ଧରିତ୍ରୀ
DHARITRI
ସୋମବାର, ମେ ୨୦, ୨୦୧୯



"ଆଗାମୀ ଆଇସିସି ବିଶ୍ୱକପ୍‌ରେ ଭାଗ ନେଉଥିବା ୧୦ଟି ଦଳ ମଧ୍ୟରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳର ବୋଲିଂ ବାହିନୀ ସର୍ବଶ୍ରେଷ୍ଠ ।
**–ଲାଲ୍‌ଚାନ୍ଦ ରାଜପୁତ, ପୂର୍ବତନ ଭାରତୀୟ ଓପନର**



"ଏକ ବର୍ଷ ବାସନ୍ଦ ଦଣ୍ଡ ପରେ ଦଳକୁ ଫେରିଥିବା ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଆଇସିସି ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ଅଛନ୍ତି ।– **ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍**



## ସଂକ୍ଷେପରେ

### ନଟିଂହାମଶାୟର ପକ୍ଷରୁ ଖେଳିବେ ଅଶ୍ୱିନ

**ନୂଆଦିଲ୍ଲୀ, ୧୯।୫(ପିଟି):** ସିନିୟର ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ କାଉଣ୍ଟି ଦଳ ନଟିଂହାମଶାୟର ପାଇଁ ଖେଳିବେ। ଚଳିତ ସିଜନରେ ସେ ନଟିଂହାମ ପାଇଁ ୬ ମ୍ୟାଚ୍ ଖେଳିବେ। ଅଶ୍ୱିନଙ୍କ ଚୁକ୍ତି ଏବେ ଶେଷ ପର୍ଯ୍ୟାୟରେ ଅଛି। ତାଙ୍କ ଏନ୍‌ଓସିରେ କେବଳ ବିସିସିଆଇ ସିଓଙ୍କ ସ୍ୱାକ୍ଷର ଦରକାର ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ନିୟମ ଅନୁଯାୟୀ, ପ୍ରସ୍ତାବ ମିଳିବା ପରେ ହିଁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା କୌଣସି ଖେଳାଳି କାଉଣ୍ଟି କ୍ରିକେଟରେ ଖେଳିପାରିବେ। ଅଶ୍ୱିନଙ୍କ ପୂର୍ବରୁ ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ହାମ୍ପଶାୟର ସହ ଚୁକ୍ତି କରିଛନ୍ତି। କ୍ୟାରିୟରରେ ୨ୟ ଥର ପାଇଁ ଅଶ୍ୱିନ କାଉଣ୍ଟି ଖେଳିବାକୁ ଯାଉଛନ୍ତି। ୩୨ ବର୍ଷୀୟ ବୋଲର ସଦ୍ୟସମାପ୍ତ ଆଇପିଏଲରେ ୧୪ ମ୍ୟାଚ୍‌ରୁ ୨୦ ଉଇକେଟ ନେବା ସହ ୨୧୪ ରନ୍ କରିଥିଲେ। ବିସିସିଆଇ ବହୁ କାଉଣ୍ଟି କ୍ଲବ ସହ ଯୋଗାଯୋଗରେ ଅଛି। ସେମାନେ ଭାରତୀୟ ଷ୍ଟାର ଖେଳାଳିଙ୍କୁ ଦଳରେ ନେବାକୁ ଚାହାନ୍ତି। ରାହାନେ, ଅଶ୍ୱିନ ଓ ପୂଜାରା ବିଭିନ୍ନ କାଉଣ୍ଟି କ୍ଲବ ସହ ୩ ବର୍ଷିଆ ଚୁକ୍ତି କରିଛନ୍ତି। ଯଦି ସବୁକିଛି ଠିକ୍ ରୁହେ, ତେବେ ଉମେଶ ଯାଦବ ଓ ଈଶାନ୍ତ ଶର୍ମାଙ୍କୁ ମଧ କିଛି ମ୍ୟାଚ୍ ଖେଳିବାକୁ ମିଳିପାରେ।

### ମେରୀକମ୍‌ଙ୍କ ଉପରେ ନଜର

**ଗୁଆହାଟି, ୧୯।୫(ପିଟି):** ସ୍ଥାନୀୟ କର୍ମାବୀର ନବୀନ ଚନ୍ଦ୍ର ବର୍ଦ୍ଦୋଲାଇ ଇନ୍‌ଡୋର ଷ୍ଟାଡିୟମଠାରେ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟ। ଏଥିରେ ୬ ଥର ବିଶ୍ୱ ଚାମ୍ପିୟନ ମହିଳା ବକ୍ସର ମେରୀକମ୍‌ଙ୍କ ସମେତ ୭୨ ଜଣ ଭାରତୀୟ ବକ୍ସର ଅଂଶଗ୍ରହଣ କରିବେ। ହେଲେ ସଭିଙ୍କ ନଜର ମେରୀକମ୍‌ଙ୍କ ଉପରେ ରହିବ। ଏସିଆନ୍ ଗେମ୍ସ ଚାମ୍ପିୟନ ଅମିତ ପାଙ୍ଘାଲ ଓ ବିଶ୍ୱ ଚାମ୍ପିୟନଶିପ ବ୍ରୋଞ୍ଜ ପଦକଧାରୀ ଶିଭା ଥପ୍ପା ମଧ ଭାଗ ନେବେ। ଇଣ୍ଡିଆ ଓପନ ପରେ ସେପ୍ଟେମ୍ବର ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଯାହାକି ଏକ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। ଏଣୁ ଇଣ୍ଡିଆ ଓପନର ଗୁରୁତ୍ୱ ବୃଦ୍ଧି ପାଇଛି। ଏସିଆନ୍ ଗେମ୍ସ ଚାମ୍ପିୟପଶିପ୍‌ରେ ଅଂଶଗ୍ରହଣ କରି ନ ଥିବା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ମେରୀକମ୍ ଭାରତରେ ୫୧ କିଗ୍ରା ବର୍ଗରେ ପ୍ରଥମ ଥର ଖେଳିବେ। ମେରୀକମ୍‌ଙ୍କ ଠାରୁ ନିଶ୍ଚିତ ପଦକ ଆଶା କରାଯାଉଥିବାବେଳେ ଶିଭା (୬୦ କି.ଗ୍ରା.), ଅମିତ (୫୨ କି.ଗ୍ରା.), ଅଙ୍କୁଶିତା ବରୋ (୬୪ କି.ଗ୍ରା.) ଓ ଗୌରବ ବିଧୁରି (୫୬ କି.ଗ୍ରା.) ମଧ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

### ମାଞ୍ଚେଷ୍ଟର ସିଟି ଛାଡ଼ିବେ କମ୍ପାନୀ

**ଲଣ୍ଡନ, ୧୯।୫(ଏଏଫ୍‌ପି):** ଅଧିନାୟକ ଭିନସେଣ୍ଟ କମ୍ପାନୀ ପ୍ରିମିୟର ଲିଗ୍ କ୍ଲବ ମାଞ୍ଚେଷ୍ଟର ସିଟି ଛାଡ଼ିବାକୁ ଯାଉଛନ୍ତି। ୱାଟଫର୍ଡ ବିପକ୍ଷ ଏଫ୍‌ଏ କପ୍ ଫାଇନାଲରେ ୬-୦ ବ୍ୟବଧାନର ବୃହତ୍ ବିଜୟ ପରେ କମ୍ପାନୀ ଏହି ଘୋଷଣା କରିଛନ୍ତି। ବେଲଜିୟମ ଡିଫେଣ୍ଡର ୨୦୦୮ରେ କ୍ଲବ ସହ ଜଡ଼ିତ ହୋଇଥିଲେ। ଦୀର୍ଘ ୧୧ ବର୍ଷ ଧରି ତାଙ୍କ ପ୍ରତିନିଧିତ୍ୱରେ ମାଞ୍ଚେଷ୍ଟର ସିଟି ୪ ପ୍ରିମିୟର ଲିଗ୍ ଟାଇଟଲ ହାତେଇବା ସହ ୨ ଏଫ୍‌ଏ କପ୍, ୪ ଲିଗ୍ କପ ଓ ୨ କମ୍ୟୁନିଟି ଶିଲ୍ଡ ଜିତିଛି। ୩୩ ବର୍ଷୀୟ ଏହି ଖେଳାଳି କ୍ଲବ ପାଇଁ ୩୬୦ ମ୍ୟାଚ୍ ଖେଳିଛନ୍ତି। ମୋର ଯିବାର ସମୟ ଆସିଯାଇଛି। ଭଲ ଓ ଖରାପ ସମୟରେ ମୋତେ ଯେଉଁଭଳି ମାଞ୍ଚେଷ୍ଟରରେ ସମର୍ଥନ ମିଳିଛି, ତାକୁ ସବର୍ଦା ମନେ ରଖିବି। ମୋର ଦଳୀୟ ସଦସ୍ୟଙ୍କ ବିନା ମୁଁ ଯେଉଁଠାରେ ଅଛି, ସେଠାରେ ପହଞ୍ଚି ପାରି ନ ଥାନ୍ତି ବୋଲି କମ୍ପାନୀ କହିଛନ୍ତି।

# ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଦୂତୀ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ନିଜର ପ୍ରଭାବୀ ପ୍ରଦର୍ଶନ ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ପ୍ରକାଶ କରି ହଇଚଇ ସୃଷ୍ଟି କରିଛନ୍ତି। ସମଲିଙ୍ଗୀ ସମ୍ପର୍କରେ ଥିବା କଥା ଦୂତୀ ସ୍ୱୀକାର କରିଛନ୍ତି। ଘରୋଇ ସହର ଯାଜପୁରର ଜଣେ ଝିଅଙ୍କ ସହ ଗତ ୩ ବର୍ଷ (୨୦୧୭)ହେବ ତାଙ୍କର ସମ୍ପର୍କ ରହିଛି ବୋଲି ୨୩ ବର୍ଷୀୟା ଭାରତର ଏହି ଦ୍ରୁତତମ ଧାବିକା ପ୍ରକାଶ କରିଛନ୍ତି। ସେ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ସମଲିଙ୍ଗୀ ସମ୍ପର୍କରେ ରହିଥିବା କଥା ସ୍ୱୀକାର କରିଛନ୍ତି। ଏହି ସମ୍ପର୍କକୁ ଦୀର୍ଘ ସମୟଧରି ଆଗକୁ ଚାଲୁ ରଖିବାକୁ ଆମେ ପ୍ରଥମେ ଚିନ୍ତା କରି ନ ଥିଲୁ। ତେବେ ୨୦୧୮ ସେପ୍ଟେମ୍ବରରେ ସମଲିଙ୍ଗୀ ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ ଆମକୁ ଉତ୍ସାହିତ କରିଛି ଏବଂ ଆମେ ସାଥୀ ହୋଇ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଛୁ ବୋଲି ଦୂତୀ ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରୁଲିଙ୍ଗ୍ ସେକ୍ସନ ୩୭୭ ଅନୁଯାୟୀ, ସମଲିଙ୍ଗୀ ସମ୍ପର୍କରେ କୌଣସି କ୍ଷତି ନାହିଁ ବୋଲି କୁହାଯାଇଛି। ତେଣୁ ଆମେ ଦୁଇଜଣ ବିବାହ କରି ଏକ ଛୋଟ ପରିବାର ସହ ଜୀବନ ଅତିବାହିତ କରିବୁ ବୋଲି ଦୂତୀ କହିଛନ୍ତି। ସାଥୀ ଜଣକ ହେଉଛନ୍ତି ମୋ ନିଜ ଗାଁର। ସେ ମଧ ଜଣେ ବଡ଼ କ୍ରୀଡ଼ା ପ୍ରଶଂସକ। ମୋ ସଂଘର୍ଷ ଓ ସଫଳତାର କାହାଣୀରେ ସେ ପ୍ରଭାବିତ ହୋଇ ପ୍ରେରଣା ପାଇଛନ୍ତି ଓ ଏହାପରେ ଆମେ ଦୁହେଁ ନିକଟତର ହୋଇଥିଲୁ ବୋଲି ଦୂତୀ କହିଛନ୍ତି। ତେବେ ନିଜ ପାର୍ଟନର ବା ସାଥୀଙ୍କ ନାମ କହିବାକୁ ଦୂତୀ ମନା କରିଦେଇଛନ୍ତି। ସେ ନିଜେ ଚାହିଁଲେ ତାଙ୍କ ନାମ ସମସ୍ତଙ୍କୁ କହିପାରିବେ। ଏହା ତାଙ୍କର ବ୍ୟକ୍ତିଗତ ଅଧିକାର ଓ ଏ ନେଇ ତାଙ୍କ ଇଚ୍ଛାକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ଦୂତୀ କହିଛନ୍ତି।

ଯେଉଁଭଳି ଚାହୁଁଛୁ, ଆମେ ସେହିଭଳି ବଞ୍ଚିବାକୁ ପ୍ରୟାସ କରିବୁ। ଆମେ କୌଣସି ଅପରାଧ କରିନାହୁଁ। ନିଜ ଇଚ୍ଛା ଅନୁସାରେ ଆମେ ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହୁଁ। ଦେଶ ପାଇଁ ଖେଳୁଥିବାରୁ ମୁଁ ସମସ୍ତଙ୍କ ନଜରରେ ରହିଛି। ଖେଳ ଛାଡ଼ିବା ପରେ ମୋ ପାଖରେ ବହୁତ ସମୟ ରହିବ ଓ ସାରା ଜୀବନ ମୋତେ ବଞ୍ଚିବାକୁ ପଡିବ। ଗତ ଦୁଇବର୍ଷ ହେବ ମୋ ସାଥୀ ମୋତେ ସମର୍ଥନ କରିଆସୁଛନ୍ତି। ବଡ଼ ବଡ଼ ଇଭେଣ୍ଟରେ ଭାଗନେବା ଅବସରରେ ସେ ମୋ ସହିତ ଆସି ନ ଥାନ୍ତି। ତେବେ ଖେଳୁଥିବା ବେଳେ ଦୂରରେ ଥାଇ ସେ ମୋ ପାଇଁ ପ୍ରାର୍ଥନା କରିଥାନ୍ତି। ଆମେ ଏପର୍ଯ୍ୟନ୍ତ ଅଧିକ ସମୟ ସାଥୀହୋଇ ବିତାଇନାହୁଁ। ତେବେ ସେ ମୋତେ ସବୁବେଳେ ସମର୍ଥନ ଜଣାଇ ଆସିଛନ୍ତି।



ନିଜ ପରିବାରରେ ଏହି ସମ୍ପର୍କକୁ କିପରି ସମର୍ଥନ ରହିଛି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଦୂତୀ କହିଲେ ଯେ, ମୋର ଜୀବନସାଥୀ ବାଛିବା ନେଇ ମୋ ପରିବାର ମୋତେ ସ୍ୱାଧୀନତା ଦେଇଛି। ମାତ୍ର ଏବେ ସମଲିଙ୍ଗୀ ସମ୍ପର୍କ ଖବର ପ୍ରଚାରିତ ହେବାପରେ ସେ ଏହାକୁ ନାପସନ୍ଦ କରୁଥିବା ମୁଁ ଶୁଣିବାକୁ ପାଉଛି। ମୁଁ ହାଇଦ୍ରାବାଦରେ ଥିବାରୁ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଛି, ମାତ୍ର ସମ୍ଭବ ହୋଇନାହିଁ। ମୋ ସମ୍ପତ୍ତି ହଡ଼ପ କରିବା ପାଇଁ ଏପରି ଚକ୍ରାନ୍ତ କରାଯାଉଛି ବୋଲି ସେମାନେ ଅନୁଭବ କରୁଛନ୍ତି। ମାତ୍ର ମୁଁ ଛୋଟପିଲା ନୁହେଁ। ମୁଁ ସବୁ ଭାବିଚିନ୍ତି ଏ ସମ୍ପର୍କରେ ନିଷ୍ପତ୍ତି ନେଇଛି। ଏଥିପାଇଁ ମୋତେ କେହି ପ୍ରଭାବିତ କରିନାହାନ୍ତି। ସେମାନେ ଏହାକୁ ବୁଝିବା ଉଚିତ। ତେବେ ଭବିଷ୍ୟତରେ ଆମ ସମ୍ପର୍କକୁ ପରିବାର ଗ୍ରହଣ କରିବା ନେଇ ମୋର ଆଶା ରହିଛି ବୋଲି ଦୂତୀ ପ୍ରକାଶ କରିଛନ୍ତି।

ଯାଜପୁରର ଚକ ଗୋପାଳପୁର ଗ୍ରାମର ଏକ ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିବା ଦୂତୀ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଟ୍ରାକ୍ ଆଣ୍ଡ ଫିଲ୍ଡରେ ସେ ରାଜ୍ୟ ତଥା ଦେଶକୁ ଅନ୍ତର୍ଜାତୀୟସ୍ତରରେ ଗୌରବାନ୍ୱିତ କରିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ଦୂତୀ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ସେ ୧୦୦ ଓ ୨୦୦ ମିଟର ଦୌଡ଼ରେ ଏହି ସଫଳତା ପାଇଥିଲେ। ଦୀର୍ଘ ୩୨ ବର୍ଷ ପରେ ସେ ପ୍ରଥମ ଭାରତୀୟ ଭାବେ ଏସିଆଡ୍‌ରେ ୧୦୦ମି. ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ। ଏବେ ଦୂତୀ ହାଇଦ୍ରାବାଦରେ ରହି ପ୍ରଶିକ୍ଷଣ ଜାରି ରଖିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରକାଶଯୋଗ୍ୟ, ଦେହରେ ଅତ୍ୟଧିକ ପୁରୁଷ ହର୍‌ମୋନ ହାଇପର ଆଣ୍ଡ୍ରୋଜେନିଜମ୍ କାରଣରୁ ସେ ପ୍ରଥମେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଦ୍ୱାରା ବାସନ୍ଦ ହୋଇଥିଲେ। ସେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରି ବିଜୟୀ ହେବା ସହ କ୍ରୀଡ଼ାକୁ ପୁଣି ପ୍ରତ୍ୟାବର୍ତ୍ତନ କରି ସଫଳତା ହାସଲ କରିଚାଲିଛନ୍ତି।

## ପ୍ରତିକ୍ରିୟା

**ରସୁଲପୁର, ୧୯।୫(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଚକ ଗୋପାଳପୁର ଗାଁର ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦଙ୍କ ସମଲିଙ୍ଗୀ ବିବାହ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଦୂତୀଙ୍କ ବଡ ଭଉଣୀ ତଥା ଅନ୍ୟତମ ଅନ୍ତର୍ଜାତୀୟ ଧାବିକା ସରସ୍ୱତୀ ଚାନ୍ଦ କହିଛନ୍ତି ଯେ, ''ଦୂତୀଙ୍କ ବିବାହ ପ୍ରସଙ୍ଗ ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଜଣଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ବାହାରେ ଚର୍ଚ୍ଚା ହେବା ଘଟଣାକୁ ସେ ପସନ୍ଦ କରନ୍ତି ନାହିଁ। ସାନଭଉଣୀ ଦୂତୀଙ୍କ ବିରୁଦ୍ଧରେ ଷଡଯନ୍ତ୍ର ହୋଇଛି। ତା'ର ଅର୍ଥକୁ ହଡପ କରିବା ସହ କ୍ୟାରିୟରକୁ ନଷ୍ଟ କରିବାକୁ ଚକ୍ରାନ୍ତ ହୋଇଛି''। ଏ ସମ୍ପର୍କରେ ଗାଁର ମୁରବି ଶ୍ରୀ ବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସ କୁହନ୍ତି ଯେ, ''ଦୂତୀ ତାଙ୍କ ସାଥୀ ଝିଅଙ୍କ ସହ ରହିଥିବା ସମ୍ପର୍କକୁ ନେଇ ମତ ସ୍ପଷ୍ଟ କରିସାରିଛନ୍ତି । ତେବେ ତାଙ୍କର ବ୍ୟକ୍ତିଗତ ମାମଲାକୁ ନେଇ ଏତେ ଚର୍ଚ୍ଚା ହେବା ଠିକ୍ ନୁହେଁ। ସମ୍ପୂର୍ଣ୍ଣ ଘଟଣାକୁ ଲକ୍ଷ୍ୟ କଲେ ଦୂତୀଙ୍କ ସମ୍ପତ୍ତି ହଡପ ପାଇଁ ଏହା ଏକ ସୁଚିନ୍ତିତ ଯୋଜନା''।

ଦୂତୀଙ୍କ ମା ଅଖଜୀ ଚାନ୍ଦ ମତ କିନ୍ତୁ ଭିନ୍ନ ରଖିଛନ୍ତି । ସେ ଦୂତୀଙ୍କ ଉପରେ ଅଧିକ ମତ ରଖିବାକୁ ମନା କରିଦେଇଚନ୍ତି । ମାତ୍ର ସମଲିଙ୍ଗୀ ବିବାହକୁ ତାଙ୍କ ପରିବାର କେବେ ହେଲେ ଗ୍ରହଣ କରିବ ନାହିଁ । ଏହି ଘଟଣାକ୍ରମକୁ ସେ ଷଡଯନ୍ତ୍ର ବୋଲି ଆଖ୍ୟାଦେବା ସହ ନିଜ ସମ୍ପର୍କୀୟ ଏଥିରେ ସାମିଲ ଅଛନ୍ତି । ଦୂତୀ ଯାହାକୁ ମଣିଷ କଲା, ଯେଉଁ ଅନୁଷ୍ଠାନ ଦୂତୀକୁ ନେଇ ନାଁ କମାଇଲା । ସେହିମାନେ ସବୁ ଆଜି ତା ପାଇଁ ଓ ଆମ ପରିବାର ଲାଗି ଅସୁବିଧା ସୃଷ୍ଟି କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି ।

# ଯୁବରାଜଙ୍କ ଅବସର ଚିନ୍ତା

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

ସୀମିତ ଓଭର କ୍ରିକେଟରେ ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ଯୁବରାଜ ସିଂ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ଗ୍ରହଣ କରିବା ଲାଗି ଗୁରୁତର ସହ ଚିନ୍ତା କରୁଛନ୍ତି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅନୁମୋଦିତ ବିଦେଶୀ ଟି୨୦ ଲିଗ୍‌ରେ ଜଣେ ଫ୍ରିଲାନ୍ସ (ଆତ୍ମନିଯୁକ୍ତ) କ୍ରିକେଟର ଭାବେ ଖେଳିବାକୁ ଚାହୁଁଛନ୍ତି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରୁ ଏଥିଲାଗି ଅନୁମତି ମିଳିବା ପରେ ପଞ୍ଜାବର ଏହି ବିସ୍ଫୋରକ ବାମହାତୀ ବ୍ୟାଟ୍ସମ୍ୟାନ ତାଙ୍କ ଅନ୍ତିମ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଏଥିସହ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ଆଉ ସମ୍ଭାବନା ନାହିଁ ବୋଲି ଯୁବରାଜ ସ୍ୱୀକାର କରିସାରିଛନ୍ତି। 'ଯୁବରାଜ ଅନ୍ତର୍ଜାତୀୟ ଓ ପ୍ରଥମଶ୍ରେଣୀ କ୍ରିକେଟ୍‌ରୁ ଅବସର ନେବାକୁ ଚିନ୍ତା କରୁଛନ୍ତି। ଜିଟି୨୦ (କାନାଡା) ଏବଂ ଆୟର୍ଲାଣ୍ଡ ଓ ନେଦରଲାଣ୍ଡସରେ ହେବାକୁ ଥିବା ୟୁରୋ ଟି୨୦ ସ୍ଲାମ୍‌ରେ ଖେଳିବା ଲାଗି ଆସିଥିବା ଅଫର ବିଷୟରେ ସେ ବିସିସିଆଇ ସହିତ ସ୍ପଷ୍ଟ ଭାବେ ଆଲୋଚନା କରିବାକୁ ଚାହୁଁଛନ୍ତି' ବୋଲି ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି। ନିକଟରେ କାର୍‌ବୀୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଖେଳିବା ପାଇଁ ଇର୍ଫାନ ପଠାନ ତାଙ୍କ ନାମକୁ ଡ୍ରାଫ୍ଟକୁ ସୁପାରିସ କରିଥିଲେ। କିନ୍ତୁ ଇର୍ଫାନ ପ୍ରଥମଶ୍ରେଣୀ କ୍ରିକେଟରେ ସକ୍ରିୟ ରହିଥିବା ସତ୍ତ୍ୱେ ବିସିସିଆଇ ନିକଟରୁ ଅନୁମତି ନେଇ ନ ଥିଲେ। 'ଡ୍ରାଫ୍ଟରୁ ନାମକୁ ଉଠାଇ ନେବା ଲାଗି ଇର୍ଫାନଙ୍କୁ କୁହାଯାଇଥିଲା। ଯୁବରାଜଙ୍କ କ୍ଷେତ୍ରରେ ଆମେ ନିୟମକୁ ଚେକ୍ କରିବୁ। ଯଦି ସେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଯାଆନ୍ତି, ତଥାପି ସେ ବର୍ତ୍ତମାନ ବି ବିସିସିଆଇ ସ୍ୱୀକୃତିପ୍ରାପ୍ତ ଟି୨୦ ଲିଗ୍‌ରେ ଜଣେ ସକ୍ରିୟ ସଦସ୍ୟ। ଏ ନେଇ ଆମକୁ ନିୟମକୁ ଯାଞ୍ଚ କରିବାକୁ ପଡ଼ିବ' ବୋଲି ବିସିସିଆଇର ଏହି ବରିଷ୍ଠ ଅଧିକାରୀ ପିଟିଆଇକୁ ଏକ ସାକ୍ଷାତ୍‌କାର ଅବସରରେ କହିଛନ୍ତି। ଗତ ଆଇପିଏଲ୍‌ରେ ଯୁବରାଜ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ମଧ ତାଙ୍କୁ ଖେଳିବାର ବେଶି ସୁଯୋଗ ମିଳି ନ ଥିଲା। ଏହା ହିଁ ଯୁବରାଜଙ୍କୁ ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରିବାକୁ ବାଧ କରିଥିବା କୁହାଯାଉଛି। ଯଦି କାନାଡ଼ା ଓ ୟୁରୋ ଟି୨୦ ସ୍ଲାମ୍‌ରେ ଯୁବରାଜ ଖେଳନ୍ତି, ତେବେ ଏହି ଲିଗ୍‌ର ମାଇଲେଜ୍ ଆଶାତୀତ ଭାବେ ବଢ଼ିଯିବାର ସମ୍ଭାବନା ରହିଛି। ଡବ୍‌ଲିନରେ ଅନୁଷ୍ଠିତ ଟି୧୦ ଲିଗ୍‌ରେ ଯଦି ଜାହିର ଖାଁ ଓ ବୀରେନ୍ଦ୍ର ସେହ୍ୱାଗଙ୍କୁ ଖେଳିବାକୁ ଅନୁମତି ଦିଆଯାଇଛି, ତେବେ ଯୁବରାଜଙ୍କୁ କାହିଁକି ମିଳିବ ନାହିଁ ବୋଲି କିଛି ଲୋକ ପ୍ରଶ୍ନ କରିଛନ୍ତି। ଯଦି ଅବସରପ୍ରାପ୍ତ ଖେଳାଳିଙ୍କୁ ବିଗ୍ ବାସ୍ ଲିଗ୍, କାର୍‌ବୀୟନ ପ୍ରିମିୟର ଲିଗ୍, ବାଂଲାଦେଶ ପ୍ରିମିୟର ଲିଗ୍ ଆଦିରୁ ଖେଳିବାକୁ ଅଫର ଆସେ ତେବେ ଖେଳିବାରେ କୌଣସି ଅସୁବିଧା ନାହିଁ ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି। ଯୁବରାଜ ଭାରତ ପକ୍ଷରୁ ୪୦ ଟେଷ୍ଟ, ୩୦୪ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୧୯୦୦ ରନ୍ କରିଥିବାବେଳେ ଦିନିକିଆରେ ୮୭୦୧ ରନ୍ କରିଛନ୍ତି, ଯେଉଁଥିରେ ୧୪ ଶତକ ଓ ୫୨ ଅର୍ଦ୍ଧଶତକ ସାମିଲ। ସେହିଭଳି ୮ଟି ଅର୍ଦ୍ଧଶତକ ସହ ଟି୨୦ରେ ୧୧୭୭ ରନ୍ କରିଛନ୍ତି। ଦିନିକିଆ ଓ ଟି୨୦ରେ ତାଙ୍କ ନାମରେ ଯଥାକ୍ରମେ ୧୧୧ ଓ ୨୮ ଉଇକେଟ୍ ସାମିଲ ରହିଛି।



# ରିଜର୍ଭ ଲିଷ୍ଟରେ ବ୍ରାଭୋ, ପୋଲାର୍ଡ





**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୧୯।୫(ପି.ଟି.)**

ଆଇସିସି ବିଶ୍ୱକପ୍ ଲାଗି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ରବିବାର ୧୦ ରିଜର୍ଭ ଖେଳାଳିଙ୍କ ନାମ ପ୍ରକାଶ ପାଇଛି । ଏହି ତାଲିକାରେ ଅବସର ନେଇସାରିଥିବା ଅଲ୍‌ରାଉଣ୍ଡର ଡ୍ୱେନ୍ ବ୍ରାଭୋଙ୍କ ସହ କିରନ ପୋଲାର୍ଡ ସ୍ଥାନ ପାଇଛନ୍ତି। ବ୍ରାଭୋ ଗତବର୍ଷ ଅକ୍ଟୋବରରେ ଅବସର ନେଇସାରିଥିବାବେଳେ ପୋଲାର୍ଡ ଶେଷଥର ପାଇଁ ୨୦୧୬ ଅକ୍ଟୋବରରେ ଦିନିକିଆ କ୍ରିକେଟରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସର ଷ୍ଟାର୍ ଅଲ୍‌ରାଉଣ୍ଡର ବ୍ରାଭୋ ମଧ ୨୦୧୪ ଅକ୍ଟୋବରରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ୨୦୧୬ ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷ ଅନୁଷ୍ଠିତ ଟି୨୦ ଜାତୀୟ ଦଳ ପକ୍ଷରୁ ତାଙ୍କର ଅନ୍ତିମ ମ୍ୟାଚ୍ ଥିଲା। ବୋର୍ଡ ସହିତ ପାଉଣା ବିବାଦକୁ ନେଇ ମତାନ୍ତର ହେବାରୁ ୨୦୧୪ରେ ବ୍ରାଭୋଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା। ସେବେଠାରୁ ଜାତୀୟ କ୍ରିକେଟ୍ ବୋର୍ଡ ଓ ବ୍ରାଭୋଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

ଅପରପକ୍ଷରେ ପୋଲାର୍ଡ ୨୦୧୬ରେ ପାକିସ୍ତାନ ବିପକ୍ଷରେ ନିଜର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେହିଭଳି ଗତବର୍ଷ ନଭେମ୍ବରରେ ଭାରତ ବିପକ୍ଷ ଟି୨୦ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ବିଶ୍ୱକପ୍ ଲାଗି ଘୋଷିତ ରିଜର୍ଭ ଖେଳାଳି ଲିଷ୍ଟରେ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଆମ୍ବ୍ରିସ, ଜନ୍ କ୍ୟାମ୍ପ୍‌ବେଲ, ଜୋନାଥନ କାର୍ଟର, ରୋଷ୍ଟନ ଚେଜ୍, ଶେନ୍ ଡାରୱିଚ, କେମୋ ପଲ୍, ଖାରୀ ପିୟର ଓ ରୟମନ ରେଇଫର୍ ସ୍ଥାନ ପାଇଛନ୍ତି। 'ବିଶ୍ୱକପ୍ ମଝିରେ ଯଦି ଖେଳାଳି ବଦଳ ଆବଶ୍ୟକ ହୁଏ, ତେବେ ଏମାନଙ୍କ ମଧ୍ୟରୁ ଚୟନ କରାଯିବ' ବୋଲି ସିଡବ୍ଲ୍ୟୁଆଇ ଚୟନ କମିଟିର ଅନ୍ତରୀଣ ଅଧ୍ୟକ୍ଷ ରବର୍ଟ ହେନ୍ସ କହିଛନ୍ତି। ଇଂଲଣ୍ଡର ସାଉଥ୍‌ହମ୍ପଟନ୍‌ଠାରେ ରବିବାରଠାରୁ ୱେଷ୍ଟଇଣ୍ଡିଜ ଏହାର ପ୍ରସ୍ତୁତି କ୍ୟାମ୍ପ୍ ଆରମ୍ଭ କରିଛି। ଆସନ୍ତା ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ମେ ୩୧ରେ ପାକିସ୍ତାନ ବିପକ୍ଷରୁ ୱେଷ୍ଟଇଣ୍ଡିଜ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।




# ସୁମିତ ବୋଷ ସ୍ମାରକୀ କ୍ରିକେଟ: ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**କଟକ ଅଫିସ, ୧୯।୫**

ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ରବିବାର ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ବାଳକ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଜୁଭେନାଇଲ କ୍ଲବକୁ ୬୮ରନରେ ପରାସ୍ତ କରି ୟୁନିୟନ ସ୍ପୋର୍ଟିଂ କ୍ଲବ ଟାଇଟଲ ହାସଲ କରିଛି । ବିମଳ ଦାସ ୬ ଉଇକେଟ ଦଖଲ କରି ୟୁନିୟନ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୯ ଉଇକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିଲା । ଚିତ୍ତରଞ୍ଜନ ବେହେରା ୪୪ରନ, ନୀତୀଶ ମୁଦୁଲି ୩୭ରନ ଓ ଦୀପକ ରଞ୍ଜନ ବେହେରା ୨୫ରନର ଅପରାଜିତ ଇନିଂସ ଖେଳିଥିଲେ । ଜୁଭେନାଇଲ ପକ୍ଷରୁ ସାଇଦୀପ ମହାପାତ୍ର ଓ ସୌରଭ ସ୍ୱାଇଁ ୩ଟି ଲେଖାଏ ଉଇକେଟ ହାସଲ କରିଛନ୍ତି । ୧୮୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ଜୁଭେନାଇଲ ଦଳ ୧୧୩ରନରେ ଅଲଆଉଟ ହୋଇଥିଲା । ସାଇଦୀପ ଦଳ ପକ୍ଷରୁ ସର୍ବାଧିକ ୩୭ରନ କରିଥିଲେ। ୟୁନିୟନ ଦଳର ବିମଳ ୮ଓଭର ବୋଲିଂ କରି ୩୦ରନ ବିନିମୟରେ ସର୍ବାଧିକ ୬ଟି ଉଇକେଟ ହାସଲ କରିଛନ୍ତି। ଯଜ୍ଞଜିତ ସାହୁ ଓ ନୀତୀଶ ମୁଦୁଲିଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି । ବିମଳ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ ହୋଇଥିଲେ। ଯଜ୍ଞଜିତ ସାହୁ ମ୍ୟାନ ଅଫ ଦି ସିରିଜ, ସାଇଦୀପ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବିମଳ ଦାସ ଶ୍ରେଷ୍ଠ ବୋଲର, ସମ୍ମିତ କୁମାର ସାହୁ ଶ୍ରେଷ୍ଠ ଉଇକେଟ କିପର, କେ. କିରଣ କୁମାର ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱଭାରତୀ କ୍ଲବ ସମ୍ପାଦକ ସୌମିତ୍ରା ଚୌଧୁରୀ, ସଭାପତିବିଶ୍ୱଜିତ ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି, ଏସ୍‌ସିବି ମେଡ଼ିକାଲ କଲେଜର କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ଅତିଥି ଭାବେ ଉପସ୍ଥିତ ଥିଲେ । ଅମ୍ପାୟର ସୌମେନ୍ଦ୍ର ପାତ୍ର, ସତ୍ୟଜିତ ଦାସ ଫାଇନାଲ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ବିଶ୍ୱରଞ୍ଜନ ଦାସ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

"ସୋମବାର ଗୁଆହାଟୀରେ ଆରମ୍ଭ ହେବାକୁଥିବା ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ମୋର ଆଭିମୁଖ୍ୟ ଅଧିକ ଆକ୍ରମଣାତ୍ମକ ରହିବ।
– ଶିବା ଥାପ୍ପା, ଭାରତୀୟ ବକ୍ସର



"ଅଷ୍ଟ୍ରେଲିଆ ଭଳି ଟପ୍ ଟିମ୍ ବିପକ୍ଷରେ ଖେଳିବା ବେଳେ ଭାରତୀୟ ହକି ଦଳକୁ ଗୋଲ ବ୍ୟବଧାନ ହ୍ରାସ ଉପରେ ଧ୍ୟାନ ଦେବାକୁ ପଡ଼ିବ।
–ଗ୍ରାହମ ରିଡ୍, ଭାରତର ନୂଆ ହକି କୋଚ୍









ଜାତୀୟ କ୍ୟାମ୍ପ ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ଖେଳାଳିମାନେ।

# କଳିଙ୍ଗରେ ଭାରତୀୟ ହକି କ୍ୟାମ୍ପ ଆଜିଠାରୁ

**ଭୁବନେଶ୍ୱର, ୧୯।୫(କ୍ରୀଡ଼ା ପ୍ରତିନିଧି)**

ଅଷ୍ଟ୍ରେଲିଆ ଟୁର୍ ଶେଷ କରି ୧୮ ଜଣିଆ ଭାରତୀୟ ହକି ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କ ସହ କୋର୍ ଗ୍ରୁପ୍‌ର ୧୪ ଖେଳାଳି ଯୋଗ ଦେଇଛନ୍ତି। ଏହି ୩୨ ଜଣଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବ। ଏମାନଙ୍କ ମଧ୍ୟରେ ୫ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, ନିଲମ ସଞ୍ଜୀପ୍ ଖେସ୍, ଆଶିଷ କୁମାର ଟପ୍ପୋ ଓ ଶିଳାନନ୍ଦ ଲାକ୍ରା। ଜୁନ ୬ରୁ ଏଠାରେ ଆରମ୍ଭ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ଦଳ ଏଠାରେ ପ୍ରସ୍ତୁତ ହେବ।

ଅଷ୍ଟ୍ରେଲିଆ ଗସ୍ତରୁ ଫେରିଥିବା ୧୮ ଜଣଯାକ ସଦସ୍ୟଙ୍କୁ ହକି ଇଣ୍ଡିଆ କ୍ୟାମ୍ପରେ ଅପରିବର୍ତ୍ତିତ ରଖିଛି। ଏହି ଗସ୍ତରେ ଭାରତୀୟ ଦଳ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଥଣ୍ଡରଷ୍ଟିକ୍ସ ଓ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଡ୍ର ରଖିଥିଲା। ପରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ନିକଟରୁ ଦଳ ୨ଟି ମ୍ୟାଚ ହାରି ଯାଇଥିଲା। କ୍ୟାମ୍ପ ପାଇଁ ଗୋଲକିପର ପି.ଆର.ଶ୍ରୀଜେଶ, ସୁରଜ କରକେରା ଓ କ୍ରିଷ୍ଣନ ବାହାଦୁର ପାଠକଙ୍କୁ ସାମିଲ କରାଯାଇଛି। ସେହିପରି ଡିଫେଣ୍ଡର ହରମନପ୍ରୀତ

## ୫ ଓଡ଼ିଆଙ୍କ ସହ ୩୨ ଖେଳାଳି ସାମିଲ

ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡ଼ାଙ୍ଗବାମ୍, ନୀଲମ ସଞ୍ଜୀବ ଖେସ୍, ଜରମନପ୍ରୀତ ସିଂଙ୍କୁ ଡାକରା ଦିଆ ଯାଇଛି। ସେହିପରି ମିଡ୍‌ଫିଲ୍ଡର ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ସଚକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ ଏବଂ ଫରୱାର୍ଡ ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଏସ.ଭି. ସୁନୀଲ ଓ ଗୁରଜାନ୍ତ ସିଂଙ୍କୁ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଏହି କ୍ୟାମ୍ପରେ ସାମିଲ କରିଛନ୍ତି।

ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ଟୁର୍ ସମ୍ପର୍କରେ ରିଡ୍ କହିଲେ ଯେ, ''ଏହି ଗସ୍ତରୁ ଭାରତୀୟ ଦଳ ସମ୍ପର୍କରେ ଜାଣିବା ପାଇଁ ମୋତେ ବିଶେଷ ସୁଯୋଗ ମିଳିଲା। ବିଶ୍ୱର ୨ ନମ୍ବର ଦଳ ତୁଳନାରେ ଭାରତୀୟ ଦଳ କେଉଁ ସ୍ଥାନରେ ରହିଛି ତାହା ଜାଣି ପାରିଲି। ୨୦୧୮ରେ ହକି ବିଶ୍ୱକପ ପରଠାରୁ ଅଷ୍ଟ୍ରେଲିଆ ଖେଳାଳିମାନେ ଏଫଆଇଏଚ୍ ପ୍ରୋ –ଲିଗ୍‌ରେ ନିୟମିତଭାବେ ବିଶ୍ୱଶ୍ରେଣୀୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଖେଳି ଆସୁଛନ୍ତି। ତାଙ୍କ ବିପକ୍ଷରେ ୨ଟି ମ୍ୟାଚରେ ଏହା ପ୍ରତିଫଳିତ ହେଲା। ଆମେ ଅଲିମ୍ପିକ୍ସ ଯୋଗ୍ୟତା ଉପରେ ନଜର ରଖିଥିବାରୁ ଏହି ଗସ୍ତ ବେଶ୍ ଉପାଦେୟ ହୋଇଛି। ଏହାବ୍ୟତୀତ ଭୁବନେଶ୍ୱରରେ ହେବାକୁ ଯାଉଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ପାଇଁ ମଧ୍ୟ ଭଲ ପ୍ରସ୍ତୁତି ହୋଇ ପାରିଛି। ବିଶ୍ୱ ଶ୍ରେଣୀୟ ଦଳ ବିପକ୍ଷରେ ଚାପ ପରିସ୍ଥିତିରେ ଖେଳାଳିଙ୍କ ପ୍ରଦର୍ଶନକୁ ମୁଁ ନିକଟରୁ ଦେଖିବା ସୁଯୋଗ ପାଇଛି। ଆମେ କେବଳ କୌଣସି ଗୋଟିଏ କ୍ୱାର୍ଟରରେ ନୁହେଁ ପୂରା ଗେମ୍‌ରେ ସ୍ଥିର ପ୍ରଦର୍ଶନ ବଜାୟ ରଖିବା ଆବଶ୍ୟକ ରହିଛି''। ଆକ୍ରମଣାତ୍ମକ ବିଭାଗରେ ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ୫୫ ବର୍ଷୀୟ ରିଡ୍ ପ୍ରକାଶ କରିଛନ୍ତି। ''ଅଷ୍ଟ୍ରେଲିଆ ପରି ଦଳ ବିପକ୍ଷରେ ଭଲ ଫଳାଫଳ ପାଇବାକୁ ହେଲେ ଆମକୁ ଚାପ ପରିସ୍ଥିତିରେ ମଧ୍ୟ ଗୋଲ ସ୍କୋର କରିବାକୁ ପଡ଼ିବ। ଏହି ସମୟରେ ଆମ ଡିଫେଣ୍ଡରଙ୍କୁ ମଧ୍ୟ ସତର୍କତାର ସହିତ ପ୍ରତିପକ୍ଷ ଦଳ ଉପରେ ନଜର ରଖିବାକୁ ହେବ। ଭୁବନେଶ୍ୱରରେ ହେବାକୁଥିବା କ୍ୟାମ୍ପରେ ମୁଁ ବ୍ୟକ୍ତିଗତଭାବେ ଏହା ଉପରେ ବିଶେଷ ଧ୍ୟାନ ଦେବି। ବିଶ୍ୱ ହକିରେ ଏବେ ପାୱାର ଓ ସ୍ପିଡ୍‌ର ଗୁରୁତ୍ୱ ବଢ଼ି ଯାଇଛି। ତେଣୁ ଆମକୁ ଏହି ବିଭାଗରେ ଉନ୍ନତି ଆଣିବାକୁ ପଡ଼ିବ। ଏହା ଏକ ଦୀର୍ଘ ମିଆଦି ଯୋଜନା ହୋଇଥିଲେ ହେଁ ଏବେ ଏହା ଉପରେ ଫୋକସ ରହିବ'' ବୋଲି ଅଷ୍ଟ୍ରେଲିଆର ରିଡ୍ ପ୍ରକାଶ କରିଛନ୍ତି। ଆଗାମୀ କ୍ୟାମ୍ପରେ ଭୁବନେଶ୍ୱର ପରିବେଶ ସହିତ ଖାପ ଖୁଆଇବା ସମ୍ପର୍କରେ ରିଡ୍ କହିଲେ ଯେ, ''ପ୍ରଥମ ସପ୍ତାହରେ ହାଲ୍‌କା ଟ୍ରେନିଂ ଦିଆଯିବ। କାରଣ ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଥିବା ଖେଳାଳିମାନେ କ୍ଲାନ୍ତ ଥିବାବେଳେ କୋର୍ ଗ୍ରୁପର ଅନ୍ୟ ଖେଳାଳିମାନେ ଗତ ୨ ସପ୍ତାହଧରି ବେଙ୍ଗାଲୁରୁଠାରେ କଠିନ ଟ୍ରେନିଂ ନେଇଛନ୍ତି। ତେଣୁ ସେମାନଙ୍କୁ ରିଫ୍ରେଶ ହେବାପାଇଁ କିଛିଦିନ ସମୟ ଲାଗିବ। ଭୁବନେଶ୍ୱରରେ ଏବେ ଭୀଷଣ ଗରମ ହେଉଛି। ତେଣୁ ଏହାକୁ ଏଡ଼ାଇବା ପାଇଁ ଆମେ ସକାଳବେଳା ଏବଂ ରାତିରେ ଅଭ୍ୟାସ କରିବାକୁ ପସନ୍ଦ କରିବୁ। ପ୍ରକାଶ ଯୋଗ୍ୟ, କ୍ୟାମ୍ପରେ ଯୋଗ ଦେଇଥିବା ୩୨ ଖେଳାଳିଙ୍କ ବ୍ୟତୀତ ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ଲଳିତ କୁମାର ଉପାଧ୍ୟାୟ, ରମଣଦୀପ ସିଂ ଓ ଓଡ଼ିଶାର ଦୀପସାନ ତିର୍କୀ ଏବେ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ରିହାବିଲିଟେଶନରେ ରହିଛନ୍ତି।

### କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳି

**ଗୋଲକିପର:** ପି.ଆର. ଶ୍ରୀଜେଶ, ସୁରଜ କରକେରା, କ୍ରିଷ୍ଣନ ବାହାଦୁର ପାଠକ।

**ଡିଫେଣ୍ଡର:** ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ଅମିତ ରୋହିଦାସ, ବରୁଣ କୁମାର, ରୂପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍, ନୀଲମ ସଞ୍ଜୀପ ଖେସ୍, ଜରମନପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ, ସୁମିତ, ନୀଳକାନ୍ତ ଶର୍ମା, ଜସକରନ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଆଶିଷ କୁମାର ଟପ୍ପୋ, ସୟଦ ନିୟାଜ ରହିମ, ରାଜକୁମାର ପାଲ୍।

**ଫରୱାର୍ଡ:** ମନଦୀପ ସିଂ, ଆକାଶଦୀପ ସିଂ, ଶିଳାନନ୍ଦ ଲାକ୍ରା, ଗୁରସାହିବଜିତ ସିଂ, ସମସେର ସିଂ, ଅର୍ମାନ କୁରେଶି, ସୁମିତ କୁମାର, ସିମରନଜିତ ସିଂ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ।

## ସଂକ୍ଷେପରେ

### ବିଶ୍ୱ ଚାମ୍ପିୟନ ଗଟ୍‌ଲିନଙ୍କୁ ସ୍ୱର୍ଣ୍ଣ

ଓସାକା, ୧୯।୫(ଏଏଫ୍‌ପି): ଏଠାରେ ଚାଲିଥିବା ଗୋଲ୍ଡେନ ଗ୍ରାଁ ପ୍ରି ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ଦୌଡ଼ରେ ଜଷ୍ଟିନ ଗଟ୍‌ଲିନ ଜାପାନର ୟୋଶିହିଦେ କିରୟୁଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୭ ବର୍ଷୀୟ ଗଟ୍‌ଲିନ ୧୦ ସେକେଣ୍ଡ ମଧ୍ୟରେ ରେସ୍ ଶେଷ କରି ଏହି ସଫଳତା ପାଇଛନ୍ତି। ଓସାକାଠାରେ ଅନୁଷ୍ଠିତ ଆଇଏଏଏଫ୍ ୱାର୍ଲ୍ଡ ଚ୍ୟାଲେଞ୍ଜରେ ସେ ଜାପାନିଜ୍ ରନର କିରୟୁଙ୍କୁ ସେକେଣ୍ଡର ଏକ ଶତାଂଶ ସମୟରେ ପରାସ୍ତ କରିଛନ୍ତି। ଇଣ୍ଡୋନେସିଆର ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଲାଲୁ ମହମ୍ମଦ ଜୋହରି (୧୦.୦୩ ସେକେଣ୍ଡ) ଜାତୀୟ ରେକର୍ଡ ଭଙ୍ଗ କରିବା ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆମେରିକାର ମାଇକେଲ ନରମାନ ୨୦୦ ମି. ଦୌଡ଼କୁ ୧୯.୮୪ ସେକେଣ୍ଡରେ ଶେଷକରି ପ୍ରତିଯୋଗିତାର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ନରମାନ ୨୦ ବର୍ଷର ପୁରୁଣା ରେକର୍ଡକୁ ୦.୦୩ ସେ. ପଛରେ ପକାଇଛନ୍ତି।

### ହେଭିୱେଟ ଟାଇଟଲ ବଜାୟ ରଖିଲେ ୱାଇଲ୍ଡର

ନ୍ୟୁୟର୍କ, ୧୯।୫(ଏଏଫ୍‌ପି): ଆମେରିକୀୟ ପେସାଦାର ବକ୍ସର ଡେଓଣ୍ଟେ ୱାଇଲ୍ଡର ୱାର୍ଲ୍ଡ ବକ୍ସିଂ କାଉନସିଲ (ଡବ୍ଲ୍ୟୁବିସି) ହେଭିୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଏଠାରେ ଅନୁଷ୍ଠିତ ମୁକାବିଲାରେ ୩୩ ବର୍ଷୀୟ ୱାଇଲ୍ଡର ଦମ୍‌ଦାର ପ୍ରଦର୍ଶନ କରି ପ୍ରଥମରାଉଣ୍ଡରେ ହିଁ ନିଜ ଦେଶର ଅନ୍ୟତମ ପେସାଦାର ବକ୍ସର ଡୋମିନିକ ବ୍ରିଜେଲ୍‌ଙ୍କୁ ହରାଇ ଡବ୍ଲ୍ୟୁବିସି ହେଭିୱେଟ୍ ବକ୍ସିଂରେ ନିଜର ପ୍ରଭାବ ବଜାୟ ରଖିବାରେ ସଫଳ ହୋଇଛନ୍ତି। ହେଭିୱେଟ ଇତିହାସରେ ୱାଇଲ୍ଡର ନିଜ ଡାହାଣହାତର ସକ୍ଷମତା ନେଇ ବେଶ୍ ପରିଚିତ। ଓପନିଂ ରାଉଣ୍ଡରେ ମାତ୍ର ୪୩ ସେକେଣ୍ଡରେ ମାତ୍ର ଗୋଟିଏ ପଞ୍ଚ୍‌ରେ ହିଁ ୱାଇଲ୍ଡର ପ୍ରତିପକ୍ଷ ଡୋମିନିକଙ୍କୁ ଧାରାଶାୟୀ କରିଥିଲେ। ଏପର୍ଯ୍ୟନ୍ତ ସେ ୪୨ ବାଉଟ୍‌ରେ ଅଂଶଗ୍ରହଣ କରି ୪୧ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ବାଉଟ୍‌କୁ ଅମୀମାଂସିତ ରଖିଥିଲେ।

# ଟିରପ୍‌ଙ୍କୁ ମହିଳା, ବେଲିହୁଙ୍କୁ ପୁରୁଷ ଟାଇଟଲ

**ବାଙ୍ଗାଲୋର, ୧୯।୫ (ପି.ଟି.)**

କେନିଆର ଆଗ୍ନେସ ଟିରପ୍ ଏବଂ ଇଥିଓପିଆର ଆଣ୍ଡାମ୍‌ଲାକ ବେଲିହୁ ଏଠାରେ ରବିବାର ଅନୁଷ୍ଠିତ ଟିସିଏସ୍ ୱାର୍ଲ୍ଡ ୧୦କେ ବେଙ୍ଗାଲୁରୁ ୨୦୧୯ରେ ଯଥାକ୍ରମେ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ବେଲିହୁ ୨୭ ମିନିଟ ୫୬ ସେକେଣ୍ଡ ଟାଇମିଂରେ ଆଇଏଏଏଫ୍ ଗୋଲ୍ଡ ଲେଭଲ ରୋଡ୍ ରେସ୍ ଶେଷ କରିଥିଲେ। ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂଠାରୁ ୮ ସେକେଣ୍ଡ ଏବଂ କୋର୍ସ ରେକର୍ଡଠାରୁ ୧୨ ସେକେଣ୍ଡ ପଛରେ ରହିଥିଲେ। ୨୦ବର୍ଷୀୟ ଇଥିଓପିଆନ ଆଥ୍‌ଲେଟ୍ କହିଛନ୍ତି, ୨୬ ଡିଗ୍ରୀ ସେଲସିଅସ ତାପମାତ୍ରା ଓ ଆର୍ଦ୍ରତା ପରିବେଶରେ ଦୌଡ଼ିବା କଷ୍ଟକର ଥିଲା। ଉଗାଣ୍ଡାର ମାଣ୍ଡେ ବୁସେଣ୍ଡିଜ୍ ୨୮:୦୩ ଟାଇମିଂରେ ଦ୍ୱିତୀୟ ହୋଇଥିଲେ। ଅନ୍ୟପକ୍ଷରେ ବର୍ଷ ଆରମ୍ଭରେ ଟୋକିଓ ମାରାଥନ ବିଜେତା ତଥା ଗତ ଡିସେମ୍ବରରେ ଟାଟା ଷ୍ଟିଲ୍ କୋଲକାତା ୨୫କେ ବିଜେତା ଇଥିଓପିଆର ବୀରହାନୁ ଲିଗିଜ୍ (୨୮:୨୩) ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ଆଗ୍ନେସ ଟିରପ୍ ଏଠାରେ ତାଙ୍କ କୋର୍ସ ରେକର୍ଡଠାରୁ ୨ ମିନିଟ୍ ପଛରେ ରେସ୍ ଶେଷ କରିଥିଲେ। କିନ୍ତୁ ୨୦୧୭ ଆଇଏଏଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୧୦,୦୦୦ ମିଟର ବ୍ରୋଞ୍ଜ ପଦକ ବିଜୟିନୀ ତାଙ୍କ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ବେଙ୍ଗାଲୁରୁ ରେସ୍‌ର ୧୨ ବର୍ଷର ଇତିହାସରେ ପଛକୁପଛ ଟାଇଟଲ ଜିତିବାରେ ସେ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ପୁରୁଷ ତୁଳନାରେ ମହିଳା ରେସ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। କେନିଆର ଆଥଲେଟଙ୍କ ପଛରେ ଇଥିଓପିଆର ୪ ମହିଳା ରହିଥିଲେ। ସେନବେରେ ଟେଫେରି ଏବଂ ଲେଟ୍‌ସେନବେଟ୍ ଗିଡେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଉଭୟଙ୍କ ଫିନିଶିଂ ଟାଇମିଂ ୩୩:୫୫ ରହିଥିଲା। ୨୦୧୮ ୱାର୍ଲ୍ଡ ହାଫ୍ ମାରାଥନ ଚାମ୍ପିୟନ ନେଟସାନେଟ୍ ଗୁଡେଟା (୩୩:୫୬)ଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।



ଓଡ଼ିଶା–ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ।

# ରୋମାଞ୍ଚକ ବିଜୟ ସହ ସେମିରେ ଓଡ଼ିଶା

**କଟକ ଅଫିସ,୧୯।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ–୨୦୧୯(ଡିଭିଜନ–ଏ)ରେ ହକି ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ମୁକାବିଲାରେ ହକି ଓଡ଼ିଶା ୩–୨ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପଲୁସ ଲାକ୍ରା ଫିଲ୍ଡ ଗୋଲ ମାଧ୍ୟମରେ ୨ମିନିଟରେ ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ୧୯ତମ ମିନିଟରେ ମଧ୍ୟପ୍ରଦେଶ ଏହି ଗୋଲ ସୁଝିଥିଲା। ଶ୍ରେୟାସ ଧୂପେ ଫିଲ୍ଡ ଗୋଲ ମାଧ୍ୟମରେ ଉକ୍ତ ସ୍କୋର କରିଥିଲେ। ପରେ ୩୮ତମ ମିନିଟରେ ପଲୁସଙ୍କ ଷ୍ଟିକରୁ ଓଡ଼ିଶା ଦ୍ୱିତୀୟ ଗୋଲ ହାସଲ କରିଥିଲା । ଏହାର ୧୧ମିନିଟ ପରେ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଷ୍ଟ୍ରାଇକର ଶ୍ରେୟାସ ପୁର୍ନବାର ଏକ ଗୋଲ ଦେଇ ମ୍ୟାଚ୍‌କୁ ୨–୨ ସ୍ଥିତିରେ ପହଞ୍ଚାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଓଡ଼ିଶାକୁ ଏକ ପେନାଲ୍ଟି କର୍ନରର ସୁଯୋଗ ମିଳିଥିଲା । ରାଜମୋନ ତିଲେ ଏହାକୁ ଗୋଲରେ ପରିବର୍ତ୍ତନ କରି ହକି ଓଡ଼ିଶାକୁ ରୋମାଞ୍ଚକର ବିଜୟ ପ୍ରଦାନ କରିଛନ୍ତି ।

# ପ୍ଲିସ୍‌କୋଭା ଚାମ୍ପିୟନ

**ରୋମ୍, ୧୯।୫ (ଏଏଫ୍‌ପି)**

ଚତୁର୍ଥ ସିଡ୍ ତଥା ଚେକ୍‌ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା ଡବ୍ଲ୍ୟୁଟିଏ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ଫାଇନାଲରେ ସେ ବ୍ରିଟେନର ଜୋହାନା କୋଣ୍ଟାଙ୍କୁ ୬–୩, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୭ ଫ୍ରେଞ୍ଚ ଓପନ ସେମିଫାଇନାଲିଷ୍ଟଙ୍କର ଏହା ହେଉଛି କ୍ୟାରିୟର ୧୩ତମ ଟାଇଟଲ। ଆସନ୍ତା ୨୬ ତାରିଖରେ ଆରମ୍ଭ ହେବାକୁ ଥିବା ରୋଲାଣ୍ଡ ଗ୍ୟାରୋସ ପୂର୍ବରୁ ଏହାଥିଲା ତାଙ୍କର ଅନ୍ତିମ ତଥା ପ୍ରମୁଖ ୱାର୍ମଅପ୍ ଟୁର୍ନାମେଣ୍ଟ। ପୂର୍ବତନ ରୋମ୍ ଚାମ୍ପିୟନ କୋଞ୍ଚିତା ମାର୍ଟିନେଜଙ୍କଠାରୁ କୋଚିଂ ନେଉଥିବା ୨୭ ବର୍ଷୀୟା ଟେନିସ୍ ଖେଳାଳି କହିଛନ୍ତି, ମୋ ପାଇଁ ଏହି ସପ୍ତାହଟି ଖୁବ୍ ଭଲ ଥିଲା। କାରଣ ଏହି ସମୟ ମଧ୍ୟରେ ମୋତେ କେତୋଟି କଠିନ ମ୍ୟାଚ ଖେଳିବାକୁ ହୋଇଥିଲା। ମୁଁ ଲଢେଇ କରି ସେଥିରେ ବିଜୟ ଲାଭ କରିପାରିଥିଲି।


ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ନବକିଶୋର ନାୟକ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୫।୧୯୪୫
ତିରୋଧାନ: ୦୯।୦୫।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁ କି ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣ ଦର୍ଶାଇଥିବା ମାର୍ଗ ଏବଂ ଶିଖାଇଥିବା ସଂସ୍କାର ଆଗକୁ ଜୀବନ ମାର୍ଗରେ ସହାୟକ ହେଉ।
ଆପଣଙ୍କର ଶୋକସନ୍ତପ୍ତ
ସ୍ତ୍ରୀ– କାଦମ୍ବିନୀ, ପୁତ୍ର– ନିର୍ମଳ, ବୋହୂ– ଶର୍ମିଳା, ନାତି–ଆୟନ, ନାତୁଣୀ– ଆଦ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ–୬୬୩୭୦

ତୃତୀୟ ତମ ଜନ୍ମଦିନ ଶୁଭେଚ୍ଛା



ସୂର୍ଯ୍ୟକାନ୍ତ ରାଉତ (ରିଶି)
ହରେକୃଷ୍ଣ ନଗର, ନୀଳାଦ୍ରି ବିହାର, ଭୁବନେଶ୍ୱର
ଆଜି ତୋର ତୃତୀୟ ତମ ଜନ୍ମଦିନ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା, ବୋଉ, ଜେଜେ ମା, ବଡ଼ ବାପା, ବଡ଼ବୋଉ, କୁଲୁ, ସୋନୁ, ହନିଷ୍କା, ସୋନାଲି, ଦିପକ, ନନ୍ଦିନୀ, କଣ୍ଢେଇ, ଟିକିନା।
ଧ–୧୨୫୬୧

Birthday Wish



JANVI (JUHI)
Wishing you a birthday filled with sweet moments and wonderful memories to cherish always.
Happy birth day
Wishes from: Papa, Mama, Chachu, Chachi, Mausa, Mausi, Jeet, Chintu, Pinu, Rishi, Maa, Aae.
D-12563

Birthday Wish



DEEPI
Happy Birthday to a special person who is bringing so much joy to my heart. I am thankful for every moment, we spend together. I wish our happiness never ends.
Happy Birthday Deepi
Best Wishes from:
Bubu, Family & relatives
D-12568

୧୩ତମ ଜନ୍ମଦିନ ଶୁଭେଚ୍ଛା



ରିଦିମା (ସୋନିଆ)
ପ୍ଲଟ୍ ନଂ. ୩୨୫୧, ଚକେଇସିଆଣି
ଆଜି ତୋର ୧୩ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ପାପା, ମାମା, ଜେଜେ, ମା, ଅଜା, ଆଈମାନେ, ମାମୁଁ, ମାଇଁ, କାକୁ, କାକି, ପିଉସା, ପିଉସୀମାନେ, ଲୁବୁନ୍, ଓମ୍, ମାହି ଓ ପରିବାରବର୍ଗ।
ଧ–୧୨୪୪୯

# କେନ୍ଦୁପତ୍ର ଶ୍ରମିକଙ୍କ ଟଙ୍କା ହଡ଼ପ ଅଭିଯୋଗ

**ଫୁଲବାଣୀ ଅଫିସ, ୧୯।୫**

## ୧୦ ଦିନ ଭିତରେ ନ ମିଳିଲେ ଧାରଣା

କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ଅଧୀନରେ କେନ୍ଦୁପତ୍ର ଶ୍ରମିକଙ୍କ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣିଛନ୍ତି କେନ୍ଦୁପତ୍ର ଫଡିରେ କାମ କରିଥିବା ଶ୍ରମିକ । ତୁରନ୍ତ ଟଙ୍କା ପ୍ରଦାନ ବ୍ୟବସ୍ଥା କରିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କ ପାଖରେ ମଧ ଏହି ଅଭିଯୋଗ କରାଯାଇଛି। ୧୦ ଦିନ ଭିତରେ ମଜୁରି ନ ମିଳିଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ୨୦୧୮ରେ ଜୁନ ୪ରୁ ଅକ୍ଟୋବର ୧୬ ପର୍ଯ୍ୟନ୍ତ ବାଲିଗୁଡା ବନ ବିଭାଗର ୮ ଟି କେନ୍ଦୁପତ୍ର ଫଡିରେ ଶ୍ରମିକମାନେ ପତ୍ର ବନ୍ଧେଇ କରିଥିଲେ । ସେତବେଳେ କେବଳ ମଧ୍ୟାହ୍ନଭୋଜନ ପାଇଁ କିଛି ଟଙ୍କା ପ୍ରଦାନ କରାଯାଇଥିଲା । ଫଡ଼ି ବନ୍ଧା ଶେଷରେ ହିସାବ କରି ଖାଇବା ଟଙ୍କା କାଟି ବଳକା ଟଙ୍କା ଦେବା ନିମନ୍ତେ ଚୁକ୍ତି ମଧ ହୋଇଥିଲା। ଶ୍ରମିକମାନେ ଟଙ୍କା ପାଇଁ ରେଞ୍ଜର ଏବଂ ଫରେଷ୍ଟରଙ୍କୁ କହିଥିଲେ । ହେଲେ ଟଙ୍କା ମିଳି ନ ଥିଲା । ବାରମ୍ବାର ଦୌଡିବାକୁ ପଡ଼ିଥିଲା। ଫଡ଼ି ସଂଘ ତରଫରୁ ଲିଖିତ ଭାବେ ଜଣାଗଲା ପରେ ବି କାମର ହିସାବ କି ମଜୁରି ମିଳିଲା ନାହିଁ। ଶ୍ରମିକମାନେ ଏକାଠି ହୋଇ ଫରେଷ୍ଟରଙ୍କୁ ଟଙ୍କା ମାଗିବାରୁ ସେ ଗତ ଏପ୍ରିଲ ସୁଦ୍ଧା ସମୁଦାୟ ଟଙ୍କା ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତଥାପି ଆଜି ପର୍ଯ୍ୟନ୍ତ ମଜୁରି ଟଙ୍କା ମିଳିନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବାଲିଗୁଡ଼ା ରେଞ୍ଜ ଅଧିକାରୀ ଉମେଶ ଦିଗାଲଙ୍କ କହିବା ଅନୁସାରେ ପୂର୍ବତନ ଫରେଷ୍ଟର ଶ୍ରମିକଙ୍କ ୩ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଅପରପକ୍ଷେ ଘଟଣା ସମ୍ପର୍କରେ ଗତ ଏପ୍ରିଲରେ ଜାଣିବାକୁ ମିଳିଛି । ଶ୍ରମିଙ୍କ ଟଙ୍କା ଦିଆ ନ ଯିବା ସମ୍ପର୍କରେ ଖୋଳତାଡ ପରେ ଏହା ପଛରେ ରେଞ୍ଜ ଅଧିକାରୀ ଉମେଶ ଦିଗାଲ ସାମିଲ ଥିବା ଜଣାପଡ଼ିଛି। ତୁରନ୍ତ ଶ୍ରମିକଙ୍କ ଟଙ୍କା ଫେରାଇବାକୁ ତାଙ୍କୁ ତାଗିଦ୍ କରାଯାଇଛି । ନଚେତ୍ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏଫଓ (କେନ୍ଦୁପତ୍ର) ହେମନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଆସିକା,୧୯।୫ (ଡି.ଏନ୍.ଏ.)**

ଗାଙ୍ଗପୁର ଥାନା ନିମିନା ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ଜିତେନ୍ଦ୍ର ନାୟକ (୨୮)। ଜିତେନ୍ଦ୍ର ପୂର୍ବାହ୍ନ ପ୍ରାୟ୧୦ଟାରେ ନିଜ ଘରେ ତାର ସଜାଡୁଥିଲେ। ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ଲାଗି ଜିତେନ୍ଦ୍ରଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗାଙ୍ଗପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏହି ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ନଂ.୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ବଡ଼ ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଆସିକା,୧୯।୫(ଡି.ଏନ୍.ଏ.):** ଆସିକା କଳିଙ୍ଗା ରୋଡ ଡାକବଙ୍ଗଳା ସଂଲଗ୍ନ ବଡନଦୀର ବାଲୁକାଶଯ୍ୟାରୁ ରବିବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ସେ ହେଲେ ଆସିକା ଥାନା ପଥରା ନିକଟରେ ବସବାସ କରୁଥିବା ମୁଣ୍ଡପୋତା କେଳା ସମ୍ପ୍ରଦାୟର ଗୋଲାପ ଗୌରୀ ଗିରି(୨୮)। ଗୋଲାପ ପରିବାରର ଅନ୍ୟ ସଦସ୍ୟଙ୍କ ସହ ପାଣି ନ ଥିବାରୁ ଚାଲିଚାଲି ବଡନଦୀ ପାରି ହେଉଥିଲେ। କୌଣସି କାରଣରୁ ସେଠାରେ ସେ ପଡିଯାଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ଲାଗି ଆସିକା ସରକାରୀ ଡାକ୍ତରଖାନାକୁ ପଠାଇଛି। ଗୋଲାପଙ୍କ ସହ ଥିବା ତାଙ୍କ ଶାଶୁ, ନଣନ୍ଦ ଓ ୨ଶିଶୁଙ୍କୁ ପୋଲିସ ପଚରାଉଚରା କରୁଛି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୧୩/୧୯ରେ ଏକ ଅପମୃତ୍ୟୁ ମାମଲା ହୋଇଛି।



















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ